ଧରିତ୍ରୀ
DHARITRI
51 Years
ଆଜି ମହାସପ୍ତମୀ
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୯/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, September 29/2025 | Page 14 | ₹ 7.00 | RAYAGADA
୫୧ଶ ଭାଗ ୩୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 305 | ମୂଲ୍ୟ₹୭/-




## ଏସିଆ କପ୍: ଭାରତ-ପାକିସ୍ତାନ ଫାଇନାଲ



ଦୁବାଇରେ ରବିବାର ଅନୁଷ୍ଠିତ ଏସିଆ କପ୍ କ୍ରିକେଟ ଫାଇନାଲରେ ପାକିସ୍ତାନର ଶାହିବଜାଦା ଫରହାନଙ୍କୁ ଆଉଟ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ସାଥୀ ଖେଳାଳିଙ୍କ ବଧେଇ। **(ରିପୋର୍ଟ: ଖେଳ ପୃଷ୍ଠା)**

# ଇରାନ୍‌କୁ ଫେରିଲା ଜାତିସଂଘ କଟକଣା

**ପ୍ରାୟ ୧ ଦଶନ୍ଧି ପରେ ଇରାନ୍‌କୁ ଫେରିଛି ଜାତିସଂଘ କଟକଣା। ରୁଷିଆ ଓ ଚାଇନାର ବିରୋଧ ସତ୍ତ୍ୱେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଚାପ ତେହରାନ୍ ଉପରେ ଭାରି ପଡ଼ିଛି। ରବିବାର ଗ୍ରୀନ୍‌ୱିଚ୍ ମିନ୍ ଟାଇମ୍ (ଜିଏମ୍‌ଟି) ମଧ୍ୟରାତ୍ରିରୁ ଏହି କଟକଣା ସ୍ୱତଃ ଲାଗୁ ହୋଇଛି। ଇରାନ୍‌ର ୨୦୧୫ ଆଣବିକ ଚୁକ୍ତିର ୟୁରୋପୀୟ ସ୍ୱାକ୍ଷରକାରୀ ରାଷ୍ଟ୍ରଗୁଡ଼ିକ ସ୍ନାପ୍‌ବ୍ୟାକ୍ (ପୂର୍ବ ଦଣ୍ଡ ପୁନର୍ବାର ଫେରାଇ ଆଣିବା) ବ୍ୟବସ୍ଥା ଲାଗୁ କରିଛନ୍ତି। ଫଳରେ ଇରାନ୍‌ର ଅସ୍ତ୍ରଶସ୍ତ୍ର, ସମ୍ପତ୍ତି, ଯାତ୍ରା, ଆଣବିକ, କ୍ଷେପଣାସ୍ତ୍ର ଓ ବ୍ୟାଙ୍କିଙ୍ଗ୍ ଆଦି କାର୍ଯ୍ୟକଳାପ ଉପରେ କଟକଣା ଜାରି ହୋଇଛି। ଖରାପ ଅବସ୍ଥା ଦେଇ ଗତି କରୁଥିବା ଇରାନ୍ ଅର୍ଥନୀତିର ସବୁ କ୍ଷେତ୍ର ଏଥିଯୋଗୁ ବହୁଳ ପ୍ରଭାବିତ ହୋଇପାରେ। ଆଗାମୀ କିଛି ମାସ ମଧ୍ୟରେ ଇସ୍‌ଲାମୀୟ ରାଷ୍ଟ୍ରର ୯୦ ନିୟୁତରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏହାର ମୂଲ୍ୟ ଦେବାକୁ ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି।**



> ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ତଥାକଥିତ 'ସ୍ନାପ୍‌ବ୍ୟାକ୍' ବ୍ୟବସ୍ଥାର ଦୁରୁପଯୋଗ କରୁଛନ୍ତି। ସଦ୍ୟ କଟକଣା ଏକ ବେଆଇନ ପଦକ୍ଷେପ, ଯାହାର କୌଣସି ଯଥାର୍ଥତା ନାହିଁ। ଜାତିସଂଘ ଏମାନଙ୍କ ଚାପରେ ପଡ଼ି ଇରାନ୍ ଉପରେ ଏପରି କଟକଣା ଲଗାଇଛି।
> **-ଆୟାତୋଲ୍ଲା ଅଲୀ ଖାମେନେଇ, ଇରାନ୍ ସୁପ୍ରିମ୍ ଲିଡର**

ଜାତିସଂଘ/ତେହରାନ୍, ୨୮।୯ (ଏପି/ଏଜେନ୍ସି)

ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ନେଇ ଜାତିସଂଘ ପକ୍ଷରୁ ରବିବାର ତେହରାନ୍ ଉପରେ କଟକଣା ପୁନଃ ଜାରି କରାଯାଇଛି। ଏହି କଟକଣା ପରେ ବିଦେଶରେ ଥିବା ଇରାନୀୟ ସମ୍ପତ୍ତି ବାଜାପ୍ତ ହେବ, ତେହରାନ୍ ସହ ଅନ୍ୟ ଦେଶଗୁଡ଼ିକର ଅସ୍ତ୍ରଶସ୍ତ୍ର ଡିଲ୍‌ଗୁଡ଼ିକ ଅକାମୀ ହୋଇପଡ଼ିବ। ଇରାନର ଦୂରଗାମୀ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମରେ କୌଣସି ପ୍ରକାର ଅଗ୍ରଗତି ଦେଖାଦେଲେ ଏହାକୁ ଦଣ୍ଡ ଭାଗିବାକୁ ପଡ଼ିବ। ଜାତିସଂଘ କଟକଣା ପ୍ରଭାବରେ ଇରାନୀୟ ମୁଦ୍ରା ରିଆଲ୍ ସର୍ବକାଳୀନ ନିମ୍ନସ୍ତରକୁ ଖସିଆସିଛି। ବର୍ତ୍ତମାନ ଖୋଲା ବଜାରରେ ଡଲାର ସହ ରିଆଲ୍‌ର ବିନିମୟ ମୂଲ୍ୟ ୧.୩ ନିୟୁତକୁ ଖସିଆସିଛି।

ପୂର୍ବରୁ ଖାଦ୍ୟ ସାମଗ୍ରୀର ଦରଦାମ୍ ବୃଦ୍ଧି ସମେତ ନାନା ଅସୁବିଧା ଦେଇ ଗତି କରୁଥିବା ଇରାନୀୟମାନେ ନିଜ ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇପଡ଼ିଛନ୍ତି। ଏହା ପୂର୍ବରୁ ☞**ପୃଷ୍ଠା-୪**

## ଆଜି ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର,୨୮।୯
(ରବିନାରାୟଣ ଜେନା)

ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ବୈଠକରେ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବାକୁ ରହିଛି। ଦୁର୍ଗାପୂଜା ଅବ୍ୟବହିତ ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଏହି କ୍ୟାବିନେଟ୍‌ରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତୀକରଣକୁ ଦୃଷ୍ଟିରେ ରଖି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯିବାକୁ ରହିଛି। ଏହାସହିତ ସରକାରୀ ଚାକିରିଆଙ୍କୁ ଖୁସି କରିବା ଲାଗି ସରକାର କିଛି ନୂଆ ନିଷ୍ପତ୍ତି ନେଇପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

**ଆଜିର ସମ୍ପାଦକୀୟ**
**କ୍ଷୁବ୍ଧ ଲଦାଖ**

# ବିହାର ଭୋଟ ସହ ନୂଆପଡ଼ା ଉପନିର୍ବାଚନ

- **ପର୍ଯ୍ୟବେକ୍ଷକ ନିଯୁକ୍ତ କଲେ ଇସିଆଇ**
- **ଆସନ୍ତା ସପ୍ତାହରେ ଲାଗିବ ଆଚରଣବିଧି**

ଭୁବନେଶ୍ୱର,୨୮।୯
(ରବିନାରାୟଣ ଜେନା)

ବିହାର ନିର୍ବାଚନ ସହିତ ନୂଆପଡ଼ାରେ ଉପନିର୍ବାଚନ ହେବ। ଏହାସହିତ ଦେଶର ୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଆଉ ୭ ବିଧାନସଭା ଆସନରେ ମଧ୍ୟ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଭାରତର ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଅବଗତ କରାଯାଇଛି। ଏହି ନିର୍ବାଚନର ସୁପରିଚାଳନା ଲାଗି ୪୭୦ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି, ଯେଉଁଥିରେ ୩୧୦ଜଣ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ରହିଥିବାବେଳେ ୭୦ ଭାରତୀୟ ପୋଲିସ ସେବା(ଆଇପିଏସ୍) ଏବଂ ୯୦ ଅନ୍ୟ ସେବାର ଅଧିକାରୀ ରହିଛନ୍ତି। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଚରଣବିଧି ବିଜ୍ଞପ୍ତି ହୋଇ ନ ଥିଲେ ହେଁ ବିହାର ନିର୍ବାଚନକୁ ଦୃଷ୍ଟିରେ ରଖି ଆସନ୍ତା ସପ୍ତାହରେ ନୂଆପଡ଼ା ଉପନିର୍ବାଚନ ଲାଗି ବିଜ୍ଞପ୍ତି ଜାରି ହେବାର ରହିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ସୂଚନା ଅନୁଯାୟୀ, ଇସିଆଇଙ୍କ ପକ୍ଷରୁ ବିହାର ନିର୍ବାଚନ ସହିତ ଓଡ଼ିଶାର ନୂଆପଡ଼ା ଉପନିର୍ବାଚନ ଅନୁଷ୍ଠିତ ହେବ। ଏହାସହିତ ଜମ୍ମୁ-କଶ୍ମୀରର ବଡ଼ଗାମ୍ ଏବଂ ନାଗ୍ରୋଟା, ରାଜସ୍ଥାନର ଅନ୍ତ, ଝାଡ଼ଖଣ୍ଡର ଘଟଶିଳା, ତେଲଙ୍ଗାନାର ଜୁବଲି ହିଲ୍ସ, ପଞ୍ଜାବର ତାରନ ତରନ ଏବଂ ମିଜୋରାମର ଡମ୍ପା ବିଧାନସଭା ଆସନରେ ମଧ୍ୟ ଉପନିର୍ବାଚନ ଅନୁଷ୍ଠିତ ହେବ। ତେବେ ବିହାର ନିର୍ବାଚନ ସମେତ ଓଡ଼ିଶାର ନୂଆପଡ଼ା ଲାଗି ହେବାକୁ ଥିବା ଉପନିର୍ବାଚନ ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବରିଷ୍ଠ ଆଇଏଏସ୍, ଆଇପିଏସ୍ ଅଧିକାରୀମାନଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ କରିବାପାଇଁ ପ୍ରକ୍ରିୟା ଶେଷ ହୋଇଛି। ସେମାନଙ୍କୁ ଏନେଇ ଆସନ୍ତା ୩ତାରିଖରେ ତାଲିମ ପ୍ରଦାନ କରାଯିବ। ଏହାପରେ ସେମାନେ କାର୍ଯ୍ୟରେ ଯୋଗଦେବେ।

ଆୟୋଗଙ୍କ ସୂଚନା ଅନୁଯାୟୀ, ସମ୍ବିଧାନର ଧାରା-୩୨୪ ଏବଂ ଜନପ୍ରତିନିଧିତ୍ୱ ଆଇନ-୧୯୫୧ର ଧାରା ୨୦-ବି' ଅନୁଯାୟୀ ପର୍ଯ୍ୟବେକ୍ଷକମାନଙ୍କୁ ନିର୍ବାଚନ ସୁପରିଚାଳନା ଲାଗି ନିୟୋଜିତ କରାଯାଇଥାଏ। ☞**ପୃଷ୍ଠା-୪**

### ପର୍ଯ୍ୟବେକ୍ଷକ ତାଲିକାରେ ଓଡ଼ିଶାରୁ ୧୨ ଅଧିକାରୀ

ଭୁବନେଶ୍ୱର,୨୮।୯
(ରବିନାରାୟଣ ଜେନା)

ବିହାର ନିର୍ବାଚନ ସମେତ ୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଓଡ଼ିଶାରୁ ୧୨ଜଣ ଅଧିକାରୀଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ କରାଯାଇଛି। ସେମାନଙ୍କ ମଧ୍ୟରେ ବରିଷ୍ଠ ଆଇପିଏସ୍ ତଥା ମୁଖ୍ୟାଳୟ ଏଡିଜିପି ପ୍ରତୀକ ମହାନ୍ତି ଓ ଆଇଜିପି(ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ)ସାଇନ୍ ଏସ୍. ରହିଥିବା ବେଳେ ୧୦ଜଣ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ରହିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ☞**ପୃଷ୍ଠା-୪**

## ବାପ ଝିଅଙ୍କୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ

**ଲୁଟ ଉଦ୍ୟମ ବିଫଳରୁ ଆକ୍ରମଣ**

ବଇଣ୍ଡା,୨୮।୯(ପରିକ୍ଷିତ ସାହୁ)

ଅନ୍ଧାରୁଆ ରାସ୍ତାରେ ଛକି ରହିଥିଲେ। ବାପଝିଅଙ୍କୁ ଏକୁଟିଆ ଦେଖି ଅଟକାଇବା ସହ ଲୁଟ୍ ଉଦ୍ୟମ କଲେ। ହେଲେ ଏଥିରେ ବିଫଳ ହେବାରୁ ସେମାନଙ୍କୁ ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରିବା ସହ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରିଛନ୍ତି ୩ ଯୁବକ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଚେରଖଣ୍ଡି ଓ ଆମ୍ବସରମୁଣ୍ଡା ରାସ୍ତାରେ। ଆହତ ରବି ସାହୁଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିବା ସହ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତିରେ ଭାଗୀରଥିପୁର ଗ୍ରାମର ରବି ସାହୁ ଓ ତାଙ୍କ ଝିଅ ଚେରଖଣ୍ଡି ଓ ଆମ୍ବସରମୁଣ୍ଡା ରାସ୍ତାରେ ଘରକୁ ଫେରୁଥିବାବେଳେ ବାଟରେ ଅନ୍ଧାରୁଆ ସ୍ଥାନରେ ଆଠମଲ୍ଲିକ ଥାନା ଯଦୁପୁର ଗ୍ରାମର ବୀରେନ୍ଦ୍ର ସାହୁ, ବିଭୁ ସାହୁ ଏବଂ ଜିତେନ୍ଦ୍ର ସାହୁ ସେମାନଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ତେବେ ପାଖରେ ଟଙ୍କା ନ ଥିବା କହିବାରୁ ଉଭୟ ବାପଝିଅଙ୍କୁ ଅଭିଯୁକ୍ତମାନେ ଠେଙ୍ଗାରେ ଆକ୍ରମଣ କରିବା ସହ ଝିଅ ପିନ୍ଧିଥିବା ସୁନା କାନଫୁଲକୁ ଛିଣ୍ଡାଇ ନେଇ ☞**ପୃଷ୍ଠା-୪**

## ସାପକାମୁଡ଼ାରେ ମା'ଝିଅଙ୍କ ମୃତ୍ୟୁ

ପାଟଣା,୨୮।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ବଡ଼ବିଲ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସାପ କାମୁଡ଼ାରେ ମା'ଝିଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ବିଲ ଗ୍ରାମର ଗ୍ରାମସାଥୀ ରଞ୍ଜନ କୁମାର ନାୟକଙ୍କ ସ୍ତ୍ରୀ ଯାତ୍ରୀ ନାୟକ(୨୮) ଓ ତାଙ୍କ ଶାଶୁ ତୁରୁମୁଙ୍ଗା ଥାନା କାଶୀପୁର ଗ୍ରାମର ଫୁଲମଣୀ ନାୟକ(୭୫)। ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ପ୍ରକାଶ ଯେ, ଫୁଲମଣୀ ଝିଅ ଘରକୁ ବୁଲିବାକୁ ଆସିଥିଲେ। ଶୁକ୍ରବାର ରାତିରେ ଘର ଚଟାଣରେ ମା' ଝିଅ ଶୋଇଥିବା ସମୟରେ ଉଭୟଙ୍କୁ ଏକ ଚିତି ସାପ କାମୁଡ଼ିଥିଲା। ପ୍ରଥମେ ଯାତ୍ରୀଙ୍କୁ ସାପ କାମୁଡ଼ିବା ଜାଣି ପରିବାର ଲୋକେ ତାଙ୍କୁ ଗୁଣିଆ ନିକଟକୁ ନେଇ ଝଡ଼ାଫୁଙ୍କା କରିଥିଲେ। ପରେ ସେ ଗୁରୁତର ହେବାରୁ ଠାକୁରମୁଣ୍ଡା ଓ ପରେ ଘଷିପୁରା ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯାତ୍ରୀଙ୍କ ଶନିବାର ଅପରାହ୍ନରେ ମୃତ୍ୟୁ ଘଟିଥିଲା। ଫୁଲମଣୀଙ୍କୁ ମଧ୍ୟ ଉକ୍ତ ରାତିରେ ସାପ କାମୁଡ଼ିଥିଲା। ମାତ୍ର ସେ ଜାଣି ନ ପାରି ନିଜ ଗାଁ ତଥା ଘର କାଶୀପୁରକୁ ଚାଲିଯାଇଥିଲେ। ସେଠାରେ ତାଙ୍କର ଶରୀର ଅସୁସ୍ଥ ହେବାରୁ ପରିବାର ଲୋକେ ଡାକ୍ତରଖାନାକୁ ନେଇଥିଲେ। ଶନିବାର ଅପରାହ୍ନରେ ତାଙ୍କର ବି ମୃତ୍ୟୁ ଘଟିଥିଲା। ଯାତ୍ରୀଙ୍କ ମୃତଦେହ ଘଷିପୁରା ମେଡିକାଲରେ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି। ତେବେ ଫୁଲମଣୀଙ୍କ ମୃତଦେହ ପରିବାର ଲୋକେ ବ୍ୟବଚ୍ଛେଦ ନ କରାଇ ପୋତି ଦେଇଥିବା ତୁରୁମୁଙ୍ଗା ଥାନା ଅଧିକାରୀ ସୌରଭ ପ୍ରଧାନ କହିଛନ୍ତି।



# ଦିଲ୍ଲୀ ଏୟାରପୋର୍ଟ, ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୨୮।୯

ଦିଲ୍ଲୀର ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ରବିବାର ଇ-ମେଲ୍ ଯୋଗେ ବୋମା ଧମକ ମିଳିଛି। ଫଳରେ ଏୟାରପୋର୍ଟର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେହିପରି ଦିଲ୍ଲୀର ଅନେକ ସ୍କୁଲ ଏବଂ ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ରବିବାର ଇ-ମେଲ୍ ଯୋଗେ ବୋମା ଧମକ ମିଳିଛି। ଧମକ ମିଳିବା ପରେ ସେଠାରେ ପୋଲିସ ଏବଂ ବୋମା ନିରୋଧୀ ଦଳ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଛି। ଇ-ମେଲ୍ ପଠାଇଥିବା ବ୍ୟକ୍ତି ନିଜକୁ 'ଟେରରାଇଜ୍ ୧୧୧' ନାମକ ଆତଙ୍କବାଦୀ ସଙ୍ଗଠନ ସହ ଜଡ଼ିତ ଥିବାର ଦାବି କରିଛନ୍ତି।

# ଏନ୍‌କାଉଣ୍ଟରରେ ୪ ଡକାୟତ ମୃତ

ଗୁଆହାଟୀ, ୨୮।୯(ପି.ଟି.)

ଆସାମର ଗୋଲପଡ଼ା ଜିଲା ଗିଲାଡୁବି ଅଞ୍ଚଳରେ ରବିବାର ପୋଲିସ ଓ ଡକାୟତଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୪ ଜଣ ଡକାୟତଙ୍କର ମୃତ୍ୟୁ ଘଟିଛି। ଡକାୟତଙ୍କ ଏକ ଗ୍ୟାଙ୍ଗ୍ ଉକ୍ତ ଅଞ୍ଚଳରେ ବଡ଼ ଧରଣର ଅପରାଧ ଘଟାଇବାକୁ ଯୋଜନା ପ୍ରସ୍ତୁତ କରୁଥିବା ନେଇ ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା। ଏହି ଆଧାରରେ ପୋଲିସ ଡକାୟତଙ୍କୁ ଧରିବା ପାଇଁ ଗିଲାଡୁବି ଅଞ୍ଚଳରେ ଏକ ଚେକ୍‌ପୋଷ୍ଟ ଲଗାଇଥିଲା। ୪ ଡକାୟତ ଏକ କାର୍‌ରେ ଏହି ଚେକ୍‌ପୋଷ୍ଟ ଦେଇ ଯାଉଥିବା ବେଳେ ସନ୍ଦେହ ହେବାରୁ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ଡକାୟତମାନେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ ଓ ପୋଲିସ ପାଲଟା ଗୁଳି ଚଳାଇଥିଲା।

# ସ୍ପିତି ଉପତ୍ୟକାକୁ ଭାରତର ପ୍ରଥମ ଶୀତ ମରୁସ୍ଥଳ ବାୟୋସ୍ଫିୟର ରିଜର୍ଭ ମାନ୍ୟତା

ଶିମଲା, ୨୮।୯

ହିମାଚଳପ୍ରଦେଶର ଲହଉଲ୍-ସ୍ପିତି ଜିଲା ଅନ୍ତର୍ଗତ ସ୍ପିତି ଉପତ୍ୟକାକୁ ଭାରତର ପ୍ରଥମ ଶୀତ ମରୁସ୍ଥଳ ବାୟୋସ୍ଫିୟର ରିଜର୍ଭ ଭାବେ ସ୍ୱୀକୃତି ମିଳିଛି। ଚାଇନାର ହାଙ୍ଗଝୋଉଠାରେ ୟୁନେସ୍କୋର ମର୍ଯ୍ୟାଦାଜନକ ମାନବ ଓ ବାୟୋସ୍ଫିୟର (ଏମ୍ଏବି) ର ୩୭ତମ ଅନ୍ତର୍ଜାତୀୟ ସମନ୍ୱୟ ପରିଷଦ ବୈଠକ ବସି ଆନୁଷ୍ଠାନିକ ଭାବେ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି। ଏହାକୁ ମିଶାଇ ଏମ୍ଏବି ନେଟ୍‌ୱର୍କରେ ଭାରତର ୧୩ଟି ବାୟୋସ୍ଫିୟର ରିଜର୍ଭ ସ୍ଥାନ ପାଇଛି। ରାଜ୍ୟ ସରକାରଙ୍କ ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇପାରିଛି। ଉକ୍ତ ଅଞ୍ଚଳର ଅନନ୍ୟ ପରିବେଶ, ଜଳବାୟୁ, ସଂସ୍କୃତି ଓ ଐତିହ୍ୟ ଉପରେ ରାଜ୍ୟ ସରକାର ନିରନ୍ତର ପ୍ରଚାର ପ୍ରସାର ଚଳାଇ ଆସିଥିଲେ।

ସ୍ପିତି ଶୀତ ମରୁସ୍ଥଳ ବାୟୋସ୍ଫିୟର ରିଜର୍ଭ ଅନ୍ତର୍ଗତ ୭,୭୭୦ ବର୍ଗକିଲୋମିଟର ଅଞ୍ଚଳ ମଧ୍ୟରେ ସ୍ପିତି ବନ୍ୟପ୍ରାଣୀ ଡିଭିଜନ ଏବଂ ଲହଉଲ୍ ବନ ଖଣ୍ଡ ରହିଛି। ଉକ୍ତ ରିଜର୍ଭ ୨,୬୬୫ ବର୍ଗ କିଲୋମିଟର କୋର୍ ଜୋନ୍, ୩,୯୭୭ ବର୍ଗକିଲୋମିଟର ବଫର ଜୋନ୍ ଏବଂ ୧,୧୨୮ ବର୍ଗକିଲୋମିଟର ଟ୍ରାଞ୍ଜିଶନ ଜୋନ୍‌ରେ ବିଭକ୍ତ। ଏଥିରେ ପିନ୍ ଭ୍ୟାଲି ଜାତୀୟ ଉଦ୍ୟାନ, କିବ୍ବର ବନ୍ୟପ୍ରାଣୀ ଅଭୟାରଣ୍ୟ, ଚନ୍ଦ୍ରତାଲ ଆର୍ଦ୍ରଭୂମି, ସର୍ଚ୍ଚୁ ସମତଳ ଅଞ୍ଚଳ ରହିଛି।



ଇଟାଲୀର ମିଲାନ୍ ଫ୍ୟାଶନ୍ ୱିକ୍‌ରେ ଷ୍ଟେଲା ଜିନ୍‌ର ପୋଷାକ ପରିଧାନ କରିଥିବା ଜଣେ ମଡେଲ।

# 'ଦଳାଚକଟା ପଛରେ ଷଡ଼ଯନ୍ତ୍ର'

■ ହାଇକୋର୍ଟ ଗଲା ବିଜୟଙ୍କ ଦଳ
■ ସିବିଆଇ ତଦନ୍ତ ଦାବି

ଚେନ୍ନାଇ, ୨୮।୯(ପି.ଟି.)

ତାମିଲନାଡୁର କରୁରଠାରେ ଶନିବାର ତାମିଲାଗା ଭେଟ୍ରି କାଝାଗାମ (ଟିଭିକେ) ମୁଖ୍ୟ ବିଜୟଙ୍କ ରାଲିରେ ଦଳାଚକଟାଜନିତ ମୃତ୍ୟୁସଂଖ୍ୟା ୪୦ରେ ପହଞ୍ଚିଥିବାବେଳେ ଶତାଧିକ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦଳାଚକଟା ପଛରେ ଷଡ଼ଯନ୍ତ୍ର ଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଟିଭିକେ ରବିବାର ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ କରାଯାଇଛି। ଦଳାଚକଟାଜନିତ ମୃତ୍ୟୁ ଘଟଣାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କିମ୍ବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଦ୍ୱାରା କରାଇବା ପାଇଁ ନିର୍ଦ୍ଦେଶ ଦେବାକୁ ଟିଭିକେ ପକ୍ଷରୁ ହାଇକୋର୍ଟ ବିଚାରପତି ଏମ୍. ଧଣ୍ଡପାନିଙ୍କୁ ନିବେଦନ କରାଯାଇଛି। ୪୦ ଜଣଙ୍କ ମୃତ୍ୟୁ ଘଟଣାର ବିଚାର ଅଦାଲତ ନିଜଆଡୁ କରିବାକୁ ଟିଭିକେର ଓକିଲମାନେ ନିବେଦନ କରିଛନ୍ତି। ହାଇକୋର୍ଟଙ୍କ ମଦୁରାଇ ଶାଖାରେ



କରୁରସ୍ଥିତ ଏକ ହସ୍ପିଟାଲ ବାହାରେ ମୃତଦେହ ନିକଟରେ ଶୋକାକୁଳ ଆତ୍ମୀୟ ସ୍ୱଜନ।

ପିଟିଶନ ଦାଏର କରିବାକୁ ବିଚାରପତି କହିବା ସହ ସୋମବାର ଶୁଣାଣି ହେବ ବୋଲି କହିଛନ୍ତି। ଅନ୍ୟପକ୍ଷରେ କରୁର ଦଳାଚକଟା ଘଟଣାର ତଦନ୍ତ ନ ସରିବା ପର୍ଯ୍ୟନ୍ତ ବିଜୟଙ୍କ ଜନସମାବେଶ ଉପରେ ନିଷେଧାଦେଶ ଲଗାଇବାକୁ ହୋଇଥିବା ଆବେଦନର ଜରୁରୀ ଶୁଣାଣି ଜଷ୍ଟିସ୍ ଏନ୍. ସେନ୍ଥିଲ କୁମାରଙ୍କ ଖଣ୍ଡପୀଠରେ ହେବ।

ଦଳାଚକଟା ଘଟଣାର ତଦନ୍ତ ପାଇଁ ତାମିଲନାଡୁ ସରକାରଙ୍କ ପକ୍ଷରୁ ଅବସରପ୍ରାପ୍ତ ବିଚାରପତି ଅରୁଣା ଜଗଦୀଶନଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରାଯାଇଛି। ତଦନ୍ତ ରିପୋର୍ଟ ଆଧାରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ବିଜୟଙ୍କ ପ୍ରତି ଲୋକଙ୍କ କ୍ରୋଧ ବଢ଼ିଥିବାରୁ ତାଙ୍କ ଚେନ୍ନାଇ ବାସଭବନ ନିକଟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ବିଜୟଙ୍କ ରାଲିରେ ଗାଇଡ୍‌ଲାଇନ୍ସର ଉଲ୍ଲଂଘନରୁ ଦଳାଚକଟା ଘଟିଥିବା କହି ରାଜ୍ୟ ସରକାର ତାଙ୍କୁ ସମାଲୋଚନା କରିଛନ୍ତି। ରାଲିର ଆୟୋଜକମାନେ ଲୋକଙ୍କ ପାଇଁ ପାନୀୟ ଜଳ ଓ ଖାଦ୍ୟର ଉପଯୁକ୍ତ ବ୍ୟବସ୍ଥା କରି ନ ଥିଲେ। ବିଜୟ ରାଲିସ୍ଥଳରେ ପହଞ୍ଚିବାରେ ୭ ଘଣ୍ଟା ବିଳମ୍ବ ହୋଇଥିଲା। ମଧ୍ୟାହ୍ନଠାରୁ ରାତି ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ଅନେକେ ମୂର୍ଚ୍ଛା ଯାଇଥିଲେ ବୋଲି ସରକାରୀ ସୂତ୍ରରୁ କୁହାଯାଇଛି। ରାଲିସ୍ଥଳ ସଂକୀର୍ଣ୍ଣ ଥିବାରୁ ଠେଲାପେଲାରୁ ଦଳାଚକଟା ହୋଇଥିଲା। ଏପରିକି ବିଜୟ ଭାଷଣ ଆରମ୍ଭ କରିବା ସମୟରେ କେତେଜଣ ଚେତା ହରାଇଥିଲେ ମଧ୍ୟ ଭିଡ଼ ମଧ୍ୟକୁ ଆମ୍ବୁଲାନ୍ସକୁ ପୂରାଇ ଦିଆଯାଇ ନ ଥିଲା। ଏତେ ଲୋକଙ୍କ ମୃତ୍ୟୁ ଘଟିବା ସତ୍ତ୍ୱେ ବିଜୟ ଘଟଣାସ୍ଥଳରୁ ତ୍ରିଚି ଏୟାରପୋର୍ଟ ପଳାଇଯାଇ ସେଠାରୁ ଏକ ଘରୋଇ ବିମାନରେ ଚେନ୍ନାଇ ଯାଇଥିଲେ। ଗାଇଡ୍‌ଲାଇନ୍ସର ଉଲ୍ଲଂଘନ ଓ ଆୟୋଜନରେ ତ୍ରୁଟି ପାଇଁ ବିଜୟଙ୍କ ଜଣେ ଘନିଷ୍ଠ ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଇତିମଧ୍ୟରେ ଟିଭିକେ ମୁଖ୍ୟ ବିଜୟ ମୃତକଙ୍କ ପରିବାର ପାଇଁ ୨୦ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରିଥିବାବେଳେ ଆହତମାନଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିବାକୁ କହିଛନ୍ତି।

# ଦେଶରେ ୫.୩୪ କୋଟି ମାମଲା ବିଚାରାଧୀନ

ନୂଆଦିଲ୍ଲୀ, ୨୮।୯

ଦେଶର କୋର୍ଟଗୁଡ଼ିକରେ ବିଭିନ୍ନ ମାମଲାର ଶୁଣାଣିରେ ଅନାବଶ୍ୟକ ବିଳମ୍ବକୁ ନେଇ ସୁପ୍ରିମକୋର୍ଟ ଶନିବାର ଟିପ୍ପଣୀ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ସର୍ବୋଚ୍ଚ ଅଦାଲତ ଚିନ୍ତା ପ୍ରକଟ କରିବା ସହ କହିଛନ୍ତି, ବିଭିନ୍ନ ମାମଲାର ଶୀଘ୍ର ବିଚାର ହେଉଛି ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର। ଏହାର ଦୃଢ଼ କାର୍ଯ୍ୟାନ୍ୱୟନର ଆବଶ୍ୟକତା ରହିଛି। ସମ୍ପ୍ରତି ଦେଶର ସମସ୍ତ ଅଦାଲତରେ ୫.୩୪ କୋଟିରୁ ଅଧିକ ମାମଲା ବିଚାରାଧୀନ ଅବସ୍ଥାରେ ରହିଛି। ଓକିଲ ଉପଲବ୍ଧ ନ ରହିବା ଶୁଣାଣିରେ ଅନାବଶ୍ୟକ ବିଳମ୍ବର ପ୍ରମୁଖ କାରଣ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସେହିପରି ଅଭିଯୁକ୍ତଙ୍କ ପଳାୟନ ଓ ସାକ୍ଷୀଙ୍କୁ ନିଖୋଜ କରାଯିବା ଭଳି ଘଟଣା ମଧ୍ୟ କୋର୍ଟରେ ବିଭିନ୍ନ ମାମଲାର ବିଳମ୍ବିତ ବିଚାର ପାଇଁ ଦାୟୀ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଉକ୍ତ ସମସ୍ୟାକୁ ଦେଖି ସୁପ୍ରିମକୋର୍ଟ ହାଇକୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦେଇ କହିଛନ୍ତି, ଓକିଲଙ୍କ ଅନୁପସ୍ଥିତି ଯୋଗୁ ଶୁଣାଣିକୁ ସ୍ଥଗିତ ରଖାଯାଇ ପାରିବ ନାହିଁ। ଏ ସମ୍ପର୍କରେ ଜିଲା ବିଚାରବିଭାଗୀୟ ଅଧିକାରୀମାନଙ୍କୁ ସର୍କୁଲାର ପଠାଇବାକୁ ସୁପ୍ରିମକୋର୍ଟ ହାଇକୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଯଦି କୌଣସି ଅଭିଯୁକ୍ତ ଓ ତାଙ୍କ ଓକିଲ ମାମଲାକୁ ବିଳମ୍ବିତ କରିବା ପାଇଁ ପ୍ରୟାସ କରୁଛନ୍ତି, ତେବେ ତାଙ୍କ ଜାମିନକୁ ରଦ୍ଦ କରିବା ପାଇଁ ବିଚାର କରାଯିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। 'ନ୍ୟାଶନାଲ ଜୁଡିସିଆଲ ଡେଟା ଗ୍ରୀଡ'ର ତଥ୍ୟ ଅନୁଯାୟୀ, ଗତ ୨୫ ତାରିଖ ସୁଦ୍ଧା ଦେଶର ବିଭିନ୍ନ କୋର୍ଟରେ ୫.୩୪ କୋଟି ମାମଲା ବିଚାରାଧୀନ ରହିଛି। ଜିଲା ଏବଂ ନିମ୍ନ ଅଦାଲତଗୁଡ଼ିକରେ ୪.୭ କୋଟି ମାମଲା ବିଚାରାଧୀନ ଥିବାବେଳେ ହାଇକୋର୍ଟଗୁଡ଼ିକରେ ୬୩.୮ ଲକ୍ଷ ଏବଂ ସୁପ୍ରିମକୋର୍ଟରେ ୮୮,୨୫୧ ମାମଲା ବିଚାରାଧୀନ ରହିଛି।

# ୧୭ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଚୈତନ୍ୟାନନ୍ଦ ଗିରଫ

ନୂଆଦିଲ୍ଲୀ/ଆଗ୍ରା, ୨୮।୯(ପି.ଟି.)

ଏକ ଘରୋଇ ଶିକ୍ଷାନୁଷ୍ଠାନର ୧୭ ଜଣ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଆତ୍ମଘୋଷିତ ଗଡ୍‌ମ୍ୟାନ୍ ଚୈତନ୍ୟାନନ୍ଦ ସରସ୍ୱତୀଙ୍କୁ ଦିଲ୍ଲୀ ପୋଲିସ ରବିବାର ଭୋର ୩ଟା ୩୦ରେ ଆଗ୍ରାରୁ ଗିରଫ କରିଛି। ୬୨ ବର୍ଷୀୟ ବାବା ଆଗ୍ରାର ଏକ ହୋଟେଲରେ ରହୁଥିଲେ। ତାଙ୍କୁ ଧରିବା ପାଇଁ ପୋଲିସ ଅନେକ ଟିମ୍ ଗଠନ କରିଥିଲା। ନିର୍ଭରଯୋଗ୍ୟ ସୂଚନା ଆଧାରରେ ପୋଲିସ ଆଗ୍ରାର ତାଜ ଗଞ୍ଜ ଅଞ୍ଚଳରେ ଥିବା ହୋଟେଲ ଉପରେ ଚଢ଼ାଉ କରିଥିଲା ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତାଙ୍କୁ ଦିଲ୍ଲୀର ଏକ ଅଦାଲତରେ ହାଜର କରି ପୋଲିସ ୫ ଦିନ ରିମାଣ୍ଡରେ ନେବା ପାଇଁ ଆବେଦନ କରିଛି। ଏହା ପୂର୍ବରୁ ପୋଲିସ ଚୈତନ୍ୟାନନ୍ଦଙ୍କ ନାମରେ ଥିବା ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଓ ସ୍ଥାୟୀ ଜମାକୁ ଅଚଳ କରିଥିଲା। ଏତଲା ଅନୁଯାୟୀ, ଦକ୍ଷିଣପଶ୍ଚିମ ଦିଲ୍ଲୀରେ ଥିବା ଏକ ମ୍ୟାନେଜ୍‌ମେଣ୍ଟ ଶିକ୍ଷାନୁଷ୍ଠାନର



ଚୈତନ୍ୟାନନ୍ଦଙ୍କୁ କୋର୍ଟରେ ହାଜର କରାଯାଉଛି।

ପୂର୍ବତନ ଅଧ୍ୟକ୍ଷ ଚୈତନ୍ୟାନନ୍ଦ ଛାତ୍ରୀମାନଙ୍କୁ ରାତିରେ ତାଙ୍କ କ୍ୱାର୍ଟର୍ସକୁ ଆସିବା ପାଇଁ ବାଧ୍ୟ କରିବା ସହ ସେମାନଙ୍କ ପାଖକୁ ଅଶ୍ଲୀଳ ବାର୍ତ୍ତା ପଠାଉଥିଲେ। ସେ ଫୋନ୍ ଯୋଗେ ଛାତ୍ରୀମାନଙ୍କ ଗତିବିଧି ଉପରେ ନଜର ରଖୁଥିଲେ। ଜାତିସଂଘ ଓ ବ୍ରିକ୍ସ ସହ ଚୈତନ୍ୟାନନ୍ଦଙ୍କ ସମ୍ପୃକ୍ତି ଥିବାର ଜାଲ୍ ଭିଜିଟିଂ କାର୍ଡ ତାଙ୍କ ଘରୁ ପୋଲିସ ଜବତ କରିଛି। ବାବାଙ୍କ ବିରୋଧରେ ଏତଲା ଦାଏର ପରେ ସେ ଅଗଷ୍ଟ ୪ରେ ଦିଲ୍ଲୀ ଛାଡ଼ି ପଳାଇଥିଲେ।

# ଚାଇନାର ପୂର୍ବତନ କୃଷିମନ୍ତ୍ରୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

ବେଜିଂ, ୨୮।୯(ପି.ଟି.)

ଚାଇନାର ପୂର୍ବତନ କୃଷି ଓ ଗ୍ରାମାଞ୍ଚଳ ବ୍ୟାପାର ମନ୍ତ୍ରୀ ଟାଙ୍ଗ ରେଞ୍ଜିଆନ୍‌ଙ୍କୁ ଦୁର୍ନୀତି ମାମଲାରେ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। ତେବେ ଏହି ଦଣ୍ଡାଦେଶ ୨ ବର୍ଷ ପାଇଁ ସ୍ଥଗିତ ରହିବ ବୋଲି ଅଦାଲତ କହିଛନ୍ତି। ୩୮ ନିୟୁତ ଡଲାର ଲାଞ୍ଚ ଗ୍ରହଣ କରିବା ଅଭିଯୋଗରେ ରେଞ୍ଜିଆନ୍ ଦୋଷୀସାବ୍ୟସ୍ତ ହୋଇଥିଲେ। କୃଷି ମନ୍ତ୍ରଣାଳୟର ପ୍ରମୁଖ ଶାସକ କମ୍ୟୁନିଷ୍ଟ ପାର୍ଟିସଦସ୍ୟ ସଂଗଠନର ପୂର୍ବତନ ସମ୍ପାଦକ ଥିବା ରେଞ୍ଜିଆନ୍ ଜୀବନର ରାଜନୈତିକ ଅଧିକାରରୁ ବଞ୍ଚିତ ହୋଇଥିବା ଜିଲିନ ପ୍ରଦେଶର ଚାଙ୍ଗ୍‌ଚୁନ୍‌ସ୍ଥିତ ଇଣ୍ଟରମିଡିଏଟ୍ ପିପୁଲ୍ସ କୋର୍ଟ ରାୟରେ କହିଛନ୍ତି। ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ ହେବା ସହ ଲାଞ୍ଚରୁ ଉଠାଇଥିବା ବେଆଇନ ଲାଭକୁ ଜବତ କରାଯାଇ ଜାତୀୟ କୋଷାଗାରକୁ ପଠାଇଦିଆଯିବ



ଟାଙ୍ଗ ରେଞ୍ଜିଆନ୍

ବୋଲି କୋର୍ଟ କହିଛନ୍ତି। ୨୦୦୭ରୁ ୨୦୨୪ ମଧ୍ୟରେ ରେଞ୍ଜିଆନ୍ ନିଜ ପଦବୀର ବେଆଇନ ଫାଇଦା ଉଠାଇ ବ୍ୟବସାୟ, ପ୍ରକଳ୍ପ ଠିକାଦାରି ଓ ନିଯୁକ୍ତିରେ ଅନ୍ୟମାନଙ୍କୁ ଉପକୃତ କରାଇଥିଲେ। ଏହା ବଦଳରେ ସେ ସେମାନଙ୍କଠାରୁ ୨୬୮ ନିୟୁତ ୟୁଆନ ଲାଞ୍ଚ ଗ୍ରହଣ କରିଥବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା।

# ବାର୍‌ରେ ଗୁଳି: ୩ ମୃତ, ୮ ଆହତ

ସାଉଥପୋର୍ଟ, ୨୮।୯

ଆମେରିକାର ଉତ୍ତର କାରୋଲିନା ରାଜ୍ୟ ସାଉଥ୍‌ପୋର୍ଟ ସହରସ୍ଥିତ କେପ୍ ଫିଅର ନଦୀକୂଳରେ ଥିବା ବାର୍ ଏବଂ ରେଷ୍ଟୁରାଣ୍ଟରେ ଶନିବାର ରାତିରେ ଜଣେ ଆତତାୟୀ ଗୁଳି ଚଳାଇଥିଲେ। ଏହି ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ଗୁଳି ଚଳାଇ ଆତତାୟୀ ଜଣକ ତୁରନ୍ତ ବୋଟ୍ ଯୋଗେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସେ ଉପକୂଳବର୍ତ୍ତୀ ସହର ଓକ୍ ଆଇଲାଣ୍ଡ ଆଡ଼କୁ ଯାଉଥିବା ସମୟରେ ରବିବାର ସାଉଥପୋର୍ଟ ପୋଲିସ ତାଙ୍କୁ ଗିରଫ କରିଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଛି।

# ଗାଜା ମୃତ୍ୟୁସଂଖ୍ୟା ୬୬ ହଜାର ଟପିଲା

ଗାଜା ସିଟି, ୨୮।୯

ଇସ୍ରାଏଲ୍-ହମାସ୍ ଯୁଦ୍ଧ ମୃତ୍ୟୁସଂଖ୍ୟା ୬୬ ହଜାର ଅତିକ୍ରମ କରିଥିବା ରବିବାର ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ମୃତକଙ୍କ ମଧ୍ୟରୁ ଅର୍ଦ୍ଧେକ ହେଉଛନ୍ତି ମହିଳା ଓ ଛୋଟ ପିଲା। ଗତ ୨୪ ଘଣ୍ଟା ମଧ୍ୟରେ ୭୯ଟି ମୃତଦେହ ହସ୍ପିଟାଲକୁ ଅଣାଯାଇଛି।

୨୦୨୩ ଅକ୍ଟୋବର ୭ରେ ହମାସ୍ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିଥିଲା। ଏହାର ଜବାବରେ ଇସ୍ରାଏଲ୍ ଗାଜା ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଏହି ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ଗାଜାରେ ୬୬,୦୦୫ ଜଣଙ୍କ ମୃତ୍ୟୁ ଘଟିବା ସହ ୧,୬୮,୧୬୨ ଜଣ ଆହତ ହୋଇଛନ୍ତି। ଇସ୍ରାଏଲ୍ ଆକ୍ରମଣରେ ଗାଜାର ଅଧିକାଂଶ ଅଞ୍ଚଳ ଧ୍ୱଂସ ସ୍ତୂପରେ ପରିଣତ ହୋଇଥିବାବେଳେ



ଗାଜା ଷ୍ଟ୍ରିପ୍ ମଧ୍ୟଭାଗରେ ରବିବାର ଇସ୍ରାଏଲ୍‌ର ସାମରିକ ଅପରେଶନ୍ ବେଳେ ଲୋକେ ପଳାୟନ କରୁଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)

୯୦ ପ୍ରତିଶତ ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ପଳାୟନ କରିଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ୱାଶିଂଟନ ଗସ୍ତ କରିଛନ୍ତି। ଯୁଦ୍ଧବିରତି ପାଇଁ ଅନ୍ତର୍ଜାତୀୟ ଚାପ ସତ୍ତ୍ୱେ ନେତାନ୍ୟାହୁ ଯୁଦ୍ଧ ନୀତିରେ ପରିବର୍ତ୍ତନ କରିବେ ନାହିଁ ବୋଲି ସୂଚନା ଦେଇଛନ୍ତି।

# ମନ୍ କୀ ବାତ୍‌ରେ ସ୍ୱଦେଶୀ ଆହ୍ୱାନ

## ଆର୍‌ଏସ୍‌ଏସ୍‌କୁ ପ୍ରଶଂସା, ଖଦି କିଣିବାକୁ ପରାମର୍ଶ

ନୂଆଦିଲ୍ଲୀ, ୨୮।୯




ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଚ୍ଚ ପ୍ରଶଂସା କରିଛନ୍ତି। ରବିବାର ମନ୍ କୀ ବାତ୍‌ର ୧୨୬ତମ ରେଡିଓ ପ୍ରସାରଣରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ନିଃସ୍ୱାର୍ଥପର ସେବା ଭାବନା ଏବଂ ଶୃଙ୍ଖଳା ସଂଘର ପ୍ରକୃତ ଶକ୍ତି। ଏହାର ଅଗଣିତ ସ୍ୱେଚ୍ଛାସେବୀଙ୍କ ପ୍ରତ୍ୟେକ କାର୍ଯ୍ୟରେ 'ରାଷ୍ଟ୍ର ପ୍ରଥମ'କୁ ପ୍ରାଥମିକତା ଦିଆଯାଇଥାଏ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱଦେଶୀକୁ ଆପଣାଇବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଖଦି ସାମଗ୍ରୀ କିଣିବା ପାଇଁ ସେ ପରାମର୍ଶ ଦେଇଛନ୍ତି। 'ଛଟ୍ ମହାପର୍ବ'କୁ ୟୁନେସ୍କୋର ମାନବୀୟତାର ଅବର୍ଣ୍ଣନୀୟ ସଂସ୍କୃତି ଐତିହ୍ୟ ତାଲିକାରେ ସାମିଲ କରାଇବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି।

ପ୍ରଧାନମନ୍ତ୍ରୀ କହିଥିଲେ, ଏଥର ବିଜୟା ଦଶମୀ ଅନ୍ୟ ଏକ କାରଣ ପାଇଁ ଅଧିକ ସ୍ୱତନ୍ତ୍ର। ଏହିଦିନ ଆର୍‌ଏସ୍‌ଏସ୍ ଏହାର ପ୍ରତିଷ୍ଠାର ୧୦୦ ବର୍ଷ ପୂରଣ କରିବାକୁ ଯାଉଛି। ଏହି ଶହେ ବର୍ଷର ଯାତ୍ରା କେବଳ ସ୍ମରଣୀୟ ନୁହେଁ ବରଂ ପ୍ରେରଣାଦାୟକ। ୧୦୦ ବର୍ଷ ପୂର୍ବେ ଯେତେବେଳେ ଆର୍‌ଏସ୍‌ଏସ୍ ପ୍ରତିଷ୍ଠା ହୋଇଥିଲା, ସେତେବେଳେ ଆମ ଦେଶ ଦାସତ୍ୱର ଶୃଙ୍ଖଳରେ ଥିଲା, ଯେଉଁ ଦାସତ୍ୱ ଆମର ଆତ୍ମବିଶ୍ୱାସ ଏବଂ ଆତ୍ମ ସମ୍ମାନରେ ଗଭୀର କ୍ଷତ ସୃଷ୍ଟି କରିଥିଲା ଓ ଦେଶବାସୀଙ୍କ ମଧ୍ୟରେ ହୀନମନ୍ୟତା ଦେଖାଦେଇଥିଲା। ଦେଶ ସ୍ୱାଧୀନ ହେବା ସଙ୍ଗେ ସଙ୍ଗେ ଦାସତ୍ୱ ଚିନ୍ତାଧାରାରୁ ମୁକ୍ତ କରିବା ଜରୁରୀ ହୋଇପଡ଼ିଥିଲା। ସେହି ଉଦ୍ଦେଶ୍ୟରେ କେ.ବି. ହେଡଗେୱାର ୧୯୨୫ରେ ଆରଏସ୍‌ଏସ୍ ପ୍ରତିଷ୍ଠା କରିଥିଲେ। ଗୁରୁ ଗୋଓ୍ୱାଲକର ଏହାକୁ ଦେଶ ସେବାର ମହାଯଜ୍ଞ ଆଡ଼କୁ ନେଇଯାଇଥିଲେ ବୋଲି ମୋଦି କହିଛନ୍ତି। ଏଥିସହିତ ସେ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂ ଏବଂ ଖ୍ୟାତନାମା ଗାୟିକା ଲତା ମଙ୍ଗେସ୍‌କରଙ୍କୁ ସେମାନଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ହାଇୱେରେ ବିବାହ ବିଜ୍ଞାପନ ହୋର୍ଡିଂ

**ୱାଶିଂଟନ:** ଜଣେ ଭଲ ଜୀବନସାଥୀ ଖୋଜିବା ପାଇଁ ଲୋକେ ପ୍ରାୟତଃ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ, ବୈବାହିକ ୱେବ୍‌ସାଇଟ୍ କିମ୍ବା ଡେଟିଂ ଆପ୍ସଗୁଡ଼ିକୁ ବ୍ୟବହାର କରିଥାନ୍ତି। ନଚେତ୍ ସେମାନେ ସମ୍ପର୍କୀୟଙ୍କ ପରାମର୍ଶରେ ନିଜ ଜୀବନସାଥୀଙ୍କୁ ବାଛିଥାନ୍ତି। ତେବେ ଜଣେ ୪୨ ବର୍ଷୀୟା ଆମେରିକୀୟ ଅବିବାହିତ ମହିଳା ନିଜ ବିବାହ ପାଇଁ ଏକ ଭିନ୍ନ ଉପାୟ ଅବଲମ୍ବନ କରିଛନ୍ତି। ସେ ଆମେରିକାର ଏକ ରାଜପଥରେ ନିଜ ବିବାହ ପାଇଁ ଏକାଧିକ ବିଜ୍ଞାପନ ବିଲ୍‌ବୋର୍ଡ ଲଗାଇଛନ୍ତି। ଏହି ବିଲବୋର୍ଡରେ ତାଙ୍କ ୱେବ୍‌ସାଇଟର ନାମ ଉଲ୍ଲେଖ ରହିଛି।

ନ୍ୟୁୟର୍କ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଆମେରିକାର କାଲିଫର୍ନିଆ ବାସିନ୍ଦା ଲିସା କାଟାଲାନୋ ପୋଷାକ ବ୍ୟବସାୟୀ ଭାବେ ନିଜ ଜୀବିକା ନିର୍ବାହ କରୁଛନ୍ତି। ତେବେ ବିଭିନ୍ନ ଡେଟିଂ ଆପ୍ସ ଏବଂ ମାଟ୍ରିମୋନିଆଲ ପ୍ଲାଟ୍‌ଫର୍ମଗୁଡିକରେ ବିଫଳ ହେବା ପରେ




ସେ ସାଣ୍ଟା କ୍ଲାରାରୁ ସାନ୍ ଫ୍ରାନ୍ସିସ୍କୋ ପର୍ଯ୍ୟନ୍ତ ପରିବ୍ୟାପ୍ତ ୪୫ ମାଇଲ ବିଶିଷ୍ଟ ହାଇୱେ ୧୦୧ଏର ଉଭୟ ପାର୍ଶ୍ୱରେ ଏକ ଡଜନ ବିଲବୋର୍ଡକୁ ଭଡ଼ାରେ ନେଇଛନ୍ତି। ଏହି ବିଲବୋର୍ଡଗୁଡ଼ିକରେ ଲିସାଙ୍କ ବିବାହ ପାଇଁ ବିଜ୍ଞାପନ ଦିଆଯାଇଛି। ଲିସାଙ୍କୁ ବିବାହ ପାଇଁ ଆଗ୍ରହୀ ବ୍ୟକ୍ତିମାନେ ତାଙ୍କ ୱେବ୍‌ସାଇଟ ମାଧ୍ୟମରେ ସିଧାସଳଖ ଆବେଦନ କରିପାରିବେ। ଲିସା କହିଛନ୍ତି, ସେ ପ୍ରଥମ ଦେଖାରେ ହେଉଥିବା ପ୍ରେମକୁ ବିଶ୍ୱାସ କରନ୍ତି। ସମ୍ପ୍ରତି ସେ ଯେକୌଣସି ମୂଲ୍ୟରେ ନିଜ ପାଇଁ ଜୀବନସାଥୀ ଖୋଜିବାକୁ ସ୍ଥିର କରିଛନ୍ତି। ତେବେ ଏହା ତାଙ୍କର କୌଣସି ପବ୍ଲିସିଟି ଷ୍ଟଣ୍ଟ ନୁହେଁ ବୋଲି ଲିସା ଜୋର୍‌ଦେଇ କହିଛନ୍ତି। ବିବାହ କରିବା ପାଇଁ ଏହା ତାଙ୍କର ଏକ ଗମ୍ଭୀର ଏବଂ ଆତ୍ମନିର୍ଭରଶୀଳ ପ୍ରୟାସ। ତାଙ୍କର ବିଜ୍ଞାପନ ହୋର୍ଡିଂକୁ ଦେଖି ଯୋଗ୍ୟ ବ୍ୟକ୍ତିମାନେ ତାଙ୍କ ବ୍ୟକ୍ତିଗତ ଡେଟିଂ ୱେବ୍‌ସାଇଟ୍ marrylisa.comକୁ ଯାଇ ସେଠାରେ ଲିସାଙ୍କ ମନ ମୁତାବକ ଜୀବନସାଥୀଙ୍କଠାରେ ଆବଶ୍ୟକ ଥିବା ଗୁଣଗୁଡ଼ିକ ସମ୍ପର୍କରେ ଜାଣିପାରିବେ ଓ ତାଙ୍କ ସହ ବିବାହ ପାଇଁ ସିଧାସଳଖ ଭାବେ ଆବେଦନ କରିପାରିବେ। ବିଲ୍‌ବୋର୍ଡ ବ୍ୟତୀତ ଲିସା ଟ୍ୟାକ୍ସିଗୁଡ଼ିକରେ ମଧ୍ୟ ନିଜ ବିବାହ ପାଇଁ ବିଜ୍ଞାପନ ଲଗାଇଛନ୍ତି। ତେବେ ଏହି ପ୍ରୟାସ ପାଇଁ ଅନେକେ ଲିସାଙ୍କୁ ଟ୍ରୋଲ୍ କରୁଛନ୍ତି। ଏହାର ଜବାବ ରଖି ଲିସା କହିଛନ୍ତି, ସେ କେବଳ ପ୍ରକୃତ ପ୍ରେମ ଚାହାନ୍ତି। ଡେଟିଂ ଆପ୍ସରେ ବାରମ୍ବାର ବିଫଳତା ପାଇବା ପରେ ସେ ଏହି ଭିନ୍ନ ପଥ ବାଛିଛନ୍ତି। ସେ ବିବାହ କରିବା ସହ ନିଜ ପରିବାର ଆରମ୍ଭ କରିବାକୁ ଚାହାନ୍ତି। ଏକ ସୁସ୍ଥ ଜୀବନଶୈଳୀ ଅନୁସରଣ କରୁଥିବା ୩୫ରୁ ୪୫ ବର୍ଷ ବୟସର ଜଣେ ଜୀବନସାଥୀ ସେ ଚାହାନ୍ତି।

# ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପୂର୍ବରୁ ନିଜ ମଧ୍ୟରେ ଶାନ୍ତି ଆଣିବାକୁ ପଡ଼ିବ

## କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର,୨୮।୯(ଅନୁରାଧା ମହାରଣା)

- ୧୯୫ଜଣଙ୍କୁ ପିଏଚ୍.ଡି, ୨୦୩୪ଜଣଙ୍କୁ ସ୍ନାତକୋତ୍ତର, ୭୨୩୨ ଜଣଙ୍କୁ ସ୍ନାତକ ଡିଗ୍ରୀ
- ୭ଜଣଙ୍କୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ



ନୋବେଲ ବିଜେତା ପ୍ରଫେସର ମୋହନ ମୁନାସିଂଘେଙ୍କୁ ସମ୍ମାନସୂଚନ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଉଛି।

କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଉତ୍ସବରେ ୧୯୫ଜଣ ଛାତ୍ରୀଛାତ୍ରଙ୍କୁ ପିଏଚ୍.ଡି, ୨୦୩୪ଜଣଙ୍କୁ ସ୍ନାତକୋତ୍ତର ଓ ୭୨୩୨ ଜଣଙ୍କୁ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମୋହନ ମୁନାସିଂଘେ, ଟ୍ୟୁନିସିଆର ନୋବେଲ ବିଜେତା ଓଉଇଦେଦ ବୋଚାମାଉଇ, ୱକହର୍ଡ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ଲୋବାଲ ମାନବବାଦୀ ଓ ଶାନ୍ତି ପ୍ରବକ୍ତା ଡ. ହୁଜୈଫା ଖୋରାକିୱାଲା, କମ୍ପିଟିଶନ ସକ୍‌ସେସ୍ ରିଭ୍ୟୁର ଅଧ୍ୟକ୍ଷ ତଥା ସମ୍ପାଦକ ଏସ୍. କେ. ସଚଦେବା, ଗୁଏତମାଲା ଗଣରାଜ୍ୟର ଏମ୍‌ପି ଡ. ଫିଡେଲ ରାଏସ୍‌ଲି, ଜର୍ମାନୀର ପ୍ରତ୍ନତାତ୍ତ୍ୱିକ ପାର୍କର ଅଧ୍ୟକ୍ଷ ତଥା ବିଶ୍ୱ ମାନବବାଦୀ ପ୍ରବକ୍ତା ନର୍ବର୍ଟ ସାଉର ଏବଂ ଲାଲଚାନ୍ଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଉତ୍ସବର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଛାତ୍ରୀଛାତ୍ରଙ୍କୁ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ମୁନାସିଂଘେ କହିଲେ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପୂର୍ବରୁ ନିଜ ମଧ୍ୟରେ ଶାନ୍ତି ଆଣିବାକୁ ଚେଷ୍ଟା କରିବା ଉଚିତ। ବିଶ୍ୱର ସ୍ଥାୟିତ୍ୱ ଓ ଶାନ୍ତି ପ୍ରତିଷ୍ଠା ହେଉଛି ପ୍ରମୁଖ ଆହ୍ୱାନ। ଦାରିଦ୍ର୍ୟ, ଅସମାନତା ଏବଂ ସମ୍ବଳ ଅଭାବ ଉପରେ ଆଲୋକପାତ କରି ସେ ଚେତାଇ ଦେଇ କହିଲେ, ବର୍ତ୍ତମାନ ସମୟରେ ମାନବବାଦ ପାଇଁ ପରିବେଶର ସୁରକ୍ଷା ତୁରନ୍ତ ଆବଶ୍ୟକ। ସମ୍ପ୍ରତି ବିଶ୍ୱ ପାଇଁ ଯେତିକି ସମ୍ବଳର ଆବଶ୍ୟକତା ରହିଛି, ୨୦୩୦ ମସିହା ବେଳକୁ ଦୁଇଗୁଣା ହୋଇଯିବ। ଦ୍ୱିତୀୟ ଦିନରେ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସର ବିଚାରପତି ଜଷ୍ଟିସ ଅବଦୁଲକ୍ୱାଇ ଅହମ୍ମଦ ଇସୁଫ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ନାତକମାନଙ୍କୁ ବିଶ୍ୱ ଶାନ୍ତି ନିର୍ମାତା ଏବଂ ନ୍ୟାୟର ସ୍ୱର ଭାବରେ ନିଜ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ତୃତୀୟ ଦିନରେ ନୋବେଲ ବିଜେତା ଓଉଇଦେଦ ବୋଚାମାଉଇ ଛାତ୍ରୀଛାତ୍ରଙ୍କୁ ଡ. ଅଚ୍ୟୁତ ସାମନ୍ତଙ୍କ ଭଳି ଦୟା, କରୁଣା ଓ ମାନବିକତାକୁ ଜୀବନର ମୂଳ ମନ୍ତ୍ର ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କିସ୍ ଓ କିଟ୍ ପ୍ରତିଷ୍ଠାତା ଡ. ସାମନ୍ତ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିଥିବା ଦୁଇ ଛାତ୍ରୀଛାତ୍ରଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣ ପଦକ, ପିପିଏଲ ସ୍ୱର୍ଣ୍ଣ ପଦକ, ପିକେ ବଳ ସ୍ମାରକୀ ସ୍ୱର୍ଣ୍ଣ ପଦକ, ନନିବାଳା ସ୍ମାରକୀ ସ୍ୱର୍ଣ୍ଣପଦକ, ଶ୍ରୀକୃଷ୍ଣଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣ ପଦକ, ଡ. ୱାଟି ପରମଗୁରୁ ସ୍ମାରକୀ ସ୍ୱର୍ଣ୍ଣ ପଦକ ଓ କୁଳପତି ରୌପ୍ୟ ପଦକ ପ୍ରଦାନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, ଉପକୁଳାଧିପତି ପ୍ରଫେସର ଡା ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ. ଡି. ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷାଧିକ ଟଙ୍କାର ବାଣ ଜବତ, ୨ ଗିରଫ

ଜଳେଶ୍ୱର,୨୮।୯(ନବୀନ ସାହୁ)

ବେଆଇନ ବାଣ ଗୋଦାମ ଉପରେ ଜଳେଶ୍ୱର ପୋଲିସ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରିବା ସହିତ ୨ ବେପାରୀଙ୍କୁ ଗିରଫ କରିଛି। ଜଳେଶ୍ୱର ଥାନା ପଶ୍ଚିମବାର୍ଡ ଗ୍ରାମରେ ଜଣେ ବ୍ୟକ୍ତି ଦୀର୍ଘ ଦିନ ଧରି ବେଆଇନ ଭାବରେ ବାଣ କାରବାର କରିଆସୁଥିଲେ। ଏନେଇ ଜଳେଶ୍ୱର ପୋଲିସ ପାଖରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ତେବେ ରବିବାର ଜଳେଶ୍ୱର ଏଏସ୍‌ଆଇ ଭଗବାନ ଦାସଙ୍କ ନେତୃତ୍ୱରେ ଜଳେଶ୍ୱର ପୋଲିସ ଉକ୍ତ ବେଆଇନ ବାଣ ଗୋଦାମରେ ଚଢ଼ାଉ କରି ବିପୁଳ ପରିମାଣରେ ବାଣ ଜବତ କରିବା ସହିତ ଉକ୍ତ ଯୁବକଙ୍କୁ ଗିରଫ କରିଛି। ଉକ୍ତ ବାଣର ମୂଲ୍ୟ ଦେଢ଼ଲକ୍ଷ ଟଙ୍କା ହେବ। ସେହିପରି ଭାବରେ ଆରୁହା ପଞ୍ଚାୟତ ଶାଳିକୋଠ ଗ୍ରାମରେ ଚଢ଼ାଉ କରି ୩୦ ହଜାର ଟଙ୍କାର ବାଣ ଜବତ କରିବା ସହିତ ବାଣ ବେପାରୀଙ୍କୁ ଗିରଫ କରିଛି।







# ଉଧାର ଟଙ୍କା ଶୁଝି ନ ପାରି ଚାଷୀଙ୍କ ଜୀବନ ଗଲା

ଭୋଗରାଇ,୨୮।୯(ପ୍ରଦୀପ ଦାସ)

### ମୃତଦେହ ରଖି ପ୍ରତିବାଦ କଲେ ଗ୍ରାମବାସୀ

ଉଧାର ଟଙ୍କାର ଚକ୍ରବୃଦ୍ଧି ସୁଧ ବଦଳରେ ନିଜ ସମ୍ପତ୍ତିକୁ ବନ୍ଧକ ଦେବା ଓ ମାତ୍ରାଧିକ ସୁଧ ଆଦାୟ ଜୁଲୁମ ସହି ନ ପାରି ଜଣେ ଚାଷୀଙ୍କ ଜୀବନ ଯାଇଛି। ଏଭଳି ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ। ମୃତ ଚାଷୀ ହେଲେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଗଣେଶ୍ୱରପୁର ଗ୍ରାମର ରବୀନ୍ଦ୍ର ନାଥ ସାହୁ (୬୫)।

ସୂଚନାନୁଯାୟୀ, ରବୀନ୍ଦ୍ର କିଛି ବର୍ଷ ପୂର୍ବରୁ ଦେହୁର୍ଦ୍ଦା ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ଚାଷ କାର୍ଯ୍ୟ ନିମନ୍ତେ ଲକ୍ଷାଧିକ ଟଙ୍କା ଉଧାର ନେଇ ଚାଷ କାମ କରିଥିଲେ। କିନ୍ତୁ ଏହି ଚାଷରେ ସେ କ୍ଷତି ସହିବାରୁ ଉଧାର ଆଣିଥିବା ଟଙ୍କା ଶୁଝି ନ ପାରି ପରିବାର ଲୋକଙ୍କ ଅଗୋଚରରେ ନିଜର ଘରଡିହ ସହ ୩୫ ଡିସିମିଲ ଜାଗା ଲିଖିତ ଭାବେ ବନ୍ଧକ ରଖିଥିଲେ। ପରିବାରର ୧୩ଜଣ ସଦସ୍ୟଙ୍କ ପ୍ରତିପୋଷଣ ଲାଗି ରବୀନ୍ଦ୍ର ମୁଖ୍ୟ ଥିବା ବେଳେ ଚାଷରେ କ୍ଷତି, ସୁଧଖୋରଙ୍କ ଚକ୍ରବୃଦ୍ଧି ସୁଧର ଜୁଲୁମ ତାଙ୍କୁ ଭାରାକ୍ରାନ୍ତ କରିଥିବା ମୃତ ଚାଷୀଙ୍କ ପୁତ୍ର ଅଭିଯୋଗ କରିଥିଲେ। ଅଭାବ ସହି ନ ପାରି ପରିବାରର ଅଜାଣତରେ ଗତ ୧୮ତାରିଖରେ ରବୀନ୍ଦ୍ର ନିରୁଦ୍ଦିଷ୍ଟ ହୋଇଥିଲେ। ପରିବାର ଲୋକେ ଏନେଇ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରି ଖୋଜଖବର ନେଉଥିଲେ। ରବୀନ୍ଦ୍ର ଏଣେତେଣେ ବୁଲିବା ପରେ ରୂପ୍‌ସାଠାରେ ରାସ୍ତାରେ ପଡିଯାଇଥିବା ସୂଚନା ମିଳିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ପୋଲିସକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରିବାର ଲୋକେ ସେଠାକୁ ଯାଇ ମୃତଦେହ ଆଣି ଶନିବାର ମଧ୍ୟାହ୍ନରେ ସୁଧଖୋର ବ୍ୟକ୍ତିଙ୍କ ଘର ସମ୍ମୁଖରେ ମୃତଦେହ ରଖି କ୍ଷତିପୂରଣ ସହ ସମସ୍ତ ଜମିକୁ ଫେରସ୍ତ ଦାବି କରି ନାରାବାଜି ଦେଇଥିଲେ। ସ୍ଥିତି କ୍ରମଶଃ ଜଟିଳ ହେବାରୁ ଭୋଗରାଇ ଥାନାଧିକାରୀ ରୋହିତ କୁମାର ବଳ ଓ ପୋଲିସବାହିନୀ ପହଞ୍ଚି ଉତ୍ତେଜିତ ଗ୍ରାମବାସୀଙ୍କୁ ବୁଝାଶୁଝା କରି ପ୍ରତିଶ୍ରୁତି ଦେବାରୁ ମୃତଦେହକୁ ଗ୍ରାମବାସୀ ଗ୍ରାମକୁ ନେଇ ଦାହ କରିଥିଲେ। ମୃତ ଚାଷୀଙ୍କ ପୁଅ ଭାସ୍କର ସାହୁ ସୁଧଖୋର ବ୍ୟକ୍ତିଙ୍କୁ ଦାୟୀ କରି ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

# ସ୍କୁଟି ଉପରେ ଚଢ଼ିଲା ହାଇୱା, ଦମ୍ପତି ମୃତ

ବରଗଡ଼,୨୮।୯(ପ୍ରେମାନନ୍ଦ ଖମାରୀ)

- ଆହତ ୨ ଶିଶୁପୁତ୍ର ଏବେ ଅସହାୟ
- ଉତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ବରଗଡ଼ ସହର ସ୍ଥିତ ଗୁରୁଦ୍ୱାରା ଛକରେ ରବିବାର ଅପରାହ୍ନ ପ୍ରାୟ ୪ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କୁଟି ଉପରେ ହାଇୱା ଚଢ଼ିଯିବାରୁ ଚାପିହୋଇ ଘଟଣାସ୍ଥଳରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଅମ୍ବାଭୋନାର ହରେକୃଷ୍ଣ ଡୁଙ୍ଗୁରି(୩୬) ଏବଂ ତାଙ୍କ ସ୍ତ୍ରୀ କୁନ୍ତଳା(୩୦)। ଏହି ଦୁର୍ଘଟଣାରେ ଦମ୍ପତିଙ୍କ ୨ ଶିଶୁପୁତ୍ର ଆହତ ହୋଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଦୁର୍ଘଟଣା ପରେ ଉତ୍ୟକ୍ତ ଲୋକେ ଘଟଣାସ୍ଥଳରେ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

ସୂଚନା ଅନୁଯାୟୀ, ମୃତ ଦମ୍ପତି ୨ ଶିଶୁ ପୁତ୍ରଙ୍କୁ ଧରି ଏକ ସ୍କୁଟି (ନମ୍ବର – ଓଡି୧୭ଏଏଫ ୧୭୫୭)ରେ ଯାଉଥିବା ସମୟରେ ଅନ୍ୟ ଏକ ହାଇୱା ଗାଡି(ନମ୍ବର – ଓଡି୧୭ଏସି ୨୮୯୪) ତାଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ହାଇୱା ଗାଡି ଚକତଳେ ଚାପି ହୋଇ ରହିଯିବାରୁ ଘଟଣାସ୍ଥଳରେ ଦମ୍ପତିଙ୍କର ମୃତ୍ୟୁ ହୋଇଥିଲା ଏବଂ ୨ ଶିଶୁପୁତ୍ର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତ ଶିଶୁଙ୍କୁ ଉଦ୍ଧାର କରି ବରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ମୃତ ହରେକୃଷ୍ଣ ପକ୍ଷାଘାତ ରୋଗୀ ହୋଇଥିବା ବେଳେ କୁନ୍ତଳା ଅମ୍ବାଭୋନା ତହସିଲ କାର୍ଯ୍ୟାଳୟରେ ଘରୋଇ ସଫେଇ କର୍ମଚାରୀ ଭାବେ କାମ କରୁଥିଲେ ବୋଲି ଜଣାପଡ଼ିଛି। ଦମ୍ପତିଙ୍କ ମୃତ୍ୟୁ ପରେ ୨ ଶିଶୁପୁତ୍ର ଅସହାୟ ହୋଇଯାଇଥିବା ଯୋଗୁ ସେମାନଙ୍କ ଥଇଥାନ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ୪୦ଟଙ୍କା ପାଇଁ ଜୀବନ ହାରିଲେ ମହିଳା

ପାଟଣା,୨୮।୯(ବୀର କିଶୋର ଦାଶ)

- ମହୁଲ ଗଛରେ ଝୁଲିପଡ଼ିଲେ
- ବାପ ଘରକୁ ଯିବାକୁ ଟଙ୍କା ଦେଲେନି ସ୍ୱାମୀ

କେନ୍ଦୁଝର ଜିଲା ପାଟଣା ଥାନା ଖଡ଼ିକାପଦା ପଞ୍ଚାୟତ ଗୋହିରା ଗ୍ରାମ ଚଉରି ସାହିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବାପଘରକୁ ଯିବାକୁ ସ୍ୱାମୀ ଟଙ୍କା ନ ଦେବାରୁ ମହିଳା ରବିବାର ଏକ ମହୁଲ ଗଛରେ ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ଜଣକ ହେଲେ ଗ୍ରାମର ବିଦ୍ୟାଧର ମୁଣ୍ଡାଙ୍କ ସ୍ତ୍ରୀ ଜାନକୀ ମୁଣ୍ଡା(୧୯)। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।


ସୂଚନା ଅନୁଯାୟୀ, ଜାନକୀ ବାପ ଘରକୁ ଯିବାକୁ ବିଦ୍ୟାଧରଙ୍କୁ ଗାଡ଼ି ଭଡ଼ା ପାଇଁ ୪୦ ଟଙ୍କା ମାଗିଥିଲେ। ମାତ୍ର ସେ ନ ଦେବାରୁ ଉଭୟଙ୍କ ମଧ୍ୟରେ କଳହ ହୋଇଥିଲା। ଏନେଇ ଜାନକୀ ରବିବାର ସକାଳୁ ଘରୁ ରାଗି ଚାଲି ଯାଇଥିଲେ। ଗାଁ ନିକଟସ୍ଥ ଜଙ୍ଗଲରେ ଆତ୍ମହତ୍ୟା କରିଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତ ଜାଣିବାକୁ ପାଇଥିବା ସୂଚନା ଦେଇଛି। ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ. ୨୭/୨୫) ରୁଜୁ ହୋଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ମାନସ କୁମାର ମହାକୁଳ କହିଛନ୍ତି।

# ନିଆଁ ଲାଗି ଜଳିଗଲା ଟ୍ରକ୍

ନୂଆପଡ଼ା,୨୮।୯(ମକାରୁ ବେମାଲ)



ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ଉଦ୍ୟାନବନ୍ଧଠାରୁ କିଛି ଦୂର ଏକ ନୂତନ ପେଟ୍ରୋଲ ପମ୍ପ ନିକଟରେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ରବିବାର ଭୋର ଚଳନ୍ତା ଟ୍ରକରେ ନିଆଁ ଲାଗି ଯାଇଥିଲା। ଫଳରେ ସେଥିରେ ଥିବା ସାଇକେଲ, ସଉଦା ସାମଗ୍ରୀ, ଖାଇବା ତେଲ ଆଦି ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ସିଜି ୦୪ ଏଚଡବ୍ଲ୍ୟୁ ୯୫୧୬ ନମ୍ବର ଟ୍ରକରେ ରାୟପୁରରୁ ସାମଗ୍ରୀ ଲୋଡ଼ ହୋଇ କଳାହାଣ୍ଡି ଜିଲା କେସିଙ୍ଗାକୁ ଯାଉଥିଲା। ଡ୍ରାଇଭର ନିଆଁ ଲାଗିଥିବା ଦର୍ପଣରେ ଦେଖି ଟ୍ରକକୁ ଛିଡା କରି ଦେଇଥିଲେ। ଖବରପାଇ କୋମନା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ନିଆଁ ଜଳିବା ପୂର୍ବରୁ ସାମଗ୍ରୀ ପୋଡ଼ିବା ଭଳି ଗନ୍ଧ ହୋଇଥିଲା। ଡ୍ରାଇଭର ଜାଣି ନ ପାରି ଟ୍ରକ୍ ଚଳାଇଥିଲେ। ତା' ପରେ ଟ୍ରକରୁ ଧୂଆଁ ବାହାରିବା ଦେଖିଥିଲେ। କିଛି ସମୟ ପରେ ଟ୍ରକ୍ ଜଳିଥିବା ଦର୍ପଣରେ ଦେଖି ଡ୍ରାଇଭର ବିଶ୍ରାମ ମାଝି ଟ୍ରକ୍ ଅଟକାଇ ଦେଇଥିଲେ ବୋଲି କହିଛନ୍ତି। କେଉଁ କାରଣରୁ ନିଆଁ ଲାଗିଲା ତାହା ଜଣାପଡ଼ିନାହିଁ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମହାସପ୍ତମୀ ପୂଜା, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର, ସମୟ: ସକାଳ ୭ଟା ୧୦।
- ରେସିଡେଣ୍ଟସ୍ ୱେଲ୍‌ଫେୟାର ଆସୋସିଏଶନ୍ ପକ୍ଷରୁ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ମହା ସପ୍ତମୀ ପୂଜା, ସ୍ଥାନ: ଶୈଳଶ୍ରୀ ବିହାର, ଫେଜ୍ ୭, ସମୟ: ସକାଳ ୯ଟା।
- ୭୦ତମ ଦୁର୍ଗାପୂଜା ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ଷ୍ଟେଶନ୍ ବଜାର ପୂଜା ମଣ୍ଡପ, ସମୟ: ସକାଳ ୯ଟା।
- ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ମହାସପ୍ତମୀ ପୂଜା, ସ୍ଥାନ: ଝାରପଡ଼ା ମେଲଣ ପଡ଼ିଆ, ସମୟ: ସକାଳ ୯ଟା ୩୭।
- ବମିଖାଲ ଦୁର୍ଗାପୂଜା ସମିତି ପକ୍ଷରୁ ମହାସପ୍ତମୀ ପୂଜା, ସ୍ଥାନ: ବମିଖାଲ ଦୁର୍ଗାପୂଜା ମଣ୍ଡପ, ସମୟ: ସକାଳ ୯ଟା ୩୭।
- ପୁସ୍ତକ 'ମୋ କର୍ମମୟ ଜୀବନ' ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୪ଟା।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ଗୋଟିପୁଅ ନୃତ୍ୟ, ସ୍ଥାନ: ବାଲିଅନ୍ତା ବଜାର ଛକ, ସମୟ: ସନ୍ଧ୍ୟା ୭ଟା।
- ଗଡ ନହରକଣ୍ଟା ଦୁର୍ଗା ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଡ ନହରକଣ୍ଟା ଦୁର୍ଗା ପୂଜା ମଣ୍ଡପ ସମ୍ମୁଖ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଶ୍ରୀରାମଚରିତ ମାନସ ଓ ସାମୂହିକ ରାମାୟଣ ପାଠର ସପ୍ତମ ଦିବସ, ସ୍ଥାନ: ଶ୍ରୀରାଧା କୁଟୀର, ମହିଦାସ ବଜାର, ସମୟ: ସକାଳ ୭ଟା।

## ବାଲେଶ୍ୱର

- ଦୁର୍ଗାଦାସ ଫାଉଣ୍ଡେଶନ ଓ ମନ୍ମଥ-ମନୋଜ ଫାଉଣ୍ଡେଶନ ମିଳିତ ସହଯୋଗରେ ଅମୃତ ସନ୍ତାନ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଦୁର୍ଗାଦାସଙ୍କ ୧୦୬ ତମ ଜୟନ୍ତୀ, ସ୍ଥାନ: ମନ୍ମଥ-ମନୋଜ ସ୍ମାରକୀ କକ୍ଷ, ଶଙ୍ଖାରୀ, ଭୋଗରାଇ, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ମହାସପ୍ତମୀ ପୂଜା, ସ୍ଥାନ: ଗାନ୍ଧୀପଡ଼ିଆ ପୂଜା ମଣ୍ଡପ, ଭଦ୍ରକ, ସମୟ: ପ୍ରାତଃ ୫ଟା ୩୯।
- ପୂର୍ବତନ ସ୍ୱାସ୍ଥ୍ୟ ନିରୀକ୍ଷକ ସ୍ୱର୍ଗତ ମଧୁସୂଦନ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଡାହାଣୀଗଡ଼ିଆ ଶ୍ରୀକୃଷ୍ଣନଗର, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ମା' ଦୁର୍ଗାଙ୍କ ସପ୍ତମୀ ପୂଜା, ସ୍ଥାନ: ହାଟଡ଼ିହୀ, ଅଣା, ବଡ଼ରମ୍ଭାସ, ଛେନାପଦି, ସମୟ: ସକାଳ ୮ ଟା।
- ବାବା ହଟକେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ହାଟଡ଼ିହୀ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଜୀବନ ଦୀପ କ୍ଲବ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍ ସ୍ଥାନ: ପାଟଣା ବ୍ଲକ୍ ଯମୁନା ପୋଷି ପଞ୍ଚାୟତ ଗୋଡ଼ି ପୋଖରୀ ଫୁଟ୍‌ବଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଭକ୍ତି ସଙ୍ଗୀତ ଓ ନୃତ୍ୟ ଅର୍ଘ୍ୟ, ସ୍ଥାନ: ତାଳପଦା ଦୁର୍ଗାପୂଜା ମଣ୍ଡପ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।
- ଭଜନ ସନ୍ଧ୍ୟା,ସ୍ଥାନ:ତୁଳସୀଚଉରା ଦୁର୍ଗାପୂଜା ମଣ୍ଡପ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ମହା ସପ୍ତମୀ ପୂଜା, ସ୍ଥାନ: ବୁଗୁଡ଼ା ବସଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୬ ଟା।

## ଢେଙ୍କାନାଳ

- ମହାଷ୍ଟମୀ ଷୋଡଶ ଦିନାତ୍ମକ ପୂଜା ସମାପନ ଉତ୍ସବ, ସ୍ଥାନ: ବନଦୁର୍ଗା ମା ମଲ୍ଲିକେଶ୍ୱରୀ ପୀଠ, ସମୟ: ଦିନ ୧୨ଟା
- ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଂଟର ଉଦଘାଟନ, ସ୍ଥାନ: ଜିଲା ସଂସ୍କୃତି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ଭୋଟ ଚୋରି ପ୍ରସଙ୍ଗରେ ପାରାଦୀପ ନଗର କଂଗ୍ରେସ ପକ୍ଷରୁ ପ୍ରତି ୱାର୍ଡରେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ ଦଳୀୟ କାର୍ଯ୍ୟାଳୟ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ତେରୋହୀ, ମହାକାଳପଡା, ସମୟ:ପୂର୍ବାହ୍ନ ୧୦ଟା
- ମହାଷ୍ଟମୀ ଅବସରରେ ମା' ଦୁର୍ଗାଙ୍କ ମହାକାଳୀ ବେଶ, ସ୍ଥାନ: ଦୁର୍ଗା ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡା, ସମୟ: ପ୍ରାତଃ ୫ଟା ।

## ଯାଜପୁର

- ଯାଜପୁର ମା' ବିରଜାଙ୍କ ମହାସ୍ନାନ ରାତ୍ର, ମହାବେଶ ଓ ପୂଜାରମ୍ଭ, ସ୍ଥାନ: ମା' ବିରଜା ମନ୍ଦିର, ସମୟ: ରାତି ୮ଟା ୧୫ ମିନିଟ।
- ବ୍ୟାସନଗର ମା' ବିରଜାଙ୍କ ଅଷ୍ଟମୀ ପୂଜା ଓ ପ୍ରସାଦ ସେବନ, ସ୍ଥାନ: ମନ୍ଦିର ପରିସର, ସମୟ : ଅପରାହ୍ନ ୧ଟା।

## ନୟାଗଡ଼

- ତ୍ରି ଦିନାତ୍ମକ ପାର୍ବଣ ଉତ୍ସବର ୨ୟ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ମହାସପ୍ତମୀରେ ଜଳଯାତ୍ରା, ସ୍ଥାନ:ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ ପରିସରସ୍ଥ ଦୁର୍ଗା ମଣ୍ଡପ, ସମୟ: ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା।
- ତ୍ରି ଦିନାତ୍ମକ ପାର୍ବଣ ଉତ୍ସବର ୨ୟ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ:ଓଡଗାଁ ବ୍ଲକ ପାଟୁଲିସାହି, ଡିମିଶର, ହରିପୁର ନୟାଗଡ ବ୍ଲକ ଆଡଚେର, ମାନପୁର, ନାଗମୁଣ୍ଡଳ. ସମୟ: ସକାଳ ୮ଟା ରୁ ରାତି ୯.୩୦ ।
- ବିଶ୍ୱଶାନ୍ତି ମହଯଜ୍ଞ ଆରମ୍ଭ, ସ୍ଥାନ: କଣ୍ଟିଲୋ ପାଣ୍ଡୁସାହୁ ପାଟଣା, ସମୟ: ସକାଳ ୮ଟା।
- ଦୁର୍ଗାପୂଜା ମହାଷ୍ଟମୀ ପୂଜା, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ପଞ୍ଚାୟତ ବାହାଡାଶୁଣୀ ପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ଗାପୂଜା ଅବସର ମହାଅଷ୍ଟମୀ ପୂଜା, ସ୍ଥାନ:ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦର ମହିଷାଷୁଣୀ ପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ଗାପୂଜା ଅବସରରେ ମହାଅଷ୍ଟମୀ ପୂଜା, ସ୍ଥାନ:କଣ୍ଟିଲୋ ଶ୍ମଶାନ ଚଣ୍ଡୀ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ଗାପୂଜା ଅବସର ମହାଅଷ୍ଟମୀ ପୂଜା, ସ୍ଥାନ:ଖଣ୍ଡପଡା ଉମାଦେବୀ ଓ ପାଟଚଣ୍ଡୀଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ୩୭ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ଦିବସରେ ରଣପୁର ଫ୍ରେଣ୍ଡସ୍ କ୍ଲବ ବନାମ ମାଣିଆବନ୍ଧ କ୍ରିକେଟ କ୍ଲବ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା ।
- ମାସେ ଧରି ହେବାକୁ ଥିବା ଦାମୋଦର ପୂଜାର ଶୃଙ୍ଖଳୀତ ନୀତି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଦକ୍ଷିଣଚଣ୍ଡୀଙ୍କ ବାର୍ଷିକ ଉତ୍ସବର ୩ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣା, ସମୟ: ଅପରାହ୍ନ ୨ଟା ।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ମହାସପ୍ତମୀରେ ପଥରକଟାର ଭାରତଲୀଳା, ସ୍ଥାନ:ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ ପରିସରସ୍ଥ ଦୁର୍ଗା ମଣ୍ଡପ ସମ୍ମୁଖ, ସମୟ: ଅପରାହ୍ନ ୨ଟାରୁ ରାତ୍ର ୧୦ଟା ।
- ତ୍ରି ଦିନାତ୍ମକ ପାର୍ବଣ ଉତ୍ସବର ୨ୟ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସଂନ୍ଧ୍ୟା ୭ଟା ।
- ତ୍ରି ଦିନାତ୍ମକ ପାର୍ବଣ ଉତ୍ସବର ୨ୟ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସଂନ୍ଧ୍ୟା ୭ଟା ।

## ନବରଙ୍ଗପୁର

- ମା' ଦୁର୍ଗାଙ୍କ ସପ୍ତମୀ ପୂଜା, ସ୍ଥାନ: ଡାବୁଗାଁ ବ୍ଲକ ସଦର ମହକୁମା ପୂଜା ମଣ୍ଡପ, ସମୟ: ସକାଳ ୮ ଟା।

## କୋରାପୁଟ

- ଦଶହରା ସପ୍ତମୀ ପୂଜା ଓ ଦର୍ଶନ ବିଧି, ସ୍ଥାନ: ବତ୍ରିସ ସିଂହାସନ ଓ ଅନ୍ୟ ଦେବୀ ପୀଠ, ସମୟ: ସକାଳ ୯ଟା।
- ବାଲ୍ୟ ବିବାହ ନିରାକରଣ ବୈଠକ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ୍ ସଭାଗୃହ, ସମୟ:ପୂର୍ବାହ୍ନ ୧୧ଟା।
- ଲୋକ ଶକ୍ତି ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଅତିଥି ଭବନ, ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ମା'ଦୁର୍ଗାଙ୍କ ସପ୍ତମୀ ପୂଜା, ସ୍ଥାନ:ମା' ବାଟମଙ୍ଗଳା ମନ୍ଦିର, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ଟା।

## ମାଲକାନଗିରି

- ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ, ସ୍ଥାନ: ସଂଘ କାର୍ଯ୍ୟାଳୟ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- କ୍ରୀଷ୍ଣା ବିକାଶ ହସ୍ପିଟାଲ ଆୟୋଜନରେ ୱାକାଥନ କାର୍ଯ୍ୟକ୍ରମ, ସ୍ଥାନ: ବୁଢ଼ାରଜା ଜଗନ୍ନାଥ କଲୋନୀ ପାର୍କ, ସମୟ: ସକାଳ ୮ଟା।
- କାମାକ୍ଷା ମନ୍ଦିରରେ ଚଣ୍ଡିପାଠ, ସ୍ଥାନ: ଭାଲୁପାଲି ନିକଟସ୍ଥ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ମାଁ ମଙ୍ଗଳା କମିଟୀ ପକ୍ଷରୁ ଚଣ୍ଡିପାଠ, ସ୍ଥାନ: ଭୁତାପଡା ସ୍ଥିତ ମଙ୍ଗଳା ମନ୍ଦିର, ସମୟ: ସକାଳ ୯ଟା।
- ମାଁ ସମଲେଇଙ୍କ ଖଣ୍ଡାଧୂଆ ନିତି, ସ୍ଥାନ: ମହାନଦୀ ମଚ୍ଛିନ୍ଦ୍ର ଘାଟ, ସମୟ: ଅପରାହ୍ନ ୫ଟା ୩୦ ।
- ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡି ପୀଠରେ ଅଷ୍ଟମୀ ଓ ଭାଇଜିଉଣ୍ଡିଆ ପୂଜା, ସ୍ଥାନ: ଦାନୀପାଲି ସ୍ଥିତ ମନ୍ଦିର ପରିସର, ସମୟ: ରାତି ୭ଟା ।
- ଚିତ୍ରକଳା ପ୍ରଦର୍ଶନୀ ଓ କର୍ମଶାଳାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଚିତ୍ରକଳା ଗ୍ୟାଲେରୀ, ସମୟ: ରାତି ୭ଟା ।
- ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ରାମାୟଣ ମଞ୍ଚସ୍ଥ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ସମୟ: ରାତି ୭ଟା ।
- ଶାରଦୀୟ ଦଶହରା ପୂଜା ପାଇଁ ପୀଠରେ ଅଷ୍ଟମୀ ପୂଜା, ଭାଇଜିଉଣ୍ଡିଆ ପର୍ବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ରାତି ୮ଟା ।
- ସମଲେଇଙ୍କ ଆଖଡ଼ା ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ସମଲେଇ ମନ୍ଦିର ଛକ, ସମୟ: ରାତି ୮ଟା ।

## ରାଉରକେଲା

- ଦୁର୍ଗାପୂଜା କମିଟି ପକ୍ଷରୁ କଳସ ଶୋଭାଯାତ୍ରା, ସ୍ଥାନ: ଅଭିମନ୍ୟୁ ନଗର, ସେକ୍ଟର-୩, ସମୟ: ସକାଳ ୮ଟା ୫୨ ।
- ସ୍ୱର୍ଗତ ରମାଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରଦ୍ଧା ଅନୁଷ୍ଠାନରେ ଶୈକ୍ଷିକ ଶିବିର, ସ୍ଥାନ: ସେକ୍ଟର-୭, ସମୟ: ପୂର୍ବାହ୍ନ ୧୦ଟା ।

## ବରଗଡ଼

- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ: ଅପରାହ୍ନ ୨ଟା ।

## କଳାହାଣ୍ଡି

- ମା'ମାଣିକେଶ୍ୱରୀଙ୍କ ମହାଷ୍ଟମୀ ପୂଜା ଉପଲକ୍ଷେ ଘୁମୁରା ପ୍ରତିଯୋଗିତା ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀଙ୍କ ମନ୍ଦିର ପରିସର, ସମୟ: ସକାଳ ୮ଟା ।
- ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ସାମାଜିକ ଅପେରା ପରିବେଷଣ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଚୈଗୁଡା ଗ୍ରାମ,ସମୟ: ସନ୍ଧ୍ୟା ୭ଟା ।
- ଜନତା ଦୁର୍ଗା ପୂଜା କମିଟି ପକ୍ଷରୁ ଭଜନ ସନ୍ଧ୍ୟା ସମାରୋହ, ସ୍ଥାନ: ଭବାନୀପାଟଣା, ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା ।
- ମହାଷ୍ଟମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଥୁଆମୂଳ ରାମପୁର ମା' ମାଣିକେଶ୍ୱରୀ ମନ୍ଦିର, ସମୟ: ରାତି ୯ଟା ୩୦ ।

## ଦେବଗଡ଼

- ନବରାତ୍ର ପୂଜା ଅଷ୍ଟମ ଦିବସ, ସ୍ଥାନ: ମା' କନକଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡ଼ି ସାଇ ମନ୍ଦିର, ମା' ପଧାନୀ ଓ ଦକ୍ଷିଣକାଳି ମନ୍ଦିର, ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମହାଗୌରୀ ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦
- ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ କାର୍ଯ୍ୟକ୍ରମ, ସ୍ଥାନ: ବୀରମହାରାଜପୁର ବସଷ୍ଟାଣ୍ଡ ଦୁର୍ଗା ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା
- ମହାନଦୀରେ ମାହେଶ୍ୱରୀଙ୍କ ମହାସ୍ନାନ, ସ୍ଥାନ: ଦେଉଳି ଘାଟ,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା
- ସୁବର୍ଣ୍ଣପୁର ସହର ମହାନଦୀର ତେନ୍ତୁଳିଘାଟରେ ମା' ଲଙ୍କେଶ୍ୱରୀଙ୍କ ମହାଆଳତି, ସ୍ଥାନ: ବଡବଜାର ତେନ୍ତୁଳିଘାଟ, ସମୟ: ସନ୍ଧ୍ୟା ୭ଟା ୩୦।
- ଭାଇ ଜିଉଁନ୍ତିଆ ବ୍ରତ, ସ୍ଥାନ: ବୀରମହାରାଜପୁର ଦୁର୍ଗାମନ୍ଦିର, ସମୟ : ରାତି ୮ଟା ।

## ନୂଆପଡ଼ା

- ଶ୍ରୀଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜାରେ ମାତା କାଳରାତ୍ରୀ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସାପ୍ତାହିକ ବଜାର ପଡ଼ିଆ, ସମୟ: ସକାଳ ୮ ଟା ।
- ନାଗବାଚା ପାର୍ଟି ପକ୍ଷରୁ ଅଷ୍ଟ ମଙ୍ଗଳା ପୂଜା, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ନାଗବାଚା ଗୁଡି, ସମୟ: ସକାଳ ୯ ଟା।
- ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଧାରଣା ଅଷ୍ଟମ ଦିବସ, ସ୍ଥାନ: ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ତ୍ରୟୋଦଶ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜୟହିନ୍ଦ ଯୁବକ ସଂଘ ନବଦୁର୍ଗା କମିଟି ବିରେଶକେଲା ପକ୍ଷରୁ କାଳ୍ପନିକ ନାଟକ ପରିବେଷଣ, ସ୍ଥାନ: ବୋଡେନ ବ୍ଲକ ବିରେଶକେଲା ଗାଁ, ସମୟ: ରାତ୍ର ୯ ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହକ କଥା ନିମ୍ବ ତିଅଣ**
**ଆଗ ଆଗ ପିତା ପଛକୁ ଗୁଣ ।**

ସାଧାରଣତଃ ନିମ୍ବ ପାଟିକୁ ପିତା ଲାଗିଥାଏ । ତେବେ ପିତା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର ବୋଲି ଏଠାରେ ପ୍ରକାଶ କରାଯାଇଛି।

**ହାଟର କନିଆଁ ବାଟର ବର**
**ଧରିଆଣି ବିଭା କର ।**

ସାଧାରଣତଃ ପୁଅ ହେଉ ବା ଝିଅ, ବାହାଦେବା ପୂର୍ବରୁ ଅନେକ ଧାଁ ଦଉଡ଼ କରିବାକୁ ପଡ଼ିଥାଏ । ଝିଅର ସଂସ୍କାର, ଚାଲିଚଳନ ତଥା ପୁଅର ଗୁଣଗ୍ରାମ, ଚାକିରି, ଘର ପରିବାର ବିଷୟରେ ଟିକିନିଖି ଜାଣି ପରଖି ପସନ୍ଦ ଆସିଲେ ଯାଇ ବାହାଘର କରାଯାଏ । ତେବେ ଏଥିରେ ବ୍ୟତିକ୍ରମ ଘଟି ବେଳେବେଳେ ଅଚାନକ ଭାବେ ବାହାଘର ସ୍ଥିର ହୋଇଯାଉଥିବାର ଦେଖିବାକୁ ମିଳିଥାଏ । ହାଟ ସଉଦା କରିବାକୁ ଯାଇ କନିଆଁ ପସନ୍ଦ କରିବସିବା ଭଳି ହଠାତ୍ ବୁଝାବୁଝି ବିଭାଘର ଅନୁଷ୍ଠିତ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଇରାନ୍‌କୁ ଫେରିଲା ...

ଜୁନ୍‌ରେ ଇସ୍ରାଏଲ୍ ବୈଶ୍ୱିକ ଆଣବିକ ଜଗୁଆଳି ସଂସ୍ଥା ଇଣ୍ଟରନ୍ୟାଶନାଲ ଆଟମିକ୍ ଏନର୍ଜି ଏଜେନ୍ସି (ଆଇଏଇଏ) ପକ୍ଷରୁ ଜାରି ସଂକଳ୍ପନାମାର ଦୁରୁପଯୋଗ କରି ତେହରାନ୍‌କୁ ଟାର୍ଗେଟ କରିଥିଲା। ୧୨ ଦିନ ଧରି ଚାଲିଥିବା ଏହି ଆକ୍ରମଣରେ ୧,୦୦୦ରୁ ଊର୍ଦ୍ଧ୍ୱ ଇରାନୀୟ ନାଗରିକ ନିହତ ହେବା ସହ ବହୁ ବିଲିୟନ୍ ଡଲାର ସମ୍ପତ୍ତି ନଷ୍ଟ ହୋଇଥିଲା। ଏହା ପରେ ଇରାନ୍ ଆଇଏଇଏରୁ ଓହରିଯାଇଥିଲା। ପରିଣାମସ୍ୱରୂପ ଇରାନ୍‌ର ଆଣବିକ କେନ୍ଦ୍ରଗୁଡ଼ିକୁ ଆମେରିକା ଆକ୍ରମଣ କରିବା ସହଜ ହୋଇଥିଲା। ତେଣୁ ସଦ୍ୟ କଟକଣା ଆଳରେ ଇସ୍ରାଏଲ୍ ଇରାନ୍‌କୁ ପୁଣି ଟାର୍ଗେଟ କରିବା ଆଶଙ୍କା ଉପୁଜିଛି। ଏଭଳି ଆହ୍ୱାନପୂର୍ଣ୍ଣ ସ୍ଥିତି ପୂର୍ବରୁ କେବେ ଦେଖାଦେଇ ନ ଥିଲା। ଏପରି କି ୧୯୮୦ ଦଶକରେ ଇରାନ୍-ଇରାକ୍ ଯୁଦ୍ଧ ଓ ତତ୍ ପରବର୍ତ୍ତୀ କଟକଣା ବେଳେ ମଧ୍ୟ ଏପରି ସଙ୍କଟକୁ ଦେଶବାସୀ ସାମ୍ନା କରି ନ ଥିଲେ ବୋଲି ଜଣେ ବ୍ୟକ୍ତି ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି। ଇତିମଧ୍ୟରେ ଇରାନ୍ ଏହାର ୟୁରାନିୟମ୍ ସମ୍ବର୍ଦ୍ଧନକୁ ୬୦%ରୁ ୯୦% ପର୍ଯ୍ୟନ୍ତ ବଢ଼ାଇସାରିଛି। ୯୦% ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟର ତାତ୍ପର୍ଯ୍ୟ ହେଉଛି ତେହରାନ୍ ଏହାକୁ ନେଇ ପର୍ଯ୍ୟାପ୍ତ ପରିମାଣର ଆଣବିକ ଅସ୍ତ୍ର ନିର୍ମାଣ କରିପାରିବ। ଅନ୍ୟପକ୍ଷେ ଇରାନ୍ କେବଳ ଶାନ୍ତିପୂର୍ଣ୍ଣ ବ୍ୟବହାର ପାଇଁ ଆଣବିକ କାର୍ଯ୍ୟକ୍ରମ ଚଳାଇଥିବା ସଫେଇ ଦେଇଆସୁଛି। ଏଭଳି ସ୍ଥିତିରେ ଇରାନ୍‌ର ପରବର୍ତ୍ତୀ ପଦକ୍ଷେପ ଉପରେ ବିଶ୍ୱ ସମୁଦାୟର ଦୃଷ୍ଟି କେନ୍ଦ୍ରୀଭୂତ ହୋଇଛି।

### କଡ଼ା ଜବାବର ଚେତାବନୀ ଦେଲା ତେହରାନ୍

ଇରାନ୍ ଉପରେ ପୁନଃ କଟକଣାର କଡ଼ା ଜବାବ ଦିଆଯିବ ବୋଲି ରବିବାର ତେହରାନ୍ ଚେତାବନୀ ଦେଇଛି। ଏଥିସହ ଜାତିସଂଘ ପକ୍ଷରୁ ଲଗାଯାଇଥିବା କଟକଣା ପଛରେ ଥିବା ବ୍ରିଟେନ୍, ଫ୍ରାନ୍ସ ଓ ଜର୍ମାନୀରୁ ନିଜ ରାଷ୍ଟ୍ରଦୂତମାନଙ୍କୁ ପରାମର୍ଶ ପାଇଁ ଫେରାଇ ଆଣିଛି। ଜାତିସଂଘରେ କଟକଣା ପ୍ରସ୍ତାବ ଆଗତ ବେଳେ ରୁଷିଆ ଏହାକୁ ବିରୋଧ କରିଥିଲା। କଟକଣା ବେଆଇନ ହୋଇଥିବାରୁ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ ବୋଲି ଜାତିସଂଘରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ କହିଥିଲେ। ଏତେ ବଡ଼ ଭୁଲ୍ ପଦକ୍ଷେପ ନ ନେବା ପାଇଁ ଲାଭ୍ରୋଭ୍ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କୁ ଲିଖିତ ଭାବେ ସତର୍କ କରାଇଥିଲେ।

### ସ୍ନାପ୍‌ବ୍ୟାକ୍ କ'ଣ

୨୦୧୫ରେ ବିଶ୍ୱର ମହାଶକ୍ତିଗୁଡ଼ିକ ସହ ଇରାନ୍ ନିଜ ଆଣବିକ ଚୁକ୍ତି ସ୍ୱାକ୍ଷର କରାଇବାବେଳେ 'ସ୍ନାପ୍‌ବ୍ୟାକ୍' ବ୍ୟବସ୍ଥା ଆଣିଥିଲା। ତଦନୁସାରେ ଜାତିସଂଘ ସଦ୍ୟ କଟକଣା ଜାରି କରିଛି। ଜାତିସଂଘ ସୁରକ୍ଷା ପରିଷଦ(ୟୁଏନ୍‌ଏସ୍‌ସି)କୁ ଭିଟୋ ପ୍ରତିରୋଧୀ କ୍ଷମତା ପ୍ରଦାନ କରିବା ଲାଗି 'ସ୍ନାପ୍‌ବ୍ୟାକ୍' ପ୍ରସ୍ତୁତ କରାଯାଇଥିଲା। ଅର୍ଥାତ୍ ଚାଇନା ଓ ରୁଷିଆ ଚାହିଁଲେ ମଧ୍ୟ ୟୁଏନ୍‌ଏସ୍‌ସିକୁ କଟକଣା ଜାରିରୁ ନିବୃତ୍ତ ରଖିପାରିବେ ନାହିଁ। ତଦନୁସାରେ ଫ୍ରାନ୍ସ, ଜର୍ମାନୀ ଓ ବ୍ରିଟେନ୍ ଅଗଷ୍ଟ ୨୮ରେ 'ସ୍ନାପ୍‌ବ୍ୟାକ୍' କ୍ଷମତାର ପ୍ରୟୋଗ କରିଥିଲେ, ଯେତେବେଳେ କି ୱାଶିଂଟନ୍ ସହ ତେହରାନ୍‌ର ଆଣବିକ ଆଲୋଚନା ବିଫଳ ହୋଇଥିଲା।

## ବିହାର ଭୋଟ ସହ ...

ପର୍ଯ୍ୟବେକ୍ଷକମାନେ ନିଯୁକ୍ତିଠାରୁ ନିର୍ବାଚନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ ଆୟୋଗଙ୍କ ନିୟନ୍ତ୍ରଣ ଏବଂ ଶୃଙ୍ଖଳା ଅଧୀନରେ କାର୍ଯ୍ୟ କରିବାକୁ ବାଧ୍ୟ। ନିର୍ବାଚନ ସମୟରେ ପର୍ଯ୍ୟବେକ୍ଷକମାନେ ନିରପେକ୍ଷତା ବଜାୟ ରଖିବେ ଏବଂ ବିଶ୍ୱସନୀୟତାର ସହ କାର୍ଯ୍ୟ ସମ୍ପାଦନ କରିବେ। ପ୍ରଶାସନିକ ସେବାରେ ବରିଷ୍ଠତା ଏବଂ ଅଭିଜ୍ଞତାସମ୍ପନ୍ନ ଅଧିକାରୀଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଥାଏ, ଯାହାଦ୍ୱାରା ନିର୍ବାଚନରେ ସ୍ୱଚ୍ଛତା ରହିବା ସହିତ କ୍ଷେତ୍ରସ୍ତରରେ ନିର୍ବାଚନ ପ୍ରକ୍ରିୟାର ଦକ୍ଷ ଏବଂ ପ୍ରଭାବଶାଳୀ ପରିଚାଳନାକୁ ମଧ୍ୟ ତଦାରଖ କରନ୍ତି। ଏହାସହିତ ସେମାନେ ପ୍ରାର୍ଥୀଙ୍କ ଖର୍ଚ୍ଚ ଉପରେ ତୀକ୍ଷ୍ଣ ନଜର ରଖିଥାନ୍ତି। ପ୍ରକାଶ ଯେ, ବିହାରରେ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା ପାଇଁ ଅକ୍ଟୋବର ୪ରେ ଇସି ସେଠାକୁ ଗସ୍ତ କରିବାକୁ ଥିବାବେଳେ ଏହାର ପୂର୍ବଦିନ ପର୍ଯ୍ୟବେକ୍ଷକଙ୍କ ସମ୍ପର୍କରେ ବିବରଣୀ ପ୍ରଦାନ କରିବେ। ସୂଚନାଯୋଗ୍ୟ, ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ରେ ଶେଷ ହେବାକୁ ଥିବାବେଳେ ସେହି ମାସରେ ନିର୍ବାଚନ ହୋଇପାରେ।

## ପର୍ଯ୍ୟବେକ୍ଷକ ତାଲିକାରେ ...

ଅଧିକାରୀଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବରିଷ୍ଠ ଆଇଏଏସ୍ ତଥା ସମବାୟ ବିଭାଗ ସଚିବ ପାଟିଲ ରାଜେଶ ପ୍ରଭାକର, ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂହ, ଦକ୍ଷତା ବିକାଶ ବିଭାଗ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି. ପରମେଶ୍ୱରନ୍, ଏମ୍‌ଏସ୍‌ଏମ୍‌ଇ ବିଭାଗ ସଚିବ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ହସ୍ତତନ୍ତ ଓ ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ଅର୍ଥବିଭାଗ ଯୁଗ୍ମସଚିବ ସିଦ୍ଧାର୍ଥ ଦାସ ଏବଂ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ରହିଛନ୍ତି। ଏହି ସମସ୍ତ ଅଧିକାରୀ ଆସନ୍ତା ୩ରେ ନିର୍ବାଚନ ସମ୍ପର୍କିତ ତାଲିମ ନେବା ପରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବେ ବୋଲି ଜଣାଯାଇଛି।

## ବାପ ଝିଅଙ୍କୁ ପେଟ୍ରୋଲ ...

ଯାଇଥିଲେ। ଏହାକୁ ରବି ପ୍ରତିବାଦ କରିବାରୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ପାଖରେ ରଖିଥିବା ପେଟ୍ରୋଲକୁ ବାପଝିଅଙ୍କ ଉପରକୁ ଢାଳି ଦେବା ସହ ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ହେଲେ କୌଶଳକ୍ରମେ ରବି ଏବଂ ତାଙ୍କ ଝିଅ ଚିତ୍କାର କରି ସେଠାରୁ ଖସି ଆସିଥିଲେ। ଉଭୟେ ଆଠମଲ୍ଲିକ ମେଡିକାଲରେ ଚିକିତ୍ସିତ ହେବାପରେ ଶନିବାର ରବି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ. ୨୭୦/୨୫) ରୁଜୁ କରିଛି। ତଦନ୍ତ ଚାଲିଛି, ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି ବୋଲି ଥାନା ଅଧିକାରୀ ଶଶିଭୂଷଣ ବେହେରା କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅସୁସ୍ଥ ପାରିବେଶିକ କୁପ୍ରଭାବ, ମାନସିକ ଓ ଶାରୀରିକ ଦିଗ ସକାଶେ ଚିନ୍ତିତ ରହିପାରନ୍ତି। ଆର୍ଥିକ ଅଭିବୃଦ୍ଧି, ଧର୍ମୀୟ ଭାବନା, ବନ୍ଧୁମିଳନ ଓ ସକାଳୁଆ ଯାତ୍ରା ଶାନ୍ତି ପ୍ରଦାୟକ ହେବ। ପାରିବାରିକ, ପରିବହନ ଓ ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ। ଉପରିସ୍ଥଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ।

**ବୃଷ** ସ୍ୱାସ୍ଥ୍ୟ ବିଶେଷ ଭଲ ନ ଥିଲେ ମଧ୍ୟ ଗୁରୁତର ସମସ୍ୟା ରହିବ ନାହିଁ। ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ପାରିବାରିକ ସମସ୍ୟା ସାମୟିକ ଲାଗିରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ବନ୍ଧୁ ମିଳନ, କଳା, ସାହିତ୍ୟ, ସଭା ସମିତିରେ ସମ୍ମାନିତ ହେବେ।

**ମିଥୁନ** ପୂର୍ବପରିକଳ୍ପିତ ନୂତନ ଯୋଜନା, ସ୍ଥଗିତ କାମ ଓ ପାରିବାରିକ ସମସ୍ୟାକୁ ସୁଧାରି ନେବେ। ସହନଶୀଳତା ଓ ଉଦାରତା ଗୁଣରୁ ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର ନ କଲେ ପରେ ଅନୁତାପ କରିବେ। ବାଣିଜ୍ୟ, ଆଲୋଚନା, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ।

**କର୍କଟ** ଅନୁକୂଳ ଗ୍ରହସ୍ଥିତି ଆପଣଙ୍କ ପାରିବାରିକ ଜୀବନ ଓ କର୍ମକ୍ଷେତ୍ରକୁ ଋଦ୍ଧିମନ୍ତ କରିବ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟଲାଭର ସୌଭାଗ୍ୟ ପାଇ ଖୁସି ହେବେ। ବିଗତ ଦିନଗୁଡ଼ିକରୁ ରହିଯାଇଥିବା କାମ ସହଜ ଓ ସୁବିଧାରେ ହୋଇପାରିବ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବାର ଆଶା ରହିଛି।

**ସିଂହ** ଅପ୍ରିୟ ସତ୍ୟ କହିବାରୁ କିଛିଟା ସମସ୍ୟା ଓ ବିରୋଧର ସମ୍ମୁଖୀନ ହେବେ। ବ୍ୟବସାୟ, ପରିବହନ, ଜମିଜମା, କଳକାରଖାନାରୁ ଲାଭବାନ୍ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ସହ ହଠାତ୍ ମନୋମାଳିନ୍ୟ ଘଟିପାରେ।

**କନ୍ୟା** ବାରମ୍ବାର ପ୍ରତିବନ୍ଧକ ଲାଗିରହୁଥିବାରୁ କାମ ବିଳମ୍ବରେ ସମ୍ପନ୍ନ ହେବ। ବନ୍ଧୁ ସହଯୋଗର ପ୍ରତିଶ୍ରୁତି ଦେଇପାରନ୍ତି କିନ୍ତୁ ତାହା କାମକୁ ଆସି ନ ପାରେ। ସହୃଦୟତା କାରଣରୁ ନିଜର ଆତ୍ମୀୟସ୍ୱଜନଙ୍କ ସମସ୍ୟା ପାଇଁ ଚିନ୍ତା ବଢ଼ିପାରେ। ଆଇନ ଅଦାଲତ, ସଭାସମିତି, ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା** ଆଜିର ପ୍ରତ୍ୟୁଷ ଯାତ୍ରା, ବ୍ୟବସାୟ,ଯୋଗାଯୋଗ, ଜମିଜମା କାରବାର ପାଇଁ ଶୁଭପ୍ରଦ ହେବ। ସୁସମ୍ପର୍କ ଅଭାବରୁ ନିଜ ଲୋକଙ୍କ ଉପରେ ଭରସା କରିପାରିବେ ନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ପରୋକ୍ଷ ଶତ୍ରୁତା ହେତୁ ସାମୟିକ ସମସ୍ୟା ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

**ବିଛା** ଆଜି ଯାହା ପାଇବା ପାଇଁ ଭାବୁଛନ୍ତି ତାହା ପାଇବେ କିନ୍ତୁ ସମୟକୁ ଅପେକ୍ଷା କରିବାକୁ ପଡ଼ିପାରେ। ପରୋକ୍ଷ ଶତ୍ରୁତାଜନିତ କୌଣସି ଗୁଜବ ଅଶାନ୍ତିର କାରଣ ହେବ। ଆବଶ୍ୟକତା ପୂରଣ କରିବା ସକାଶେ ବିଶେଷ ଚିନ୍ତା କରିବାକୁ ପଡ଼ିବାର ଆଶଙ୍କା ରହିଛି। ପାରିବାରିକ ବନ୍ଧୁ ମିଳନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାଜନିତ ଆନନ୍ଦିତ ହୋଇପାରନ୍ତି।

**ଧନୁ** କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି।

**ମକର** ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରି ପ୍ରତ୍ୟେକ କାମକୁ ଦୃଢ଼ ପଦକ୍ଷେପ ନେଇ ହାସଲ କରିପାରିବେ। ଭୁଲ୍ ବୁଝାମଣାରୁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ପରୋକ୍ଷ ଶତ୍ରୁତାରୁ କାମ ହାସଲରେ ପ୍ରତିବନ୍ଧକ ଦେଖାଦେବ। ପୁତ୍ରକନ୍ୟାଙ୍କୁ କେନ୍ଦ୍ରକରି ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ପାରନ୍ତି।

**କୁମ୍ଭ** ବିଶିଷ୍ଟବ୍ୟକ୍ତିଙ୍କ ପରାମର୍ଶ ଆପଣଙ୍କୁ ନୂତନ ଭାବରେ କାମ କରିବାକୁ ଅନୁପ୍ରେରିତ କରିବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଦୂର ଯାତ୍ରା କରିବାକୁ ପଡ଼ିପାରେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ଆଇନ, ଅଦାଲତ ଓ ସାଂଗଠନିକ କାମରେ ସଫଳତା ହେତୁ ମାନସିକ ସ୍ଥିତି ଠିକ୍ ରହିବ।

**ମୀନ** ବନ୍ଧୁମାନଙ୍କ ସାହାଯ୍ୟରେ ପରିବାରରେ ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନସନ୍ କମିଯିବ। କର୍ମକ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାମାଜିକ ସ୍ତରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

ଆଜି ସେପ୍ଟେମ୍ବର ୨୯ ତାରିଖ, ବିଶ୍ୱ ହୃଦୟ ବା ହୃତ୍‌ପିଣ୍ଡ ଦିବସ, ସର୍ଜିକାଲ୍ ଷ୍ଟ୍ରାଇକ୍ ଦିବସ, ଆଶ୍ୱିନ ଶୁକ୍ଳପକ୍ଷର ସପ୍ତମୀ ଯୁକ୍ତ ଅଷ୍ଟମୀ ସୋମବାର। ମୃଣ୍ମୟୀ ଦେବୀଙ୍କ ସପ୍ତମୀ ପୂଜା, ପୀଠେ ମହାଷ୍ଟମୀ ପୂଜା, ବିମଳା ଦେବୀଙ୍କ ପୂଜା, ଶ୍ରୀମନ୍ଦିରରେ ମହାଷ୍ଟମୀ। ରାଶି ନକ୍ଷତ୍ର-ମୂଳା/ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୪୦ ଗତେ ଘ. ୦୭।୦୯ ମଧ୍ୟେ, ଘ.୦୮।୫୦ଗତେ ଘ.୧୧।୧୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ. ୦୭।୦୯ ଗତେ ଘ.୦୮।୩୮ ମଧ୍ୟେ ରାହୁକାଳ ।

## ଆଜି ମହାସପ୍ତମୀ



ଭୁବନେଶ୍ୱରସ୍ଥିତ ବମିଖାଲ ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମିତ ତୋରଣ।



କେରଳର ଶାସ୍ତ୍ରୀୟ ନୃତ୍ୟ କଥକଳିକୁ ନେଇ ଭୁବନେଶ୍ୱର ନୟାପଲ୍ଲୀଠାରେ ନିର୍ମିତ ତୋରଣ ଭାରତର ଲୋକକଳାକୁ ଜୀବନ୍ତ କରୁଛି। **(ଫଟୋ: ବିକାଶ ନାୟକ)**

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗୋବିନ୍ଦଙ୍କ ପରିବାର


### ସିବିଆଇ ତଦନ୍ତ ଦାବି କଲେ ଝିଅ


ଭୁବନେଶ୍ୱର,୨୮।୯(ରବିନାରାୟଣ ଜେନା)


କଳାହାଣ୍ଡି ସ୍କୁଲର ପୃଷ୍ଠପୋଷକ ସ୍ୱର୍ଗତ ଗୋବିନ୍ଦ ସାହୁଙ୍କ ସ୍ତ୍ରୀ ଓ ଝିଅ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ଭେଟିଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ଗୋବିନ୍ଦ ସାହୁଙ୍କ ଆତ୍ମହତ୍ୟା ଘଟଣାରେ ସନ୍ଦେହ ପ୍ରକାଶ କରି ଏହାର ପୁନଃ ତଦନ୍ତ ଦାବି କରିବା ଲାଗି ଗୋବିନ୍ଦଙ୍କ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡରେ ଗୋବିନ୍ଦ ସାହୁ ଜଣେ ଅଭିଯୁକ୍ତ ଥିଲେ। ରିପୋର୍ଟ ଅନୁଯାୟୀ ଜେଲ୍‌ରେ ଥିବା ଅବସ୍ଥାରେ ସେ ଆତ୍ମହତ୍ୟା କରିଥିଲେ।



ଏହି ଅବସରରେ ଗୋବିନ୍ଦଙ୍କ ଝିଅ ଲିପିକା ସାହୁ ଗଣମାଧ୍ୟମକୁ କହିଛନ୍ତି, ମମିତା ମେହେରଙ୍କୁ ଯିଏ ହତ୍ୟା କରିଛି, ସେ ହିଁ ମୋ ବାପାଙ୍କୁ ମାରିଛି। ଏବେ ଆମ ପରିବାର ସମ୍ପୂର୍ଣ୍ଣ ଭାବେ ଭୟଭୀତ ଅବସ୍ଥାରେ ରହିଛୁ। ବିଜେଡି ଲୋକେ ଆମ ଜମିବାଡ଼ି ଛଡ଼େଇ ନେବାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ହଇରାଣ ହରକତ କରୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତ କଥା ଅବଗତ କରାଇଛୁ। ଏହାସହିତ ଉକ୍ତ ଘଟଣାରେ ସିବିଆଇ ତଦନ୍ତ କରିବାକୁ ଦାବି ରଖିଛୁ ବୋଲି ଲିପିକା କହିଛନ୍ତି।



ଯେଉଁମାନେ ସତ୍ୟପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି–ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି । କାରଣ, ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରନ୍ତି । –ଶ୍ରୀମା

-ଆଜି ମହାଷ୍ଟମୀ, ଶ୍ରୀମୃଣ୍ମୟୀ ଦେବୀଙ୍କ ତ୍ରିଦିନାତ୍ମକ ସପ୍ତମୀ ପୂଜା



# କ୍ଷୁବ୍ଧ ଲଦାଖ

କେନ୍ଦ୍ର ସରକାର ୫ ଅଗଷ୍ଟ ୨୦୧୯ରେ ଜମ୍ମୁ ଓ କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିଥିଲେ । ଏହା ଦ୍ୱାରା ଜମ୍ମୁ ଓ କଶ୍ମୀର ଦୀର୍ଘବର୍ଷ ଧରି ପାଇ ଆସୁଥିବା ବିଶେଷ ସୁବିଧା ହରାଇଥିଲା । ଏଭଳି ପଦକ୍ଷେପ ଜମ୍ମୁ ଓ କଶ୍ମୀରକୁ ଭାଙ୍ଗି ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ(ୟୁଟି)ରେ ପରିଣତ କରିଥିଲା । ଗୋଟେ ଜମ୍ମୁ ଓ କଶ୍ମୀର ନାମ ଧାରଣ କରିଥିବା ବେଳେ ଅନ୍ୟଟି ଲଦାଖ ହୋଇଥିଲା । ଦେଖିବାକୁ ଗଲେ ଜମ୍ମୁରେ ହିନ୍ଦୁ, କଶ୍ମୀରରେ ମୁସଲମାନ ସଂଖ୍ୟାଗରିଷ୍ଠ ଥିବା ବେଳେ ଲଦାଖ ପ୍ରାୟତଃ ବୌଦ୍ଧବହୁଳ । ଲଦାଖର ବୈଶିଷ୍ଟ୍ୟ ଦେଖିଲେ ଏହାର ପୂର୍ବରେ ଚାଇନା ଥିବା ବେଳେ ପଶ୍ଚିମରେ ପାକିସ୍ତାନ ରହିଛି । ଫଳରେ ଏହା ଭାରତ ପାଇଁ ଅତ୍ୟନ୍ତ ରଣନୀତିକ ମହତ୍ତ୍ୱ ରଖୁଛି । ଏହାର ଅଧିବାସୀ ବେଶ୍ ଶାନ୍ତିପ୍ରିୟ ଭାବେ ଜଣାଶୁଣା । ଭୌଗୋଳିକ ଦୃଷ୍ଟିରୁ ଏହା ଜମ୍ମୁ ଓ କଶ୍ମୀର ଭିତରେ ଥିବାରୁ ସ୍ୱତନ୍ତ୍ରତା ପାଇପାରୁ ନ ଥିଲା । ଯେବେ ଏହା ଜମ୍ମୁ ଓ କଶ୍ମୀରଠାରୁ ଅଲଗା ହୋଇଗଲା ସେବେ ଲେହ ରାସ୍ତାରେ ଲୋକେ ଉଲ୍ଲସିତ ହୋଇଯାଇଥିଲେ । ୫ ବର୍ଷରୁ ଅଧିକ ସମୟ ପରେ ମଧ୍ୟ ଲଦାଖର ରାଜନୈତିକ ଭବିଷ୍ୟତ ଅସ୍ପଷ୍ଟ ରହିଛି । ଉତ୍ତମ ଶାସନ ଓ ଅଧିକ ପ୍ରତିନିଧିତ୍ୱର ପ୍ରତିଶ୍ରୁତି ଏବେ ତିକ୍ତତାରେ ପରିଣତ ହେଲା ଭଳି ପ୍ରତୀୟମାନ ହେଉଛି । ତେଣୁ ଲଦାଖକୁ ରାଜ୍ୟ ମାନ୍ୟତା ଓ ସଂଖ୍ୟାଗରିଷ୍ଠ ଲଦାଖି ସମ୍ପ୍ରଦାୟ ସମ୍ବିଧାନର ଷଷ୍ଠ ପରିଚ୍ଛେଦରେ ଅନ୍ତର୍ଭୁକ୍ତ ହେବାର ଯୋଗ୍ୟତା ପୂରଣ କରିଥିବା ଦାବି କରୁଛନ୍ତି । ଲଦାଖ ସିଡ୍ୟୁଲ ସନ୍ନିବେଶିତ ହେଲେ ଏହା ସ୍ଥାନୀୟବାସୀଙ୍କୁ ଅଧିକ ରାଜନୈତିକ ଓ ଆର୍ଥିକ ସ୍ୱାୟତ୍ତତା ପ୍ରଦାନ କରିବ । ସୂଚନା ଦିଆଯାଇପାରେ ଯେ, ସମ୍ବିଧାନର ୬ଷ୍ଠ ସିଡ୍ୟୁଲ ଆଦିବାସୀବହୁଳ ତ୍ରିପୁରା, ମେଘାଳୟ, ମିଜୋରାମ ଓ ଆସାମରେ ଲାଗୁ ହୋଇଛି । ତେବେ ଲଦାଖୀଙ୍କ ଅସନ୍ତୋଷ ୨୪ ସେପ୍ଟେମ୍ବରରେ ଲେହର ରାସ୍ତାରେ ପ୍ରକାଶ ପାଇଥିଲା ଯେତେବେଳେ ରାଜ୍ୟ ମାନ୍ୟତା ଓ ସାମ୍ବିଧାନିକ ସୁରକ୍ଷା ଦାବି କରୁଥିବା ବିକ୍ଷୋଭକାରୀମାନେ ଦୁଇ ଅନଶନକାରୀ ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ହିଂସାତ୍ମକ ହୋଇପଡ଼ିଥିଲେ । କ୍ରୁଦ୍ଧ ବିକ୍ଷୋଭକାରୀଙ୍କର ପୋଲିସ ସହ ସଂଘର୍ଷ ହୋଇଥିଲା ଓ ଭାଜପାର ସ୍ଥାନୀୟ କାର୍ଯ୍ୟାଳୟକୁ ସେମାନେ ଜାଳି ଦେଇଥିଲେ । ହିଂସା ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ସହ ଲାଠିଚାର୍ଜ ଓ ଗୁଳିଚାଳନା କରିବାରୁ ପରିଣତି ସ୍ୱରୂପ ୪ ଜଣ ବିକ୍ଷୋଭକାରୀଙ୍କ ଜୀବନ ଯାଇଥିବା ବେଳେ ଅନେକେ ଆହତ ହୋଇଛନ୍ତି । ସ୍ଥିତି ଅସମ୍ଭାଳ ହେବାରୁ ପ୍ରଶାସନ ସେଠାରେ କର୍ଫ୍ୟୁ ଜାରି କରିବା ସହ ଇଣ୍ଟରନେଟ୍ ବନ୍ଦ କରିବାକୁ ବାଧ୍ୟ ହୋଇଛି । ବିକ୍ଷୋଭକୁ ହିଂସାତ୍ମକ ରୂପ ଦେବାରେ ସାମାଜିକ ତଥା ଜଳବାୟୁ କର୍ମୀ ସୋନମ ୱାଙ୍ଗ୍‌ଚୁକ୍‌ଙ୍କ ହାତ ରହିଛି ବୋଲି କୁହାଯାଉଛି । ଏପରି କି ଲଦାଖ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏସ୍. ଡି. ସିଂ ଜମୱାଲ ପାକିସ୍ତାନ ସହ ୱାଙ୍ଗ୍‌ଚୁକଙ୍କ ସମ୍ପର୍କ ଥିବା ନେଇ ତଦନ୍ତ କରାଯାଉଥିବା କହିଛନ୍ତି । ଇତିମଧ୍ୟରେ ତାଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯାଇ ରାଜସ୍ଥାନର ଯୋଧପୁର କେନ୍ଦ୍ରୀୟ କାରାଗାରକୁ ପଠାଇ ଦିଆଯାଇଛି । ତେବେ ବିକ୍ଷୋଭକାରୀ ନେତାମାନେ ପୋଲିସର ଅଭିଯୋଗକୁ ଅସ୍ୱୀକାର କରିଛନ୍ତି ।

ମନେପକାଇ ଦିଆଯାଇପାରେ ଯେ ଇଞ୍ଜିନିୟରରୁ ଇନୋଭେଟର ପାଲଟିଥିବା ତଥା ଚର୍ଚ୍ଚିତ '୩ ଇଡିଅଟ୍ସ' ଚଳଚ୍ଚିତ୍ର କାହାଣୀର ପ୍ରେରଣାଦାୟୀ ଚରିତ୍ର ସୋନମ ୱାଙ୍ଗ୍‌ଚୁକ୍ ମଧ୍ୟ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳ ହେବା ପରେ ତାହାକୁ ସ୍ୱାଗତ କରିଥିଲେ । କେନ୍ଦ୍ର ଶାସିତ ଅଞ୍ଚଳ ଦେଖିବାକୁ ପ୍ରତୀକ୍ଷା କରିଥିବା ଲୋକଙ୍କ ଉତ୍ସାହ ଶୀଘ୍ର ହ୍ରାସ ପାଇଲା ଯେତେବେଳେ ଲଦାଖୀମାନେ ଉପଲବ୍ଧ କଲେ ସେମାନଙ୍କ ୟୁଟିରେ କୌଣସି ବିଧାନସଭା ରହିବ ନାହିଁ । ଏପରିକି ଏହି ଅଞ୍ଚଳ ପୂର୍ବର ଜମ୍ମୁ ଓ କଶ୍ମୀର ବିଧାନସଭାରେ ଥିବା ୪ ବିଧାୟକ ପଦବୀକୁ ହରାଇଲା ଏବଂ ଏହାର ପ୍ରଶାସନ ସମ୍ପୂର୍ଣ୍ଣ ନୂଆଦିଲ୍ଲୀ ନିଯୁକ୍ତ ଅମଲାତନ୍ତ୍ରୀଙ୍କ ହାତରେ ରହିଲା । ଦେଖିବାକୁ ଗଲେ ଏହା ୨୦୧୯ ପୂର୍ବର ଶାସନ ବ୍ୟବସ୍ଥାଠାରୁ ମଧ୍ୟ ଖରାପ ଥିଲା । ଏହି ଅସନ୍ତୋଷ ଜମି ଅଧିକାର, ନିଯୁକ୍ତି ଏବଂ ଲଦାଖର ଜନସଂଖ୍ୟା, ପରିବେଶ ଓ ସଂସ୍କୃତିର ସଂରକ୍ଷଣ ନେଇ ଅନେକ ଭୟ ସୃଷ୍ଟି କରିଛି । ଜମ୍ମୁ ଓ କଶ୍ମୀରରେ ପରିବର୍ତ୍ତିତ ବାସସ୍ଥାନ (ଡୋମିସାଇଲ) ନିୟମ ଲଦାଖରେ ସମାନ ନୀତି ଦ୍ୱାରା ଜନସାଂଖ୍ୟିକ ପରିବର୍ତ୍ତନର ଆଶଙ୍କାକୁ ବଢ଼ାଇଛି । ଫଳରେ ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା, ସମ୍ବିଧାନର ୬ଷ୍ଠ ପରିଚ୍ଛେଦ ଅଧୀନରେ ସୁରକ୍ଷା (ଯେଉଁଥିରେ ବିଧାନପାଳିକା ଓ ନ୍ୟାୟିକ କ୍ଷମତା ସହିତ ସ୍ୱୟଂଶାସିତ ଜିଲା ପରିଷଦ ଗଠନକୁ ଅନୁମତି ଦେଇଥାଏ) ଏବଂ ନିଯୁକ୍ତି ଓ ରାଜନୈତିକ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ଲାଗି ଦାବି ବଢ଼ିଲା ।

କୁହାଯାଇପାରେ ଯେ, ଲୋକଙ୍କ ସ୍ୱାଧୀନତାକୁ ସଙ୍କୁଚିତ କରିଦିଆଗଲେ ତାହାର ପ୍ରତିବାଦରେ ନାଗରିକ ତୀବ୍ର ସ୍ୱର ଉତ୍ତୋଳନ କରିବା ସ୍ୱାଭାବିକ । ଗଣତନ୍ତ୍ରରେ ଲୋକଙ୍କ ସ୍ୱରକୁ ଅଗ୍ରାହ୍ୟ କରି ଦିଆଯାଇଥିବାରୁ ଅଧିବାସୀଙ୍କ ମଧ୍ୟରେ ପ୍ରଥମେ ଅସନ୍ତୋଷ ଓ ପରେ ତାହା ବିକ୍ଷୋଭର ରୂପ ଧାରଣ କଲା ବୋଲି କୁହାଯାଉଛି । ମୌଳିକ ଆବଶ୍ୟକତା ପୂରଣ ନ ହେଲେ ବିଦ୍ରୋହ ଅବଶ୍ୟମ୍ଭାବୀ । ଅନ୍ୟପକ୍ଷରେ ଲଦାଖରେ ଦେଖାଯାଇଥିବା ଅପ୍ରୀତିକର ସ୍ଥିତି ପାଇଁ ଜଳବାୟୁ କର୍ମୀ ୱାଙ୍ଗଚୁକ୍ ବ୍ୟକ୍ତିଗତ ଭାବେ ଯଦି କାର୍ଯ୍ୟ କରିଥିବେ, ତାହା ହେଲେ ସେ ମଧ୍ୟ ଆଇନର ଉର୍ଦ୍ଧ୍ୱରେ ନୁହନ୍ତି । ବର୍ତ୍ତମାନର ସ୍ଥିତିକୁ ଦେଖିଲେ ନୂଆଦିଲ୍ଲୀ ଓ ଲଦାଖ ମଧ୍ୟରେ ଅବିଶ୍ୱାସ ଢେର ବଢ଼ିଯାଇଛି । ତେଣୁ ଏହାକୁ ସଂଘର୍ଷ ଭାବେ ନ ଦେଖି ବରଂ ଅତି ସତର୍କତାର ସହିତ ପରିଚାଳନା କରାଯିବା ଦରକାର । ଲଦାଖ କେବଳ ଏକ ସୀମାନ୍ତ ଅଞ୍ଚଳ ନୁହେଁ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୀମାରେଖା, ଯାହାର ଲୋକମାନେ ନିଜକୁ ଭାରତୀୟ ଭାବେ ଗର୍ବ ଅନୁଭବ କରିଥାଆନ୍ତି । ଦୀର୍ଘ ଦଶନ୍ଧି ଧରି ଲଦାଖୀମାନେ ଭାରତର ସୀମାକୁ ରକ୍ଷା କରିଆସିଛନ୍ତି । ଏପରିକି ଚାଇନା କିମ୍ବା ପାକିସ୍ତାନର ଅନୁପ୍ରବେଶ ବିରୋଧରେ ପ୍ରଥମ ପ୍ରତିରୋଧ ରେଖା ଭାବେ ମଧ୍ୟ ସେମାନେ କାର୍ଯ୍ୟ କରିଛନ୍ତି । ଭିନ୍ନମତ ପ୍ରକାଶ କରୁଥିବା ଲଦାଖୀମାନଙ୍କୁ 'ଦେଶବିରୋଧୀ' ଭାବେ ଅଭିହିତ କରାଗଲେ ତାହା ବିଚ୍ଛିନ୍ନତାକୁ ବଢ଼ାଇବା ଆଶଙ୍କା ରହୁଛି । ଏଭଳି ସ୍ଥଳେ ଲଦାଖର ଲୋକମାନଙ୍କୁ ଆଶ୍ୱାସନା ଦିଆଯିବା କଥା ଯେ ସେମାନଙ୍କ ଗଣତାନ୍ତ୍ରିକ ଆକାଂକ୍ଷା ଓ ସାଂସ୍କୃତିକ ପରିଚୟ ଜାତୀୟ ନିରାପତ୍ତାକୁ ଦୁର୍ବଳ ନ କରି ସୁରକ୍ଷିତ ହୋଇପାରିବ ।

ଲଦାଖରେ ଅଶାନ୍ତି ନୂଆଦିଲ୍ଲୀ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି । ବିଶେଷକରି ମଣିପୁର ସଙ୍କଟର ଭୁଲ୍ ପରିଚାଳନା ଯୋଗୁ ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଜାତିଗତ ହିଂସା ଆରମ୍ଭ ହେବାର ୨ ବର୍ଷ ୮ ମାସ ପରେ ମଧ୍ୟ ଜଳୁଛି । ଏପରି ଅଶାନ୍ତି ଦେଶର ସୀମା ମଧ୍ୟରେ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ନୂଆଦିଲ୍ଲୀର ବିଭ୍ରାନ୍ତିକର ବହିର୍ବ୍ୟାପାର ନୀତି ଦ୍ୱାରା ସୃଷ୍ଟ ସମସ୍ୟାଗୁଡ଼ିକୁ ଆହୁରି ଜଟିଳ କରୁଛି ।

# ମୁକ୍ତିମଣ୍ଡପ ଓ ପଣ୍ଡିତ ସଭା



ହରିଶଙ୍କର ମିଶ୍ର

ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀମନ୍ଦିରର ଦକ୍ଷିଣ ଭାଗରେ ଥିବା ମଣ୍ଡପଟି ହେଉଛି ମୁକ୍ତିମଣ୍ଡପ । ଶ୍ରୀଜୀଉମାନଙ୍କ ଦର୍ଶନ ପରେ ମୁକ୍ତିମଣ୍ଡପରେ ମୁଣ୍ଡିଆ ମାରି ଶ୍ରୀମନ୍ଦିରରୁ ଫେରିବା ବିଧି ରହିଛି । କିନ୍ତୁ ଏହି ମୁକ୍ତିମଣ୍ଡପ ନାମକରଣ ପଛରେ କୌଣସି ଐତିହାସିକ ସ୍ୱୀକୃତି ନ ଥିବାବେଳେ ଏହାର ନିର୍ମାଣ ଅବଧି ମଧ୍ୟ ଦ୍ୱନ୍ଦ୍ୱ ମୁକ୍ତ ନୁହେଁ । ଦକ୍ଷିଣ ଦିଗର ଅଧିପତି ଯମଙ୍କ ଦର୍ପ ଚୂର୍ଣ୍ଣ ପାଇଁ ଯଜ୍ଞାଦି କର୍ମରେ ଦକ୍ଷିଣ ପାର୍ଶ୍ୱରେ ବ୍ରହ୍ମାଙ୍କୁ ସ୍ଥାନ ଦେବାର ବିଧି ରହିଛି । 'ଦକ୍ଷିଣ ତୋ ବ୍ରହ୍ମାସନଂ' । ତେଣୁ ପ୍ରଥମେ ବ୍ରହ୍ମାସନ ବା ବ୍ରହ୍ମବେଦୀ ଏବଂ ପରେ ବାରାଣସୀର ମୁକ୍ତିମଣ୍ଡପ ଅନୁକରଣରେ ଏହାର ନାମକରଣ ହୋଇଛି ବୋଲି ଐତିହାସିକମାନେ ମତବ୍ୟକ୍ତ କରିଛନ୍ତି । ଏହି ମଣ୍ଡପକୁ ଆକବରଙ୍କ ହିନ୍ଦୁ ସେନାପତି ମାନସିଂହଙ୍କ ପତ୍ନୀ ଗୌରୀ ରାଣୀ ନିର୍ମାଣ କରିଥିଲେ ବୋଲି ମାଦଳାପାଞ୍ଜିରେ ଲିଖିତ ଅଛି । କିନ୍ତୁ ଐତିହାସିକଙ୍କ ତଥ୍ୟ ଅନୁଯାୟୀ ଏହି ମଣ୍ଡପ ମାନସିଂହଙ୍କ ଓଡ଼ିଶା ଆଗମନର ବହୁ ପୂର୍ବରୁ ବିଦ୍ୟମାନ ଥିଲା । ତାଙ୍କ ପତ୍ନୀ ଗୌରୀ ରାଣୀ ଷୋଡ଼ଶ ଶତାବ୍ଦୀର ଶେଷଭାଗରେ ଏହାର ସଂସ୍କାର ବା ନବୀକରଣ କରାଇଥିଲେ । ଏଥିରେ ଷୋଳଟି ସ୍ତମ୍ଭ ଥିବାରୁ ଷୋଳ ଶାସନର ବ୍ରାହ୍ମଣମାନେ ଏହା ଉପରେ ବସିବା ପାଇଁ ପ୍ରାଧିକୃତ ବୋଲି କୁହାଯାଏ । ଏହା ମଧ୍ୟ ସତ୍ୟତା ଉପରେ ପର୍ଯ୍ୟବସିତ ନୁହେଁ । କାରଣ ପ୍ରତ୍ୟେକ ଯଜ୍ଞବେଦୀ ନିର୍ମାଣରେ ଯଜ୍ଞଶାଳାରେ ଚାରି ଓ ବାହ୍ୟ ଯଜ୍ଞଶାଳାରେ ବାର ଏପରି ଷୋଳଟି ସ୍ତମ୍ଭ ରହିବାର ବିଧି ରହିଛି । କେଉଁ ଷୋଳ ଶାସନର ବ୍ରାହ୍ମଣମାନେ ସେଠାରେ ବସିବାକୁ ପ୍ରାଧିକୃତ ସେ ସମ୍ପର୍କରେ କୌଣସି ତଥ୍ୟ କେଉଁଠି ମଧ୍ୟ ଉପଲବ୍ଧ ନାହିଁ । ସ୍ୱତ୍ୱଲିପି ଅନୁଯାୟୀ ଚବିଶଟି ଶାସନ ଗ୍ରାମର ବ୍ରାହ୍ମଣ ମହାଜନମାନେ ସେଠାରେ ବସିବାକୁ ପ୍ରାଧିକୃତ ହୋଇଥିବା ବେଳେ ଦଣ୍ଡୀ ସନ୍ନ୍ୟାସୀ, ରାଜଗୁରୁ , ଶ୍ରୀମନ୍ଦିର ପୁରୋହିତ ମଧ୍ୟ ବସିବାର ସ୍ୱତ୍ୱଲିପି ରହିଛି । ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମଣ୍ଡପରେ ଆସନ ପକାଇ ଅଧିଷ୍ଠିତ ହେବାର ବିଧି ରହିଛି । କିଛି ଶାସନର ଅଧିକାର ଉପରେ ମାମଲା ଏବେ ଅଦାଲତରେ ବିଚାରାଧୀନ ଅଛି ।

ଶ୍ରୀମନ୍ଦିରର ପ୍ରତ୍ୟେକ ଧାର୍ମିକ ବ୍ୟବସ୍ଥା ସହ ମୁକ୍ତିମଣ୍ଡପ ଓଡ଼ିଶାର ଧାର୍ମିକ କ୍ଷେତ୍ରରେ ଅଖଣ୍ଡ ପ୍ରଭାବ ବିସ୍ତାର କରିଥିଲା । ତାହାର ନିଷ୍ପତ୍ତି ହିଁ ଚୂଡାନ୍ତ ବିବେଚିତ ହେଉଥିଲା । ସ୍ୱୟଂ ଗଜପତି ମଧ୍ୟ ସେଥିରେ ହସ୍ତକ୍ଷେପ କରୁ ନ ଥିଲେ । ବ୍ରିଟିଶ ଶାସନ ସମୟରେ ପୁରୀ କଲେକ୍ଟର ଗ୍ରୋମ ସାହେବ ୧୮୦୫ ମସିହାରେ ମୁକ୍ତିମଣ୍ଡପ ଦ୍ୱାରା ପରୀକ୍ଷା କରାଯାଇ ଶ୍ରୀମନ୍ଦିର ସେବାପୂଜାରେ ସେବକ ନିଯୁକ୍ତି ପାଇଁ ସୁପାରିସ କରିଥିବାର ପ୍ରମାଣ ରହିଛି । ସେଠାରେ ବ୍ରାହ୍ମଣମାନେ ପ୍ରତିଦିନ ବିଭିନ୍ନ ଶାସ୍ତ୍ର ଆଲୋଚନା କରୁଥିବା ଏବଂ ଏଥିପାଇଁ ଶ୍ରୀମନ୍ଦିର ତରଫରୁ ଥାଳି ଖେଚୁଡ଼ି ବ୍ୟବସ୍ଥା ଥିବା ସ୍ୱତ୍ୱଲିପିରେ




ଲିଖିତ ଅଛି । ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିରେ ମୁକ୍ତିମଣ୍ଡପର ଜଣେ ସଭ୍ୟ ପ୍ରତିନିଧିତ୍ୱ କରନ୍ତି । ଏବେବି ଓଡ଼ିଶାର ଜନସାଧାରଣଙ୍କ ମନରେ ଅତୁଟ ବିଶ୍ୱାସ ଥିବାରୁ କୌଣସି ଧାର୍ମିକ ସଂକଟ ହେଲେ ମୁକ୍ତିମଣ୍ଡପର ନିର୍ଣ୍ଣୟ ସର୍ମାନ୍ୟ ହୋଇଥାଏ । କିନ୍ତୁ ଶ୍ରୀମନ୍ଦିରରେ ନକଲି ସେବକ, ନକଲି ବ୍ରାହ୍ମଣଙ୍କ ଉପସ୍ଥିତି ପରି 'ମୁକ୍ତିମଣ୍ଡପ ବ୍ୟବସ୍ଥା ସଭା' ନାମରେ ଆଉ ଗୋଟିଏ ଅନୁଷ୍ଠାନ ରହିଛି । ଶ୍ରୀମନ୍ଦିର ପରିସରରେ କୌଣସି ଭିତ୍ତି ବା ସ୍ୱତ୍ୱଲିପିରେ ନଥିବା ମୁକ୍ତିମଣ୍ଡପ ବ୍ୟବସ୍ଥା ସଭା ନାମରେ ସେଇ ଅନୁଷ୍ଠାନ ବେନିୟମ ଭାବରେ ନିଜର ସ୍ଥିତି ଜାହିର କରୁଛି । ଶ୍ରୀମନ୍ଦିର ପରିସରରେ ଏଭଳି କିଛି ଅନୁଷ୍ଠାନ ନାହିଁ ବୋଲି ପ୍ରଶାସନିକ ଆଦେଶ ସତ୍ତ୍ୱେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି । ଏହା ସାଧାରଣ ଭକ୍ତଙ୍କୁ ମଧ୍ୟ ବିଭ୍ରାନ୍ତ କରାଉଛି । ଏହା ସହିତ ମୁକ୍ତିମଣ୍ଡପ ପଣ୍ଡିତ ସଭା ନାମରେ ଗୋଟିଏ ଅନୁଷ୍ଠାନ ମଧ୍ୟ ରହିଛି । ଉପଲବ୍ଧ ଥିବା କାଗଜାଦିରୁ ଜଣାଯାଏ ଯେ, ୧୯୦୫ ମସିହାରେ ଅନେକ ପଣ୍ଡିତ ମୁକ୍ତିମଣ୍ଡପରେ ବସୁଥିବା ବ୍ରାହ୍ମଣମାନେ ବିଶୃଙ୍ଖଳିତ ହେବା, ପବିତ୍ର ସ୍ଥାନକୁ ଅପବିତ୍ର କରି କେବଳ ଅର୍ଥ ଲାଳସା ଚରିତାର୍ଥ ପାଇଁ ଗୋପନରେ ବ୍ୟବସ୍ଥା ଦେଉଥିବାରୁ ମର୍ମାହତ ହୋଇଥିଲେ । ଲୋକଙ୍କ ଧର୍ମ ରକ୍ଷା ପାଇଁ ଶ୍ରୀମନ୍ଦିର ମ୍ୟାନେଜରଙ୍କ ପରାମର୍ଶକ୍ରମେ ତତ୍କାଳୀନ ଶଙ୍କରାଚାର୍ଯ୍ୟ ଶ୍ରୀ ଶଙ୍କର ମଧୁସୂଦନ ତୀର୍ଥ ସ୍ୱାମୀଙ୍କ ଅଧ୍ୟକ୍ଷତାରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ଗଠନ କରିଥିଲେ । ମହାମହୋପାଧ୍ୟାୟ ସଦାଶିବ ମିଶ୍ରଙ୍କୁ ସମ୍ପାଦକ ମନୋନୀତ କରାଯାଇଥିଲା, ଯାହାକି ୧୯୭୩ ମସିହାରେ ସମବାୟ ନିୟମରେ ଅନୁବନ୍ଧିତ ହୋଇଛି । ଏହାର ପ୍ରାଧିକୃତ ଶାସନ ସଂଖ୍ୟା ୩୧ ହୋଇଥିବା ବେଳେ ମୁକ୍ତିମଣ୍ଡପର ପାଠାଗାର ଗୃହରେ ଏହାର କାର୍ଯ୍ୟାଳୟ ରହିଛି । ଉଭୟ ଅନୁଷ୍ଠାନର ସ୍ଥାୟୀ ସଭାପତି ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଏବଂ ପୃଷ୍ଠପୋଷକ ଗଜପତି ମହାରାଜା ଦୁଇ ଅନୁଷ୍ଠାନକୁ ମିଶାଇ ଗୋଟିଏ ଅନୁଷ୍ଠାନ କରିବାକୁ ପ୍ରୟାସ କରିଥିଲେ । ଶାସନ ସଂଖ୍ୟାରେ ତାରତମ୍ୟ ଯୋଗୁ ସ୍ୱତ୍ୱଲିପି ଆଧାରରେ ତାହା ସମ୍ଭବ ହୋଇନାହିଁ । ମୁକ୍ତିମଣ୍ଡପରେ ବସୁଥିବା ବ୍ରାହ୍ମଣଙ୍କ ଶୃଙ୍ଖଳା ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ସୁପରିଣ୍ଟେଣ୍ଡେଣ୍ଟ ତତ୍କାଳୀନ ଗଜପତି ବୀରକିଶୋର ଦେ ତା୧୦।୮।୧୯୫୯ରିଖରେ କିଛି ନିୟମ ସହ ସେମାନେ କୌଣସି ବ୍ୟବସ୍ଥା ଦେଇପାରିବେ ନାହିଁ ବୋଲି ଆଦେଶ ଦେଇଥିଲେ, ଯାହାକି ଶ୍ରୀମନ୍ଦିର କାର୍ଯ୍ୟାଳୟର ମହାଫିସ ଖାନାରେ ଉପଲବ୍ଧ ଅଛି । କିନ୍ତୁ ମୁକ୍ତିମଣ୍ଡପ ଏବେବି ବିବିଧ ବ୍ୟବସ୍ଥା ଦେଇ ଚାଲିଛି । ମୁକ୍ତିମଣ୍ଡପରେ ବସୁଥିବା ବ୍ୟକ୍ତିମାନେ ଯେଉଁ ଶାସନର ଅଧିବାସୀ ଭାବରେ ପରିଚୟ ଦେଉଛନ୍ତି ସେ ଶାସନରେ ତାଙ୍କର ଘର ବା ଗ୍ରାମ୍ୟ କୋଠ ବ୍ୟବସ୍ଥାରେ ହକରା ଡାକରା ନାହିଁ । ଏ ସମ୍ପର୍କରେ ଅନେକ ଲିଖିତ ଅଭିଯୋଗ ସତ୍ତ୍ୱେ ମୁକ୍ତିମଣ୍ଡପ ଉପରେ ନିୟନ୍ତ୍ରଣ ଅଧିକାର ଥାଇ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନର ନୀରବତା ନିଶ୍ଚିତ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହି ଅନୁଷ୍ଠାନ ୨୦୧୬ ମସିହାରୁ ଆତ୍ମଘୋଷିତ ସଭାପତି ଓ ସମ୍ପାଦକଙ୍କ ନିୟନ୍ତ୍ରଣରେ ଚାଲିଛି । ଅନୁଷ୍ଠାନର ସ୍ଥାୟୀ ସଭାପତି ଜଗଦଗୁରୁ ଶଙ୍କରାଚାର୍ଯ୍ୟ କ୍ଷୁବ୍ଧ ହୋଇ ତା'ର ସଂସ୍କାର ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ପ୍ରଶାସକଙ୍କ ବଦଳି ପରେ ପ୍ରସ୍ତାବରେ ପୂର୍ଣ୍ଣଚ୍ଛେଦ ପଡୁଥିବାରୁ ସେ ମଧ୍ୟ ନୀରବ ରହିଛନ୍ତି ।

ମୁକ୍ତିମଣ୍ଡପ ପଣ୍ଡିତ ସଭାର ମଧ୍ୟ ନିର୍ବାଚିତ କାର୍ଯ୍ୟ ନିର୍ବାହିକା ପରିଷଦର କାର୍ଯ୍ୟକାଳ ୨୦୨୦ ମସିହା ଏପ୍ରିଲ ମାସରୁ ଶେଷ ହୋଇଥିବାବେଳେ କୌଣସି ନିର୍ବାଚନ ହେଉନାହିଁ । ସ୍ଥାୟୀ ସଭାପତିଙ୍କ ଅନୁମୋଦନ ବିନା ପଣ୍ଡିତ ସଭାର ପ୍ରତ୍ୟେକ କାର୍ଯ୍ୟ ବା ନିର୍ଣ୍ଣୟ ଉପରେ ଅନିୟମିତତା ଅଭିଯୋଗ ମଧ୍ୟ ଉଠୁଛି । ଯେଉଁ ମହତ ଉଦ୍ଦେଶ୍ୟରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ଗଠିତ ହୋଇଥିଲା, ଯେଉଁଠାରେ ମୂର୍ଦ୍ଧନ୍ୟ ପଣ୍ଡିତମାନଙ୍କର ଶାସ୍ତ୍ରାଲୋଚନା ହେଉଥିଲା ତାହା ଏବେ କିଛି ଅବସରପ୍ରାପ୍ତ ମଧ୍ୟମା ଶିକ୍ଷକ, କିରାଣି, ଓକିଲଙ୍କ ଦ୍ୱାରା ପରିଚାଳିତ ହେଉଛି । ପଣ୍ଡିତ ସଭା ଦ୍ୱାରା ସ୍ୱୀକୃତ ପଞ୍ଜିକା ତ୍ରୁଟିଯୁକ୍ତ ବୋଲି ନିୟମିତ ଗଣମାଧ୍ୟମରେ ପ୍ରକାଶ ପାଉଛି । ଚଳିତ ବର୍ଷର ରଥ ଅନୁକୂଳ ଏକ ରିକ୍ତା ତିଥିରେ ଆରମ୍ଭ ହେବାରୁ ତାହା ଅନେକ ଅଘଟଣର କାରଣ ବୋଲି ମଧ୍ୟ ପ୍ରକାଶ ପାଇଛି । କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ଏହା ଉପରେ କୌଣସି ଦୃଷ୍ଟି ନଦେଇ ବୈଧତା ନଥିବା ପଣ୍ଡିତ ସଭା ମାଧ୍ୟମରେ ନିଜକୁ ସୁରକ୍ଷିତ ରଖିବା ପ୍ରୟାସ କରିଚାଲିଛି । ବିଡ଼ମ୍ବନାର ବିଷୟ ହେଉଛି ଯେ, ରାଜ୍ୟରେ ଧାର୍ମିକ ଭାବନା ସୃଷ୍ଟି ପାଇଁ ଉଦ୍ଦିଷ୍ଟ ପଣ୍ଡିତ ସଭା ପ୍ରତ୍ୟେକ ଗୃହସ୍ଥ ନିଜ ଘରେ ମୃତ ବ୍ୟକ୍ତିଙ୍କ ଶ୍ରାଦ୍ଧ ନିଶ୍ଚିତ କରିବେ ଏବଂ କୌଣସି ପରିସ୍ଥିତିରେ ଶ୍ରାଦ୍ଧ ବନ୍ଦ ହେବନାହିଁ ବୋଲି ନିଜ ସ୍ୱୀକୃତ ପଞ୍ଜିକାରେ ଉଲ୍ଲେଖ କରୁଛନ୍ତି । କିନ୍ତୁ ପଣ୍ଡିତ ସଭାରେ ଅର୍ଥ ଜମାକରି ଶ୍ରାଦ୍ଧ ଦିବସରେ ବ୍ରାହ୍ମଣ ଭୋଜନ କରାଇବାକୁ ସେଇ ପଞ୍ଜିକାରେ ବିଜ୍ଞାପନ ଦେଉଛନ୍ତି । ଏବେବି ପଣ୍ଡିତ ସଭାରେ ପାଞ୍ଚ ହଜାରରୁ ଅଧିକ ଦୁଷ୍ପ୍ରାପ୍ୟ ଶାସ୍ତ୍ରୀୟ ପୁସ୍ତକ ରହିଥିଲେ ବି ଗତ ଦୁଇ ଦଶନ୍ଧି ଧରି ପୁସ୍ତକ ଆଲମିରା ଖୋଲାଯାଇ ନାହିଁ । ଶ୍ରୀମନ୍ଦିରରେ ଧାର୍ମିକ ବାତାବରଣ ସୃଷ୍ଟି ପାଇଁ ସଂସ୍କାର ନିଶ୍ଚିତ ଜରୁରୀ । ଶ୍ରୀମନ୍ଦିର ପରିଚାଳନା ନିୟମରେ ମୁକ୍ତିମଣ୍ଡପ ଓ ମୁକ୍ତିମଣ୍ଡପ ପଣ୍ଡିତ ସଭା ଉପରେ ପ୍ରଶାସନିକ କର୍ତ୍ତୃତ୍ୱ ରହିଛି । ନବଗଠିତ ଶ୍ରୀମନ୍ଦିର ପରିଚାଳନା କମିଟି ଏହାକୁ ଗୁରୁତ୍ୱ ଦେଇ ସର୍ବୋପରି ଆମର ଧାର୍ମିକ ଭାବନାରେ ଦେଶ ବା ରାଜ୍ୟର ମଙ୍ଗଳ ପାଇଁ ଦକ୍ଷ ପଣ୍ଡିତ ସଭା ଗଠନ ସହ ଅପ୍ରାଧିକୃତ ଓ ଅଯୋଗ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଏଂ ଉଭୟ ଅନୁଷ୍ଠାନର ଗୌରବ ରକ୍ଷା ପ୍ରଶାସନ ସହ ସରକାରଙ୍କର ନିଶ୍ଚିତ କର୍ତ୍ତବ୍ୟ ।

୧୧୩– ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

# ନୂତନ ସୁଯୋଗ



ଡ. ଷ୍ଟାଲିନ ମିଶ୍ର

ସମ୍ପ୍ରତି ଯୁକ୍ତରାଷ୍ଟ୍ର ଆମେରିକା ଏଚ୍.ୱାନ୍.ବି ଭିସା ଦେୟ ବୃଦ୍ଧି କରିଛି । ଅଚାନକ ଏହି ଦେୟ ଦେଢ଼ ହଜାର ଆମେରିକୀୟ ଡଲାରରୁ ଏକ ଲକ୍ଷ ଆମେରିକୀୟ ଡଲାରକୁ ବୃଦ୍ଧି କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଅନେକେ ଏହାକୁ ଭାରତୀୟ ସୂଚନା ପ୍ରଯୁକ୍ତି ବୁଦ୍ଧିଜୀବୀ ଓ କମ୍ପାନୀମାନଙ୍କ ପାଇଁ ବିପରୀତ ଭାବେ ଦେଖୁଛନ୍ତି । କିନ୍ତୁ ବାସ୍ତବରେ ଏହା ବିପଦ ନୁହେଁ ବରଂ ଭାରତ ପାଇଁ ନୂତନ ସୁଯୋଗ । ଏପରିକି ଏହି ଦେୟ ବୃଦ୍ଧି ପାଇଁ ଭାରତର ବିରୋଧୀ ଦଳଗୁଡିକ କେନ୍ଦ୍ର ସରକାରଙ୍କ ବିଫଳ ବିଦେଶ ନୀତି ଦାୟୀ ବୋଲି କହୁଛନ୍ତି ।

ଏଚ୍.ୱାନ୍.ବି ଭିଜା କ'ଣ ? ଏଚ୍.ୱାନ୍.ବି ଭିଜା ହେଉଛି ଯୁକ୍ତରାଷ୍ଟ୍ର ସରକାରଙ୍କ ଅଣ–ପ୍ରବାସୀ ଭିଜା କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଆମେରିକୀୟ କମ୍ପାନୀମାନେ ବିଦେଶୀ ଦକ୍ଷ ପେସାଜୀବୀଙ୍କୁ ନିଯୁକ୍ତ କରନ୍ତି । ବିଶେଷତଃ ସୂଚନା ପ୍ରଯୁକ୍ତି କ୍ଷେତ୍ର, ପ୍ରଯୁକ୍ତିବିଦ୍ୟା କ୍ଷେତ୍ର, ଅଟୋମୋଟିଭ ଶିଳ୍ପ, ଆର୍ଥିକ ପରାମର୍ଶ, ଚିକିତ୍ସା ସେବା କ୍ଷେତ୍ର ଭଳି କ୍ଷେତ୍ରରେ ଏହାର ବ୍ୟବହାର ଅଧିକ ହୁଏ । ଏହି ଭିଜାଧାରୀମାନେ ସାଧାରଣତଃ ତିନି ବର୍ଷ ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ରରେ ରହି କାମ କରିପାରନ୍ତି, ଯାହାକୁ ପରେ ସର୍ବାଧିକ ୬ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ । ଆମେରିକାର ଶ୍ରମ ବିଭାଗର ନିର୍ଦ୍ଦେଶ ଅନୁସାରେ ଏହି ଭିଜାଧାରୀଙ୍କ ବାର୍ଷିକ ସର୍ବନିମ୍ନ ବେତନ ଷାଠିଏ ହଜାର ଆମେରିକୀୟ ଡଲାର ରହିଛି । ନିକଟ ଅତୀତରେ ଏହାକୁ ଦେଢ଼ଲକ୍ଷ ଡଲାରକୁ ବୃଦ୍ଧି କରିବାକୁ ଯୋଜନା ହେଉଛି । ଏହି ଭିଜାର ଅନ୍ୟ ସୁବିଧାଗୁଡିକ ଯେପରିକି ଗ୍ରୀନକାର୍ଡ ଆବେଦନ, ଜୀବନସାଥୀଙ୍କୁ ଆମେରିକାରେ କାର୍ଯ୍ୟ କରିବାକୁ ଅନୁମତି ଇତ୍ୟାଦି ଏହାକୁ ଅଧିକ ଲୋକପ୍ରିୟ କରିଥିଲା । ଏହା ପ୍ରକୃତରେ ଅସ୍ଥାୟୀ ରୂପେ କୁଶଳୀ କର୍ମଚାରୀଙ୍କୁ ବିଦେଶରୁ ଆଣି ଉଚ୍ଚ କୁଶଳୀ କ୍ଷେତ୍ରଗୁଡିକରେ ଆମେରିକୀୟ ବୃତ୍ତିଜୀବୀଙ୍କୁ ସାହାଯ୍ୟ କରିବା ପାଇଁ ସୃଷ୍ଟି କରାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ କମ୍ପାନୀଗୁଡିକ ନିଜ ଲାଭ ପାଇଁ କମ୍ ଦରମାରେ ଅର୍ଦ୍ଧକୁଶଳୀ କର୍ମଚାରୀଙ୍କୁ ନିଯୁକ୍ତି କରି ଆମେରିକୀୟ କୁଶଳୀ କର୍ମଚାରୀଙ୍କର ବିକଳ୍ପ ରୂପେ ବ୍ୟବହାର କରୁଛନ୍ତି ବୋଲି ଚର୍ଚ୍ଚା ଜୋର ଧରିଲା । ଫଳ ସ୍ୱରୂପ ପ୍ରବାସୀଙ୍କ ବିରୋଧରେ ଏକ ବାତାବରଣ ସୃଷ୍ଟି ହୋଇ କଠୋର ନିୟମ ଆଣିବାକୁ ସରକାରଙ୍କ ଉପରେ ଚାପ ସୃଷ୍ଟି ହେଲା ।

ବିଷୟଟିକୁ ଆଲୋଚନା କଲେ ସ୍ପଷ୍ଟ ହୁଏ ଯେ ଏହା ଆମ ପାଇଁ ବାଧା ନୁହେଁ, ବରଂ ସୁଯୋଗର ଦ୍ୱାର ଖୋଲିଦେଇଛି । ଡଲାର–ଟଙ୍କାର ଉଚ୍ଚ ବିନିମୟ ମୂଲ୍ୟ ହିଁ ବିଦେଶୀ କମ୍ପାନୀଗୁଡିକ ଭାରତୀୟ ପ୍ରତିଭାଙ୍କୁ ଅଗ୍ରାଧିକାର ଦେବାର ପ୍ରକୃତ କାରଣ । ଏହି ଉଚ୍ଚ ବିନିମୟ ମୂଲ୍ୟ ଲୋଭରେ ଭାରତରୁ ଅନ୍ୟ ଦେଶକୁ ଚାଲିଯାଉଥିବା କୁଶଳୀମାନେ ପରୋକ୍ଷରେ ଅନ୍ୟ ଦେଶର ଆର୍ଥିକ, ସାମାଜିକ ତଥା ଉଦ୍ୟୋଗ ବିକାଶର କାରଣ ହେଉଛନ୍ତି । ଯଦି ବର୍ଦ୍ଧିତ ଭିଜା ଦେୟ ପାଇଁ ବିଦେଶୀ କମ୍ପାନୀମାନେ ଭାରତୀୟଙ୍କୁ ନିଯୁକ୍ତି ଦେବାକୁ ଅସମର୍ଥ ହେବେ, ତେବେ ପରୋକ୍ଷରେ ସେମାନେ ତାଙ୍କ କାମକୁ ଭାରତକୁ ଆଉଟସୋର୍ସିଂ କରିବାକୁ ବାଧ୍ୟ ହେବେ । କାରଣ ସୂଚନା ପ୍ରଯୁକ୍ତି ବିଦ୍ୟା ତଥା ଅନ୍ୟ




ଟେକ୍ନୋଲୋଜି କ୍ଷେତ୍ରରେ ଭାରତୀୟ ପ୍ରତିଭାଙ୍କର କର୍ତ୍ତୃତ୍ୱ ବଜାୟ ରହିଛି । ବିଦେଶୀ କମ୍ପାନୀମାନଙ୍କ ପାଇଁ ଏହାର ବିକଳ୍ପ ନାହିଁ । ଭିଜା ଦେୟ ବଢ଼ିବାରୁ ଯୁକ୍ତରାଷ୍ଟ୍ର କମ୍ପାନୀମାନେ ପ୍ରଫେସନାଲକୁ ନେଇଯିବା ପରିବର୍ତ୍ତେ ଭାରତକୁ କାମ ଆଉଟସୋର୍ସ କରିବାକୁ ପସନ୍ଦ କରିବେ । ଏହା ସୂଚନା ପ୍ରଯୁକ୍ତି ସେବାକୁ ନେଇ ଭାରତର ପ୍ରଭାବକୁ ଆହୁରି ବିଶବ୍ୟାପୀ କରାଇବ । ଆଉଟସୋର୍ସିଂ ବଢ଼ିଲେ, ସେହି ପ୍ରତିଭା ଦେଶରେ ରହି ଭାରତର ଅର୍ଥନୀତିକୁ ଶକ୍ତିଶାଳୀ କରିପାରିବ । କୋଭିଡ–୧୯ ପରେ ରିମୋଟ ୱାର୍କ (ଘରୁ କାମ କରିବା ) ଏକ ସାଧାରଣ କଥାରେ ପରିଣତ ହୋଇଛି । ଭିଜାଦେୟ ବୃଦ୍ଧି ଏହାକୁ ଅଧିକ ଗତିଶୀଳ କରିବ ତଥା ଆଞ୍ଚଳିକ ବିକାଶ ପାଇଁ ବାଟ ଖୋଲିଦେବ । ଭାରତୀୟ ସହର ଏପରିକି ଗ୍ରାମାଞ୍ଚଳ ଗୁଡିକରେ ରହି ପ୍ରଫେସନାଲମାନେ ସିଲିକନ ଭ୍ୟାଲି ପାଇଁ କାମ କରିପାରିବେ । ଭାରତୀୟ ଷ୍ଟାର୍ଟଅପଗୁଡିକ ପାଇଁ ସୁବର୍ଣ୍ଣ ସମୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ଆଇ, ତଥ୍ୟ ବିଜ୍ଞାନ, ବ୍ଲକଚେନ, ଫିନଟେକ, ସାଇବର ନିରାପତ୍ତା ଭଳି ଉଦୀୟମାନ କ୍ଷେତ୍ରରେ ଭାରତୀୟ ଷ୍ଟାର୍ଟଅପଗୁଡିକ ବିଶ୍ୱସ୍ତରୀୟ କ୍ଲାଇଣ୍ଟ ପାଇବାର ସୁଯୋଗ ମିଳିବ । ଏହା ନୂତନ ଉଦ୍ୟମୀମାନଙ୍କ ପାଇଁ ସୁବର୍ଣ୍ଣ ଯୁଗ ଆଣିପାରେ ।

ସୁଯୋଗକୁ ଚରିତାର୍ଥ କରିବା ପାଇଁ ଆମକୁ ଦକ୍ଷତା ବିକାଶ, ଛୋଟ ସହର ତଥା ଗ୍ରାମାଞ୍ଚଳ ଗୁଡିକରେ ସୂଚନା ପ୍ରଯୁକ୍ତି ଭିତ୍ତିଭୂମି ଉପଲବ୍ଧ କରାଇବା, ନବସୃଜନ ଷ୍ଟାର୍ଟଅପ ଅନୁକୂଳ ନୀତି ଓ ସରକାରୀ ପ୍ରୋତ୍ସାହନକୁ ପ୍ରାଥମିକତା ଦେବା ଆବଶ୍ୟକ । ଆମ ଉଚ୍ଚ କୁଶଳୀ ଯୁବପ୍ରତିଭା ଭାରତର ସବୁଠାରୁ ବଡ଼ ଶକ୍ତି । ଆତ୍ମନିର୍ଭର ଭାରତର ସ୍ଲୋଗାନକୁ ବାସ୍ତବତାର ରୂପ ଦେବା ପାଇଁ ଏହା କୃଷ୍ଟ ସମୟ । କୁଶଳୀ ଭାରତୀୟମାନେ ଏକ କୁଶଳ ତଥା ଆତ୍ମନିର୍ଭର ଭାରତ ନିର୍ମାଣରେ ଭାଗୀଦାରି ହେବା ଗୌରବର କଥା ନୁହେଁ କି ?

ବିଦେଶରେ ଭାରତୀୟମାନଙ୍କ ପ୍ରତି ଉଦ୍ଦେଶ୍ୟମୂଳକ ଭାବେ ଈର୍ଷା ଓ ହିଂସା ପ୍ରଦର୍ଶନର ଖବର ବ୍ୟାପକ ହେଉଛି । ମୋ ମତରେ ନିଜ ଦେଶରେ ରହି ନିଜକୁ ତଥା ନିଜ ପିଲାଙ୍କୁ ବିଶ୍ୱର ସର୍ବୋତ୍ତମ ସଂସ୍କୃତି ଭାରତୀୟ ସଂସ୍କୃତିରେ ଗଢିତୋଳିବା ଶ୍ରେୟସ୍କର ନୁହେଁ କି ? ଅଧିକ ଅର୍ଥ ଉପାର୍ଜନ ଲୋଭରେ ନିଜ ଦେଶ, ପରିବାର ଓ ସଂସ୍କୃତିର ପ୍ରତିକୂଳରେ ଯାଇ ନିଜକୁ ତଥା ନିଜର ଆଗାମୀ ପିଢ଼ିକୁ ଏକ ଅନିଶ୍ଚିତ ଦୁନିଆରେ ପ୍ରତିଷ୍ଠିତ କରାଇବାର ଆକାଂକ୍ଷା କେତେ ବୁଦ୍ଧିମତ୍ତା ତାହା ପୁନଃ ବିଶ୍ଳେଷଣ କରିବା ଉଚିତ ଯେତେବେଳେ ଆମ ଦେଶ ଭାରତ ନୂତନ ସୁଯୋଗର ଭୂମି ଭାବେ ଉଦୀୟମାନ ହୋଇ ସାରା ବିଶ୍ୱରୁ ଉଦ୍ୟୋଗପତିଙ୍କୁ ଭାରତରେ ନିବେଶ କରାଇବା ପାଇଁ ପ୍ରବର୍ତ୍ତାଇ ପାରୁଛି ସେତେବେଳେ ଅନ୍ୟ ଦେଶରେ ପ୍ରବାସୀ ବା ତୃତୀୟଶ୍ରେଣୀ ନାଗରିକ ହୋଇ ପ୍ରତି ମୁହୂର୍ତ୍ତରେ ଭୟ ଓ ଅନିଶ୍ଚିତତାକୁ ଆଲିଙ୍ଗନ କରିବାର ଆବଶ୍ୟକତା କ'ଣ ? ତେଣୁ ମୁଁ ଆଉ ଥରେ କହିବି ଭିସା ଶୁଳ୍କ ବୃଦ୍ଧି ଭାରତୀୟ ଉଦ୍ୟୋଗ କ୍ଷେତ୍ର ପାଇଁ ବିପଦ ନୁହେଁ । ବରଂ ଏହା ଆମ ନିଜସ୍ୱ ପ୍ରତିଭାକୁ ନୂତନ ସୁଯୋଗ ଦେଇ ବିଶ୍ୱକୁ ନେତୃତ୍ୱ ଦେବାର ରାସ୍ତା ଖୋଲିଛି ।

ସୂଚନା ପ୍ରଯୁକ୍ତିବିତ୍, ସିଙ୍ଗାପୁର
ମୋ:୯୩୪୩୯୩୫୩୪୧

## ଏଇ ଭାରତରେ

ଦିଲ୍ଲୀର ଏକ ବସ୍ତିରେ ରହି ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଶିକ୍ଷା ଲାଭ କରି ଜଣେ କନ୍‌ଷ୍ଟେବଲ ଭାବେ ଚାକିରି କରୁଛନ୍ତି ଥାନ୍ ସିଂ । ଚାକିରିର ଦାୟିତ୍ୱ ଭିତରୁ ସମୟ ବାହାର କରି ସେ ବସ୍ତି ପିଲାମାନଙ୍କୁ ପଢାଉଛନ୍ତି । ଦିଲ୍ଲୀ ଲାଲକିଲ୍ଲା ନିକଟସ୍ଥ ପାର୍କି ସ୍ଥାନ ନିକଟସ୍ଥ ସାଇ ମନ୍ଦିରରେ ସେ ଏକ ପାଠଶାଳା ଖୋଲି ପିଲାମାନଙ୍କୁ ମାଗଣାରେ ପଢାଉଛନ୍ତି । ଥାନ୍ ସିଂ ଡ୍ୟୁଟି କରିବା ସମୟରେ ବସ୍ତି ପିଲାମାନେ ରାସ୍ତାରେ ପାଣିବୋତଲ ବିକିବା, ଜରି ଗୋଟାଇବା ଭଳି କାମ କରୁଥିବା ଦେଖିବା ପରେ ସେ ସେମାନଙ୍କୁ ପଢ଼ାଇବା ଲାଗି ନିଷ୍ପତ୍ତି ନେଇଥିଲେ । କାରଣ ତାଙ୍କ ପିଲାଦିନ ବି ବସ୍ତିରେ ବହୁ କଷ୍ଟରେ କଟିଥିଲା । ଥାନ୍‌ଙ୍କ ଜନ୍ମ ରାଜସ୍ଥାନର ଭରତପୁରରେ । ସେ ତାଙ୍କ ପରିବାର ସହ ଆସି ଦିଲ୍ଲୀର ଏକ ବସ୍ତିରେ ରହୁଥିଲେ । ତାଙ୍କ ପିତା ପୋଷାକ ଇସ୍ତ୍ରି କରି ଯାହା ରୋଜଗାର କରୁଥିଲେ ସେଥିରେ ସେମାନେ କଷ୍ଟରେ ଚଳୁଥିଲେ । ଏପରିକି ଥାନ୍‌ଙ୍କୁ ବି ମକା ବିକି ରୋଜଗାର କରିବାକୁ ପଡ଼ିଥିଲା । ଅନ୍ୟ କୌଣସି ବସ୍ତି ପିଲାଙ୍କ ଭାଗ୍ୟରେ ଏହା ନ ଜୁଟୁ ତାହା ବିଚାର କରି ୨୦୧୫ରେ ସେ ୩ ଜଣ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ । ଥାନ୍‌ଙ୍କ ଏହି ସ୍କୁଲର ସକାରାତ୍ମକ ପ୍ରଭାବ ଏବେ ସ୍ପଷ୍ଟ ହୋଇଛି । ପିଲାମାନେ ରାସ୍ତାରେ ବୁଲି ଜିନିଷ ବିକିବା ପରିବର୍ତ୍ତେ ସ୍କୁଲକୁ ଆସୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ସେପ୍ଟେମ୍ବର ୧୯୭୬

- ଭାରତ ଓ ନାଇରୁ ସାଧାରଣତନ୍ତ୍ର ମିଳିତ ଉଦ୍ୟମରେ ଫସଫରିକ ଏସିଡ ପ୍ରସ୍ତୁତ ପାଇଁ ଏକ କାରଖାନା ସ୍ଥାପନ ନିମନ୍ତେ ଚୁକ୍ତିବଦ୍ଧ ହୋଇଛନ୍ତି ।
- ଜାତୀୟ କୋଠାବାଡ଼ି ନିର୍ମାଣ ସଂସ୍ଥା ପକ୍ଷରୁ ଭୂମିହୀନ କୃଷି ଶ୍ରମିକମାନଙ୍କ ପାଇଁ ସ୍ୱଳ୍ପ ବ୍ୟୟରେ ଗୃହ ନିର୍ମାଣ ।

## ଚିରନ୍ତନୀ

ଅଞ୍ଚଳ ତବ ଚଞ୍ଚଳ ବାତେ
ସ୍ୱର୍ଣ୍ଣ ଜରିର ଧଟୀ
ନଚାଇ ସବେଗେ ନ ଚାଲୁ ତୁମର
ଚରଣ ନବୀନା ନଟୀ !
–(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | 4 | 8 | | | |
| | 8 | | 5 | | | | 6 | 3 |
| | | | | | 6 | | | |
| | 6 | 5 | | | | | | 7 |
| | 2 | 7 | | | 5 | 8 | 9 | |
| | | | 2 | | | | | 4 |
| | | 2 | | 1 | 4 | | | |
| 5 | | | 8 | | | | | 1 |
| | | | | | | 9 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 4 | 6 | 1 | 2 | 8 | 7 | 3 |
| 7 | 3 | 6 | 9 | 8 | 5 | 1 | 4 | 2 |
| 8 | 2 | 1 | 4 | 7 | 3 | 5 | 9 | 6 |
| 2 | 4 | 8 | 3 | 5 | 9 | 6 | 1 | 7 |
| 9 | 1 | 7 | 8 | 4 | 6 | 3 | 2 | 5 |
| 3 | 6 | 5 | 1 | 2 | 7 | 9 | 8 | 4 |
| 1 | 5 | 9 | 7 | 3 | 4 | 2 | 6 | 8 |
| 4 | 8 | 3 | 2 | 6 | 1 | 7 | 5 | 9 |
| 6 | 7 | 2 | 5 | 9 | 8 | 4 | 3 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଥ ହେଲାଣି ପଥଭ୍ରଷ୍ଟ

ମହାଶୟ,

ରାଜ୍ୟର ଚତୁର୍ଥ ବୃହତ୍ତମ ସହର କେନ୍ଦ୍ରାପଡ଼ା । ଏହା ତୁଳସୀ କ୍ଷେତ୍ର ନାମରେ ବିଦିତ । ଆଧ୍ୟାତ୍ମିକ, ସାଂସ୍କୃତିକ ଐତିହ୍ୟ ପରମ୍ପରାର ମହାନ୍ ଶୋଭନୀୟ ଓ ସୌନ୍ଦର୍ଯ୍ୟମୟ ଏହି ସହର । ମୁଖ୍ୟ ପ୍ରସଙ୍ଗ କେନ୍ଦ୍ରାପଡ଼ାର ତିନିମୁହାଣୀ, ଗରାପୁର ସଂଲଗ୍ନ ରାସ୍ତାଟି ହେଉଛି ବଳଦେବଜୀଉ ପଥ । ପରିତାପର ବିଷୟ ଉକ୍ତ ପଥଟି ଖାଲଖମା ଯୋଗୁ ଯାନବାହନ ଚଳାଚଳରେ ଘୋର ସମସ୍ୟା ଦେଖାଦେଲାଣି । କେନ୍ଦ୍ରାପଡ଼ା ସହରର ଜନସାଧାରଣ ବହୁ ଆଲୋଚନା ସମାଲୋଚନା କରନ୍ତି ସତ, ଫଳ କିନ୍ତୁ ଶୂନ । ବିକାଶ ନାଁରେ କୋଟି କୋଟି ଟଙ୍କା ଆସି ଫେରିଯାଏ । ରାଜ୍ୟ ସରକାରଙ୍କ ବାହୁସ୍ଫୋଟ ଭାଷଣକୁ କେନ୍ଦ୍ରାପଡ଼ାର ଲକ୍ଷ ଲକ୍ଷ ଜନସାଧାରଣ କର୍ଣ୍ଣପାତ କରନ୍ତି ସତ ହେଲେ ଉପଯୁକ୍ତ ପଥଟିକୁ ପାସୋରି ପକାନ୍ତି । ଯାହା ଫଳରେ ପ୍ରଶାସନକୁ ଚେଇଁ ଶୋଇବାକୁ ଯଥେଷ୍ଟ ସୁଯୋଗ ମିଳେ । ତଥାପି ରାଜ୍ୟ ସରକାର ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ଧୂଳିସାତ ନ କରନ୍ତୁ ।

–ଆଦିକନ୍ଦ ସାହୁ, ଆଳି ବ୍ଲକ୍, ଏକମାଣିଆ


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗୋଟିଏ ବି ହୃତ୍‌ସ୍ପନ୍ଦନ ହରାନ୍ତୁ ନାହିଁ

ବର୍ତ୍ତମାନ ଯେଉଁ କେତୋଟି ସ୍ୱାସ୍ଥ୍ୟ ସମସ୍ୟା ପ୍ରମୁଖ ଭାବରେ ଆମେ ସମ୍ମୁଖୀନ ହେଉଛେ ତନ୍ମଧ୍ୟରୁ ହୃଦ୍‌ଜନିତ ସମସ୍ୟା ଅନ୍ୟତମ। ପ୍ରତ୍ୟେକ ତିନିଗୋଟି ମୃତ୍ୟୁର କାରଣ ହେଉଛି ହୃଦ୍‌ରୋଗଜନିତ। ଆମର ହାତମୁଠା ଆକାର ହୃତ୍‌ପିଣ୍ଡଟି ଛାତିର ବାମ ପଟେ ତିର୍ଯ୍ୟକ୍ ଭାବରେ ଅବସ୍ଥାପିତ। ଏହା ଗର୍ଭ ସଞ୍ଚାରର ୨ ମାସଠାରୁ ଆରମ୍ଭ କରି ଜୀବନର ଶେଷ ପର୍ଯ୍ୟନ୍ତ ନିରବଚ୍ଛିନ ଭାବେ କାମ କରିଥାଏ। ହୃତ୍‌ପିଣ୍ଡର ଚାରିଗୋଟି ଅଳିନ୍ଦ (artium)ଗୁଡିକର ମାଂସପେଶୀ ପତଳା ଓ ନିଳୟ (ventricle)ର ମାଂସପେଶୀ ଅପେକ୍ଷାକୃତ ମୋଟ। ଦକ୍ଷିଣପଟ ହୃତ୍‌ପିଣ୍ଡରୁ ଅମ୍ଳଜାନ ସଂଯୁକ୍ତ ହେବା ପାଇଁ ରକ୍ତ ଫୁସ୍‌ଫୁସ୍‌କୁ ଯାଏ ଓ ତା'ପରେ ଏହା ଫୁସ୍‌ଫୁସୀୟ ଶିରା ଦ୍ୱାରା ବାମ ପଟକୁ ଆସି ସାରା ଶରୀରରେ ପ୍ରବାହିତ ହୁଏ।

ଜଣେ ବୟସ୍କ ବ୍ୟକ୍ତିର ହୃତ୍‌ପିଣ୍ଡ ମିନିଟ୍‌କୁ ୭୨ ଥର ସ୍ପନ୍ଦିତ ହୋଇଥାଏ ଏବଂ ଗୋଟିଏ ଦିନରେ ଏହା ପାଖାପାଖି ଲକ୍ଷେ ଚାରି ହଜାର ଥର ସ୍ପନ୍ଦିତ ହୁଏ। ଆମ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ପାଖାପାଖି ୫ ଲିଟର ରକ୍ତ ସଞ୍ଚାରଣ କରିଥାଏ ଓ ଗୋଟିଏ ଦିନରେ ଏହା ୭୦୦୦-୮୦୦୦ ଲିଟର ରକ୍ତ ପମ୍ପ କରିଥାଏ।

ସାଧାରଣତଃ ହୃଦ୍‌ଯନ୍ତ୍ର କାମ କରିବା ବନ୍ଦ କରିଦେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ। ଏକ ସର୍ଭେରୁ ଜଣାପଡ଼ିଛି ଯେ, ପ୍ରତି ବର୍ଷ ଦୁଇ କୋଟିରୁ ଊର୍ଦ୍ଧ୍ୱ ଲୋକ ହୃଦ୍‌ରୋଗ କାରଣରୁ ମୃତ୍ୟୁବରଣ କରିଥାଆନ୍ତି। ଏହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏହା ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ମୃତ୍ୟୁକୁ ଆଗୁଆ ନିଦାନ ଦ୍ୱାରା ଟାଳି ଦିଆଯାଇପାରନ୍ତା, ମାତ୍ର ଜନସଚେତନତାର ଅଭାବରୁ ଏହା ହୋଇପାରୁନାହିଁ। ଏହା ମଧ୍ୟ ସ୍ୱାସ୍ଥ୍ୟସେବାର ବ୍ୟାପକତା, ସୁବିଧା ତଥା ପ୍ରାଥମିକ ସ୍ତରରେ ଯାଞ୍ଚ ଦ୍ୱାରା ପ୍ରତିହତ କରାଯାଇପାରନ୍ତା।





ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖକୁ 'ବିଶ୍ୱ ହୃତ୍‌ପିଣ୍ଡ ଦିବସ' (World Heart Day) ଭାବରେ ପାଳନ କରାଯାଇ ଆସୁଅଛି। ଚଳିତ ବର୍ଷର ଏ ନେଇ ବାର୍ତ୍ତା ରହିଛି-'ଗୋଟିଏ ବି ହୃତ୍‌ସ୍ପନ୍ଦନ ହରାନ୍ତୁ ନାହିଁ (Don't miss a beat)।

ହୃତ୍‌ପିଣ୍ଡଜନିତ ରୋଗଗୁଡିକ ମଧ୍ୟରେ ସିଏଡି ବା କରୋନାରି ଆର୍ଟେରି ରୋଗ ପ୍ରମୁଖ। ଏଥିରେ ହୃତ୍‌ପିଣ୍ଡର ମାଂସପେଶୀକୁ ରକ୍ତ ଯୋଗାଉଥିବା ମୁଖ୍ୟ ଏବଂ ସହଯୋଗୀ ଧମନୀରେ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି ହୋଇଥାଏ। ଏହାଦ୍ୱାରା ମାଂସପେଶୀ କାମ କରିପାରି ନ ଥାଏ। ଉଚ୍ଚ ରକ୍ତଚାପ ମଧ୍ୟ ଏକ ନୀରବ ଘାତକ ରୋଗ। ଏହା ବାହାରକୁ ଜଣାପଡ଼ି ନ ଥାଏ ମାତ୍ର ପରୀକ୍ଷା ବେଳେ ଜଣାପଡ଼େ। ଏଥିଲାଗି ନିୟମିତ ଯାଞ୍ଚ ଓ ଔଷଧ ସେବନ ଆବଶ୍ୟକ। ହଠାତ୍ ହୃଦ୍‌ଘାତ ଓ କାର୍ଡିଆକ୍ ଆରେଷ୍ଟ ମଧ୍ୟ ଖୁବ୍ କମ୍ ସମୟ ମଧ୍ୟରେ ଜୀବନ ନେଇଯାଇଥାଏ। ହୃଦ୍‌ଯନ୍ତ୍ରର କାର୍ଯ୍ୟହୀନତା ଓ ହୃତ୍‌ସ୍ପନ୍ଦନରେ ଅନିୟମିତତା (arrythmia) ଅନ୍ୟ ଦୁଇଗୋଟି ପ୍ରମୁଖ ରୋଗ। ଏହା ବ୍ୟତୀତ ଜନ୍ମଜନିତ ହୃଦ୍‌ରୋଗ, ମାଂସପେଶୀ ସଂକ୍ରମଣ, କାର୍ଡିଓ ମାୟୋପାଥି, ଗଣ୍ଠିବାତଜନିତ ହୃଦ୍‌ରୋଗ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଚିକିତ୍ସା ବିଜ୍ଞାନର ବ୍ୟାପକ ଅଗ୍ରଗତି ଦ୍ୱାରା ସହଜରେ ଅଳ୍ପ ସମୟ ମଧ୍ୟରେ ହୃଦ୍‌ରୋଗର ନିର୍ଣ୍ଣୟ ସହିତ ଉପଯୁକ୍ତ ଚିକିତ୍ସା କରାଯାଇ ପାରୁଅଛି। ତେଣୁ ଏବର୍ଷର ବାର୍ତ୍ତା ଜଣାଉଛି ଯେ ହୃଦ୍‌ରୋଗର ଯାଞ୍ଚ ଓ ନିର୍ଣ୍ଣୟ ତଥା ଚିକିତ୍ସାରେ କୌଣସି ପ୍ରକାର ଅବହେଳା କରିବା ଉଚିତ ନୁହେଁ। ହୃଦ୍‌ରୋଗ ହେବାର ପ୍ରମୁଖ ବିପଦ ସୃଷ୍ଟିକାରୀ ବିଷୟଗୁଡ଼ିକ ହେଉଛି-ଅତ୍ୟଧିକ ଧୂମପାନ, ଅତ୍ୟଧିକ ମେଦବହୁଳତା, ଶାରୀରିକ କର୍ମରହିତ ଜୀବନ, ଡାଇବେଟିସ, ଅତ୍ୟଧିକ ରକ୍ତରେ ଚର୍ବି, ଅସନ୍ତୁଳିତ ଉଚ୍ଚ ରକ୍ତଚାପ ଏବଂ ଅତ୍ୟଧିକ ମାନସିକ ଅବସାଦ। ଏହା ସହିତ ପାରିବାରିକ ରୋଗ ପ୍ରାଦୁର୍ଭାବ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା।

ହୃଦ୍‌ରୋଗକୁ ପ୍ରତିହତ କରିବାର ସହଜ ଉପାୟଗୁଡିକ ମଧ୍ୟରେ ରହିଛି- ରକ୍ତଚାପ, ଚର୍ବି ବହୁଳତା ଏବଂ ମେଦବହୁଳତାର ନିୟନ୍ତ୍ରଣ। ଧୂମପାନ ଏବଂ ନିଶାଦ୍ରବ୍ୟ ସେବନ ବର୍ଜନ, ଶାରୀରିକ ପରିଶ୍ରମ ଓ ନିୟମିତ ବ୍ୟାୟାମ, ଚାଲିବା, ପହଁରିବା, ସାଇକେଲ ଚାଳନା ଇତ୍ୟାଦି ମଧ୍ୟ ଉପଯୋଗୀ। ପ୍ରତିଦିନ ଅଧ ଘଣ୍ଟାଏ ବ୍ୟାୟାମ ମନ ଏବଂ ଶରୀରକୁ ସୁସ୍ଥତା ପ୍ରଦାନ କରେ। ଅବସାଦ ଏବଂ ମାନସିକ ଚାପରୁ ଦୂରରେ ରହି ରାତିରେ ଅନ୍ତତଃ ୮ ଘଣ୍ଟା ଭଲରେ ଶୋଇବା ଉଚିତ। ହୃଦ୍‌ରୋଗର ନିୟନ୍ତ୍ରଣ ଓ ଚିକିତ୍ସା ପାଇଁ ହୃଦ୍‌ରୋଗ ବିଶେଷଜ୍ଞମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାଧାରଣ ପରୀକ୍ଷା ଯଥା-ଇସିଜି, ଇକୋ, ଷ୍ଟ୍ରେସ୍ ଟେଷ୍ଟ, ବ୍ଲଡ୍ ଟେଷ୍ଟ, କାର୍ଡିଆକ୍ କ୍ୟାଥେଟରାଇଜେଶନ, ଆଞ୍ଜିଓଗ୍ରାମ ଏବଂ ଷ୍ଟେଣ୍ଟିଙ୍ଗ ଇତ୍ୟାଦି ଦ୍ୱାରା ହୃଦ୍‌ରୋଗର ସଫଳ ଚିକିତ୍ସା କରାଯାଇପାରୁଅଛି।

**- ଡା. ରାମଚନ୍ଦ୍ର ରାଉତ**, ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର

## ଯୁବମାନଙ୍କ ମଧ୍ୟରେ ବଢୁଥିବା ହୃଦ୍‌ଘାତ ଗୁରୁତର ସାମାଜିକ ସଙ୍କଟ

ହୃଦ୍‌ଘାତ (Heart Attack) ପୂର୍ବରୁ ୫୦ ବର୍ଷରୁ ଅଧିକ ବୟସରେ ଦେଖାଯାଉଥିବା ରୋଗ ବୋଲି ମନେ କରାଯାଉଥିଲା। କିନ୍ତୁ ଏବେ ପରିସ୍ଥିତି ଦ୍ରୁତ ବଦଳିଛି। ଭାରତରେ ପ୍ରାୟ ୫୦% ହୃଦ୍‌ଘାତ ୫୦ ବର୍ଷରୁ କମ୍ ବୟସରେ ହେଉଛି, ଯେଉଁଥିରୁ ୨୫% କେସ୍ ୪୦ ବର୍ଷରୁ କମ୍ ବୟସରେ ଦେଖାଯାଉଛି। ଓଡ଼ିଶାରେ ମଧ୍ୟ ଏହି ପ୍ରବୃତ୍ତି ସ୍ପଷ୍ଟ। କେତେକ କେସ୍‌ରେ ୨୦-୨୫ ବର୍ଷ ବୟସରେ ଯୁବକମାନେ ମଧ୍ୟ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଓଡ଼ିଶାର କାର୍ଡିଆକ୍ ସେଣ୍ଟରଗୁଡିକରେ ୪୦ ବର୍ଷରୁ କମ୍ ବୟସୀ ରୋଗୀଙ୍କ ସଂଖ୍ୟା ୩୦% ପର୍ଯ୍ୟନ୍ତ ପହଞ୍ଚିଛି।



Dr. Ritesh Acharya
Cardiologist/Electrophysiologist
Hi-Tech Medical College

### କାହିଁକି ଯୁବମାନେ ହୃଦ୍‌ଘାତରେ ପୀଡ଼ିତ

- ✓ ଧୂମପାନ ଓ ମଦ୍ୟପାନ : ୨୦-୩୫ ବର୍ଷ ବୟସରେ ଅଧିକାଂଶ ରୋଗୀଙ୍କ ସାଧାରଣ କାରଣ।
- ✓ ମଧୁମେହ, ଉଚ୍ଚ ରକ୍ତଚାପ ଓ କଲେଷ୍ଟେରଲ : "Silent Killers" ଯାହା ଯୁବବର୍ଗରେ ଅନୁଦିଷ୍ଟ ଅବସ୍ଥାରେ ରହିଥାଏ।
- ✓ ଅସୁସ୍ଥ ଖାଦ୍ୟାଭ୍ୟାସ : ଫାଷ୍ଟ ଫୁଡ୍, ତେଲ-ମସଲା ଖାଦ୍ୟ, ଶର୍କରାଧିକ ପାନୀୟ।
- ✓ ନିଷ୍କ୍ରିୟ ଜୀବନଶୈଳୀ : Mobile-TV-Laptop ପାଖରେ ଘଣ୍ଟା, ଅଭ୍ୟାସର ଅଭାବ।
- ✓ ଚାପ ଓ ଅତିରିକ୍ତ କାର୍ଯ୍ୟଭାର : ଯୁବମାନଙ୍କ ପାଇଁ ମାନସିକ ଚାପର ପ୍ରବନ୍ଧନ ବହୁତ କମ୍।
- ✓ ପରିବାରରେ ହୃଦ୍‌ରୋଗର ପୂର୍ବ ଇତିହାସ : Genetic Predisposition

### ସାମାଜିକ ପ୍ରଭାବ

୧. ଅର୍ଥନୈତିକ ଚାପ : ୨୦-୪୦ ବର୍ଷରେ ପରିବାରର ପ୍ରଧାନ ଉପାର୍ଜନକାରୀ ଯଦି ହୃଦ୍‌ଘାତରେ ପୀଡିତ, ସାରା ପରିବାର ଆଘାତିତ।
୨. ଉତ୍ପାଦନଶୀଳତାର ହାନି : ସମାଜର କାର୍ଯ୍ୟକ୍ଷମ ବର୍ଗରେ ରୋଗ ବଢିବା।
୩. ମାନସିକ ପ୍ରଭାବ : ପରିବାରରେ ଭୟ, ଉତ୍କଣ୍ଠା ଓ ନିରାଶା।

### ପ୍ରତିରୋଧ କିପରି ?

- ✓ ସୁସ୍ଥ ଖାଦ୍ୟ - ଅଧିକ ଶାକ-ସବ୍ଜୀ, ଫଳ, ଡାଲି, ପୂର୍ଣ୍ଣାନ୍ନ, କମ୍ ତେଲ, ଲୁଣ, ଚିନି।
- ✓ ନିୟମିତ ବ୍ୟାୟାମ - ପ୍ରତିଦିନ ୩୦-୪୫ ମିନିଟ୍।
- ✓ ନିୟମିତ ଚେକ୍‌ଅପ୍ - ୩୦ ବର୍ଷ ପରେ ଡାୟାବେଟିକ୍, ରକ୍ତଚାପ ଓ କଲେଷ୍ଟେରଲ ପରୀକ୍ଷା।
- ✓ ମାନସିକ ଚାପର ପ୍ରବନ୍ଧନ - ପ୍ରତିଦିନ ଧ୍ୟାନ, ପ୍ରାଣାୟମ, ପରିବାର ସହିତ ସମୟ।
- ✓ ଧୂମପାନ ଓ ମଦ୍ୟପାନକୁ "ନା"।

### ସାରକଥା

ହୃଦ୍‌ଘାତର "ଯୁବ ପ୍ରବଳତା" ସମାଜ ପାଇଁ ଗୁରୁତର ସଙ୍କେତ। ୫୦% ହୃଦ୍‌ଘାତ ୫୦ ବର୍ଷରୁ କମ୍ ବୟସରେ ଘଟୁଥିବା ତଥ୍ୟ ସଚେତନତା ପାଇଁ ପର୍ଯ୍ୟାପ୍ତ ସମୟରେ ସୁସ୍ଥ ଜୀବନଶୈଳୀ, ନିୟମିତ ପରୀକ୍ଷା ଓ ମାନସିକ ସ୍ୱାସ୍ଥ୍ୟରେ ଯତ୍ନ - ଏହାହିଁ ଯୁବମାନଙ୍କୁ ହୃଦ୍‌ଘାତରୁ ରକ୍ଷା କରିପାରିବ।

**"ଯୁବମାନଙ୍କ ହୃଦୟ ସୁସ୍ଥ - ରାଷ୍ଟ୍ରର ଭବିଷ୍ୟତ ସୁସ୍ଥ"**

## ହୃତ୍‌ପିଣ୍ଡ ଅନୁକୂଳ ଖାଦ୍ୟ



ଶରୀରର ସବୁ ଅଙ୍ଗ ଭଳି ହୃତ୍‌ପିଣ୍ଡ ମଧ୍ୟ ଖାଦ୍ୟ ଉପାଦାନ ଓ ଅକ୍ସିଜେନ୍ ଦରକାର କରିଥାଏ। ଏହା ସେ ପାଇଥାଏ ହୃତ୍‌ଧମନୀ ନାମକ ରକ୍ତନଳୀ ସାହାଯ୍ୟରେ। ହୃତ୍‌ଧମନୀର ରନ୍ଧ୍ର ସରୁ ହୋଇଗଲେ ହୃତ୍‌ପିଣ୍ଡ ଆଶାନୁରୂପ ଖାଦ୍ୟ ଉପାଦାନ ଓ ଅମ୍ଳଜାନ ବା ଅକ୍ସିଜେନ ପାଇପାରେନି। ଫଳରେ ଜାତ ହୁଏ ମାରାତ୍ମକ ଧରଣର ହୃଦ୍‌ରୋଗ। ସ୍ୱାସ୍ଥ୍ୟ ହିତକର ଖାଦ୍ୟ ଖାଇ ନିୟମିତ ବ୍ୟାୟାମ କଲେ ହୃତ୍‌ପିଣ୍ଡ ସୁସ୍ଥ ରହେ।

**କ'ଣ ଖାଇବେ:** ହୃତ୍‌ପିଣ୍ଡ ସୁସ୍ଥ ରହିବା ପାଇଁ କ'ଣ ଖାଇବେ ? ସୁସ୍ଥ ହୃତ୍‌ପିଣ୍ଡ ଖାଦ୍ୟ ତାଲିକାରେ ରହିଛି ରୁଟି, ଭାତ, ଚୁଡ଼ା, ମୁଢ଼ି, ଖଇ, ସୁଜି, ଡାଲି, ଆଳୁ, ଶାଗ, ସାଲାଡ, ସବୁ ପ୍ରକାରର ତଟକା ସବୁଜ ପନିପରିବା, ତଟକା ଫଳମୂଳ, ଲେମ୍ବୁ, ସର କଢ଼ା କ୍ଷୀର, ସର କଢ଼ା କ୍ଷୀରରେ ପ୍ରସ୍ତୁତ ଦହି ଓ ଛେନା। ରୋଷେଇ କରିବା ସମୟରେ ଅଳ୍ପ ପରିମାଣରେ ସୋରିସ ତେଲ ବ୍ୟବହାର କରନ୍ତୁ। ଏହା ବ୍ୟତୀତ ସୋୟାବିନ ତେଲ, ସୂର୍ଯ୍ୟମୁଖୀ ତେଲରେ ଖାଦ୍ୟ ପ୍ରସ୍ତୁତ କରିପାରିବେ। ଚିନି, ଗୁଡ଼, ମାଛ, ଲୁଣିମାଛ, କୁକୁଡା ମାଂସ, ଅଣ୍ଡାର ଧଳା ଅଂଶ ଖାଇପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଅଳ୍ପ ଅଳ୍ପ ପରିମାଣରେ ଦିନକୁ ପାଞ୍ଚ-ଛଅ ଥର ଆହାର କରନ୍ତୁ। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ଖାଆନ୍ତୁ।

**କ'ଣ ଖାଇବେନି:** ଲହୁଣି, ଘିଅ, କ୍ଷୀରସର, କ୍ରିମ୍, ତେଲରେ ଛଣାଛଣି ଏବଂ ଭଜାଭଜି ଖାଦ୍ୟ, ନଡିଆ, ବନସ୍ପତି, ମାଂସର ଚର୍ବି, ଛେଳି, ମେଣ୍ଢା, ଗୋରୁ, ଘୁଷୁରି ମାଂସ, ଅଣ୍ଡାର କେଶର, ବେଶି ତନ୍ତୁଯୁକ୍ତ ଓ ମିଷ୍ଟାନ୍ନ, ବେଶି ଲୁଣ, ଲୁଣିଆ ଖାଦ୍ୟ, ପାମ୍ପଡ଼, ଚଟଣି, ଆଚାର, କଲିଜା, ଚିଙ୍ଗୁଡି, କଙ୍କଡ଼ା, କଫି, ଫାଷ୍ଟଫୁଡ୍, କୋଲ୍ଡ ଡ୍ରିଙ୍କ୍‌ସ ଇତ୍ୟାଦି। କିନ୍ତୁ ଏଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ ନ କରି ଅଳ୍ପ ଅଳ୍ପ ଖାଇପାରିବେ। କିନ୍ତୁ ନିୟମିତ ସବୁଦିନ ଖାଇବା ମନା।

ଅଧିକ ପରିମାଣର ତନ୍ତୁଜାତୀୟ ଖାଦ୍ୟ, ଅଳ୍ପ ପରିମାଣର ତେଲ, ନିୟମିତ ବ୍ୟାୟାମ, ଅଳ୍ପ ପରିମାଣର ୫-୬ ଥର ଆହାର ବ୍ୟତୀତ ଧୂମପାନ, ମଦ୍ୟପାନ ବର୍ଜନ କରନ୍ତୁ। ଏହାଦ୍ୱାରା ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ**
ଅଭୀପ୍‌ସା, ପ୍ଲଟ ନଂ-୧୧୩୧,
ସେକ୍ଟର-୬, ସିଡିଏ, କଟକ

## ହୃଦ୍‌ରୋଗର ଆୟୁର୍ବେଦୀୟ ଉପଚାର

ହୃତ୍‌ପିଣ୍ଡ ଆମ ଶରୀରର ରକ୍ତକୁ ପମ୍ପିଙ୍ଗ କରି ଶରୀରର ସମସ୍ତ ଅଙ୍ଗର କୋଷକୁ ପହଞ୍ଚାଇଥାଏ। ଏପରିକି ହୃତ୍‌ପିଣ୍ଡ ଧମନୀ ଦ୍ୱାରା ହୃତ୍‌ପିଣ୍ଡକୁ ପୋଷଣ କରିଥାଏ। ଯଦି ତେଲ, ଚର୍ବିଜାତୀୟ ଖାଦ୍ୟ ଅଧିକ ଖାଇଲେ ପରିଶ୍ରମ ନ କଲେ ତା'ହେଲେ ଶରୀରରେ ଚର୍ବି ଜମା ହୋଇଥାଏ। ଏହା ଫଳରେ ଧମନୀ ରାସ୍ତା ସଙ୍କୁଚିତ ହୁଏ। ତା' ସହ ଅଧିକାଂଶ ସମୟ ଚିନ୍ତା, ଅବସାଦରେ ରହିଲେ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏହି ସମସ୍ୟାର କେତେକ ଆୟୁର୍ବେଦୀୟ ଉପଚାର ରହିଛି।




- ଅର୍ଜୁନ ଛେଲି ରସ ଦୁଇ ଚାମଚ ଉଷୁମ କ୍ଷୀର ଏକ କପ ସହ ମିଶାଇ ସକାଳେ ଖାଲି ପେଟରେ ଖାଇବେ।
- ଓସ୍ତପତ୍ର ରସ ବା ପତ୍ର ୬ଟି ପାଣିରେ ପକାଇ ଫୁଟାଇ ତାହାକୁ ଥଣ୍ଡା କରି ଦିନକୁ ଦୁଇ ଥର ପିଇବେ।
- ଅର୍ଜୁନାରିଷ୍ଟ, ସର୍ପଗନ୍ଧାରିଷ୍ଟ, ହୃଦୟବଲ୍ଲଭ ରସ, ଅକୀକ ଭସ୍ମ, ନାଗାର୍ଜୁନାଭ୍ର ଇତ୍ୟାଦି ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶରେ ଖାଇବେ।
- ମନ୍ଥର ଗତିରେ ଚାଲିବେ। ବାମ କଡ଼ ମାଡି ଶୋଇବେ, ଅନୁଲୋମ, ବିଲୋମ କରିବେ। କଞ୍ଚା ଲଙ୍କା ଅଳ୍ପ ପରିମାଣରେ ଖାଇବେ।
- ପୁରୁଣା ଚାଉଳ ଭାତ, ମୁଗ, ପୋଟଳ, ପାଣିକଖାରୁ, କଷିମୂଳା, ଛୋଟ ମାଛ, ଆମ୍ବ, ଡାଳିମ୍ବ, କିସ୍‌ମିସ୍, ରସୁଣ ଓ ଅଦା ଖାଇବା ହୃତ୍‌ପିଣ୍ଡ ପାଇଁ ହିତକର।
- ଦୂଷିତ ପାଣି ପିଇବେ ନାହିଁ, ଗୁରୁପାକ ଖାଦ୍ୟ ଏବଂ ଖଟା ଖାଇବେ ନାହିଁ।

**-ଡା. ଆଶିଷ ବାନାର୍ଜୀ**, ବେତନଟୀ, ମୟୂରଭଞ୍ଜ









# ଦଶହରା ପାଇଁ ସଜ୍ଜିତ ହେଲା ଜୟପୁର ସହର

## ମହୀଶୂର ଭଳି ହେଉଛି ୧୬ ଦିନର ଉତ୍ସବ ପାଳନ, ରହିଛି ଅନେକ କିମ୍ବଦନ୍ତୀ

**ଜୟପୁର,୨୮।୯(ପବନ ପାଣିଗ୍ରାହୀ)**


ମା' ଭଗବତୀ ।


ଦୁର୍ଗାପୂଜା ପାଇଁ ସଜ୍ଜିତ ହୋଇଥିବା ଜୟପୁର ରାଜଉଆସ ।

ଚଳିତବର୍ଷ ତିଥି ବୃଦ୍ଧି ହୋଇଥିବାରୁ କୋରାପୁଟ ଜିଲା ଜୟପୁରରେ ୧୬ ବଦଳରେ ୧୮ଦିନ ଦଶହରା ପୂଜା ଅନୁଷ୍ଠିତ ହେବ। ଜୟପୁର ଦଶହରାକୁ ମହୀଶୂରର ଦଶହରା ପର୍ବ ସହ ତୁଳନା କରାଯାଏ। ମହୀଶୂର ପରେ ଜୟପୁର ଦଶହରା ସମଗ୍ର ଦକ୍ଷିଣ ଭାରତରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ମହୀଶୂର ଭଳି ଜୟପୁରରେ ମଧ୍ୟ ୧୬ ଦିନ ବ୍ୟାପୀ ଏହି ଉତ୍ସବ ପାଳନ କରାଯାଏ। କନକ ଦୁର୍ଗାଙ୍କ ମୂର୍ତ୍ତି ଚୋରି ହୋଇଯିବା ପରେ କେତେକ ପରମ୍ପରା ଲୋପ ପାଇଛି। ରାଜରାଜୁଡା ଅମଳରୁ ଅଧିଷ୍ଠାତ୍ରୀ ମା' ଭଗବତୀ ଓ ଦକ୍ଷିଣ କାଳିକା ମନ୍ଦିରରେ ୧୬ଦିନ ବ୍ୟାପୀ ଷୋଡ଼ଶ ପୂଜା କରାଯାଏ। ଦଶହରା ଦିନ ଦଶହରା ପଡିଆରେ ଅପରାଜିତା ପୂଜା ପରେ ଦଶହରା ସମାପ୍ତ ହୁଏ। ଏହି ଷୋଡ଼ଶ ଦଶହରା ଉତ୍ସବକୁ ନେଇ ସାରା ଜିଲା ଉତ୍ସବ ମୁଖର ହୋଇଉଠିଛି। ରାଜ ପରିବାର ପକ୍ଷରୁ ରାଜ ମହଲକୁ ସଜ୍ଜିତ କରାଯାଇଛି।

ଜୟପୁର ଦଶହରା ଉତ୍ସବର ଏକ କିମ୍ବଦନ୍ତି ରହିଛି। ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ସମୟରେ ଜୟପୁରର ସୂର୍ଯ୍ୟବଂଶୀ ରାଜା ବିଜୟ ଚନ୍ଦ୍ରାକ୍ଷ ଦେବ ତାଙ୍କୁ ସାହାଯ୍ୟ କରିଥିଲେ। ବିଜୟ ପରେ ଗଜପତି ରାଜା କାଞ୍ଚିରୁ ଆଣିଥିବା କନକ ଦୁର୍ଗାଙ୍କ ମୂର୍ତ୍ତିକୁ ଉପହାର ସ୍ୱରୁପ ଜୟପୁର ରାଜାଙ୍କୁ ଭେଟି ଦେଇଥିଲେ। ପରେ କନକ ଦୁର୍ଗା ଜୟପୁର ରାଜବଂଶର ଇଷ୍ଟଦେବୀ ଭାବେ ପୂଜା ପାଇଲେ। ସେହି ସମୟରେ ଜୟପୁରର ରାଜଧାନୀ ଥିଲା ନନ୍ଦପୁର। ରାଜା ବିଜୟ ଚନ୍ଦ୍ରାକ୍ଷ ଦେବ ନନ୍ଦପୁର ନିକଟସ୍ଥ କୁନ୍ତୀମାଳା ପର୍ବତ ନିକଟରେ ଦେବୀଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରିଥିଲେ। ସେଠାରେ ଦଶହରା ଉତ୍ସବ ପାଳନ ବେଳେ ନନ୍ଦପୁର ନିକଟସ୍ଥ ଦାରିଙ୍ଗି ବା ଗ୍ରାମର ପରଜା ସମ୍ପ୍ରଦାୟର ଶିଶା ପରିବାର ପକ୍ଷରୁ ଯୋଗାଇ ଦିଆଯାଉଥିବା ନୂଆଁ ଧାନ, ଚାଉଳରୁ ପ୍ରସ୍ତୁତ ଅନ୍ନଭୋଗ ଦେବୀଙ୍କୁ ଅର୍ପଣ କରାଯାଉଥିଲା। ୧୭୫୮ ଖ୍ରୀଷ୍ଟାବ୍ଦରେ ବିକ୍ରମଦେବ-୧ ଜୟପୁର ରାଜଧାନୀ ନନ୍ଦପୁରଠାରୁ ଜୟପୁରକୁ ଉଠାଇ ଆଣିଥିଲେ। ଏଥିସହ ଜୟପୁର ରାଜପ୍ରସାଦର ଉତ୍ତର ପଶ୍ଚିମ କୋଣରେ ଏକ ମନ୍ଦିର ନିର୍ମାଣ କରି ଦେବୀ କନକଦୁର୍ଗାଙ୍କୁ ପ୍ରତିଷ୍ଠା କରାଇଥିଲେ। ଏହି ସ୍ମୃତିର ପ୍ରତୀକ ସ୍ୱରୂପ ଦଶହରା ପର୍ବ ଧୁମଧାମରେ ପାଳନ କରାଯାଉଥିଲା। ସେହିଦିନଠାରୁ ଜୟପୁରରେ ଦଶହରା ପର୍ବ ୧୬ ଦିନ ବ୍ୟାପି ପାଳନ କରାଯାଉଛି। ନବରାତ୍ର ଉତ୍ସବରେ ଅମାବାସ୍ୟାଠାରୁ ୯ ଦିନ ବ୍ୟାପି ରାଜ ପ୍ରସାଦ ସମ୍ମୁଖରେ ଦେବୀ କନକ ଦୁର୍ଗାଙ୍କ ବିଜୟ ଧ୍ୱଜା ପ୍ରତିଷ୍ଠା କରାଯାଇଥିଲା। ବିଜୟ ଦଶମୀରେ ରାଜା ପରିଷଦ ବର୍ଗଙ୍କ ସହ ଦଶହରା ପଡିଆକୁ ଉତ୍ସବ ଦେଖିବାକୁ ଯାଉଥିଲେ। ସେଠାରେ ଅପରାଜିତ ପୂଜା କରାଯାଉଥିଲା। ଦୁର୍ଗା ପୂଜାକୁ ପରଜା, ଗାଦବା, ଦୁରୁଆ, କନ୍ଧ, ଭୁମିଆ ଭଳି ସମ୍ପ୍ରଦାୟର ଅବଦାନ ରହିଛି। ପୂର୍ବ ଭଳି ଦଶହରାରେ ପାରମ୍ପରିକ ବାଦ୍ୟ, ବାଜଣା, ହାତୀ ଘୋଡା ଦେଖିବାକୁ ମିଳେନି। ବର୍ତ୍ତମାନ ଏହାର ପରିଭାଷା ବଦଳିଯାଇଛି। ଦଶହରା ପାଇଁ ରାଜ ଉଆସକୁ ରଙ୍ଗ ଦେଇ ଆଲୋକ ମାଳାରେ ସଜ୍ଜିତ କରାଯାଇଛି। ପୂର୍ବ ଗୌରବର ପୁନଃଉଦ୍ଧାର ପାଇଁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ତତ୍ତ୍ୱବଧାନରେ ଉଦ୍ୟମ ଆରମ୍ଭ ହୋଇଛି।

# ଷଷ୍ଠୀ ବିଲ୍ୱବରଣରୁ ଦଶହରା ଯାଏ ପୂଜା ପାଇବେ ମା'

**ପଟ୍ଟାଙ୍ଗି,୨୮।୯(ଶରତ କୁମାର ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ମାଳିପୁଟ ପଞ୍ଚାୟତର କୁନ୍ଦୁଲି ହାଟପଦାଠାରେ ଆଦିମ ଶ୍ରୀକ୍ଷେତ୍ର ପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ଓ ମେଢ କରାଯାଇଛି। ପୂଜା କମିଟିର ଉପସଭାପତି ତଥା ପୂର୍ବତନ ଏମ୍‌ପି କଂଗ୍ରେସ ଦଳର ବରିଷ୍ଠ ରାଜନେତା ଜୟରାମ ପାଙ୍ଗୀଙ୍କ ନେତୃତ୍ୱରେ ହୋଇଥିବା ୩୩ତମ ତିରୁପତି ମନ୍ଦିର ଦୁର୍ଗା ମେଢ ଲୋକଙ୍କୁ ଆକୃଷ୍ଟ କରିଛି। ଆଦୀମ ଶ୍ରୀକ୍ଷେତ୍ର କୁନ୍ଦୁଲି ଦୁର୍ଗାପୂଜା ରବିବାରଠାରୁ ଷଷ୍ଠୀ ବିଲ୍‌ବରଣ ପୂଜାରୁ ଆରମ୍ଭ ହୋଇ ଦଶମୀ ପର୍ଯ୍ୟନ୍ତ ମା' ଦୁର୍ଗା ପୂଜା ପାଇବେ। ନବମୀ ଏବଂ ଦଶମୀରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାବଣ ପୋଡ଼ି କରାଯାଏ। ଏହି ଦୁଇଦିନରେ ଜନସମାବେଶକୁ ଦୃଷ୍ଟିରେ ପୂଜା କମିଟି ପକ୍ଷରୁ ସ୍ଥାନୀୟ ପୋଲିସର ସହାୟତାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥାଏ। ମା'ଙ୍କ ଦର୍ଶନ କରିବାକୁ ନନ୍ଦପୁର, ସେମିଳିଗୁଡା, କୋରାପୁଟ, ସୁନାବେଡା, ଦାମନଯୋଡି ଓ ପଟ୍ଟାଙ୍ଗିର ଆଖପାଖ ଗ୍ରାମରୁ ଶତାଧିକ ଲୋକଙ୍କ ଭିଡ଼ ଜମିଥାଏ। ସୂଚନାନୁଯାୟୀ, ଉକ୍ତ ପୂଜା କମିଟି ପକ୍ଷରୁ ୧୯୯୨ରେ ପ୍ରଥମ କରି ପୁରୀ ମନ୍ଦିର ଆକୃତିର ତୋରଣ କରାଯାଇଥିଲା। ପ୍ରତିବର୍ଷ ବିଭିନ୍ନ ଦେବୀଦେବ ପୀଠର ଆକୃତିରେ ତୋରଣ ପ୍ରସ୍ତୁତ କରି ମା'ଙ୍କ ପୂଜାର୍ଚ୍ଚନା କରାଯାଇଥାଏ। କମିଟିର ଉପସଭାପତିଙ୍କୁ ସ୍ଥାନୀୟ ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଅଶୋକ ପାଙ୍ଗୀ, ପୂର୍ବତନ ପଟ୍ଟାଙ୍ଗି ବ୍ଲକ୍ ଅଧ୍ୟକ୍ଷ ଜଗତ ଜ୍ୟୋତି ପାଙ୍ଗୀ ଓ କୋଟିଆ ପଞ୍ଚାୟତ ସମିତିସଭ୍ୟା ଅମ୍ବିକା ପାଙ୍ଗୀ, ଭଣଜା ବିଜୟ ଖିଲ ଓ ଝିଅ କଳ୍ପନା ପାଙ୍ଗୀଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥାନ୍ତି।


ପଟ୍ଟାଙ୍ଗିରେ ହୋଇଥିବା ତିରୁପତି ବାଲାଜୀ ମନ୍ଦିର ଆକୃତିର ତୋରଣ।

# ଭି କ୍ୟାଡର ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ମନୋନୀତ

**କୋରାପୁଟ, ୨୮।୯(ଅମିତାଭ ବେହେରା)**

କୋରାପୁଟ ଅତିଥି ଭବନରେ ଜିଲାସ୍ତରୀୟ ଲେବେଲ ଭି(ଏକ୍ସ କ୍ୟାଡର) ଶିକ୍ଷକ ସଂଘର କର୍ମକର୍ତ୍ତା ସର୍ବସମ୍ମତି ମନୋନୀତ କରାଯାଇଛି। ଏଥିରେ ରାଜ୍ୟ ମହାସଂଘ ସଭାପତି ଜୟନ୍ତୀଲାଲ ସାହୁଙ୍କ ଅଧ୍ୟକ୍ଷତାରେ ସଂଘର କାର୍ଯ୍ୟ ଓ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ନୂତନ ସଭାପତି ଭାବେ ଶରତ କନ୍ଦପାନ ମନୋନୀତ ହୋଇଛନ୍ତି। ସମ୍ପାଦକ ଶିବ ପ୍ରସାଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଚୋଳଗଙ୍ଗ ବିଷୋୟୀ, ଉପସଭାପତି ସୂର୍ଯ୍ୟନାରାୟଣ ରାୟ, ସହ ସମ୍ପାଦକ କୈଳାସ ବିଷୋୟୀ,କୋଷାଧ୍ୟକ୍ଷ ଧନିଆ ବେନିଆ ଓ ମହାସଚିବ ଗୋପାଳକୃଷ୍ଣ ପାତ୍ରଙ୍କୁ ମନୋନୀତ କରାଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକ୍‌ରୁ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ବୈଠକରେ ରାଜ୍ୟ ସମ୍ପାଦକ ହନେସ ପାତ୍ର ବାଘ ଓ କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନବ ନିର୍ବାଚିତ ସଭାପତି କନ୍ଦପାନ ଧନ୍ୟବାଦ ଅର୍ପଣ କରିଥିଲେ।


ନୂତନ ଭାବେ ମନୋନୀତ ହୋଇଥିବା ଭି କ୍ୟାଡର ଶିକ୍ଷକ ସଂଘର ସଦସ୍ୟମାନେ।

# ଷଷ୍ଠୀରେ ବିଲ୍ୱବରଣ, କଳସ ଯାତ୍ରା ଅନୁଷ୍ଠିତ


କଳସ ଶୋଭାଯାତ୍ରା କରାଯାଉଛି।

**ନନ୍ଦପୁର,୨୮।୯(ତୁଷାର କାନ୍ତ ମହାନ୍ତି)**

ଦଶହରା ପର୍ବର ଷଷ୍ଠୀ ତିଥି ଅବସରରେ ନନ୍ଦପୁର ବତ୍ରିଶ ସିଂହାସନ ପୀଠ ଓ ଜଗଜ୍ଜନନୀ ଦୁର୍ଗା ମଣ୍ଡପରେ ଦଶହରାର ପ୍ରଥମ ବିଧି ବେଲବରଣ ଓ କଳସ ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଭୈରବ ମନ୍ଦିର, ବାଟମଙ୍ଗଳା ମନ୍ଦିର, ଗୁମା ଭୈରବୀ ମନ୍ଦିରରେ ଷଷ୍ଠୀପୂଜା କରି ମା'ଙ୍କୁ ଆବାହନ କରାଯାଇଛି। ମା ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ ପରେ ଦଶହରା ପୂଜା ବିଧି କରାଯାଇଛି। ବତ୍ରିଶ ସିଂହାସନ ପରିସରରେ ଥିବା ବେଲ ବୃକ୍ଷ ମୂଳେ କର୍ତ୍ତା ଟି.ଗଣେଶ ଚୌଧୁରୀ, ପୂଜକ ଲକ୍ଷ୍ମଣ ତ୍ରିପାଠୀ, କମିଟି ସଭାପତି ତୁଷାର କାନ୍ତ ମହାନ୍ତି, ସୁନୀଲ, ରିଙ୍କୁ, ଉଗା, ବୁଲା, ଏଙ୍କେନା, ସୁମିତ ପ୍ରମୁଖଙ୍କ ଉପସ୍ଥିତ ଥିଲେ। କଳସ ଅଧିବାସ ନେଇ ସ୍ଥାନୀୟ କିଶୋରୀ ଓ ମହିଳା ଗଙ୍ଗେଇଶୁଣୀ ନଦୀ ତୁଠରୁ ୧୨ ଓ ୩୨ ପାହାଚରେ ସ୍ଥାପିତ ୬୪ ଯୋଗିନୀଙ୍କ ପାଇଁ ମୋଟ ୭୬ କଳସରେ ଜଳ ସଂଗ୍ରହ କରି ନବପତ୍ରିକା ପୀଠରେ ସ୍ଥାପନ କରିଥିଲେ। ସୋମବାର ସପ୍ତମୀ ତିଥି ପୂଜାର୍ଚ୍ଚନା ପରେ ବତ୍ରିଶ ସିଂହାସନ ପୀଠରେ ୯ କିଲୋ ଓଜନର ରୁପା ଅଳଙ୍କାରରେ ସଜ୍ଜିତ ହେବା ପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ପୂଜକ ଲକ୍ଷ୍ମଣ ତ୍ରିପାଠୀ କହିଛନ୍ତି। ପୀଠର ସୁରକ୍ଷା ପାଇଁ ନନ୍ଦପୁର ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ନନ୍ଦପୁର ଥାନାଧିକାରୀ ମମତା ପଣ୍ଡା ସୂଚନା ଦେଇଛନ୍ତି।

# ଜୁଆ ଆଡ୍ଡା ଉପରେ ଚଢ଼ାଉ: ୧୬ ଗିରଫ, ୧୬ ବାଇକ୍ ଜବତ

**କୋରାପୁଟ,୨୮।୯(ଅମିତାଭ ବେହେରା)**

କୋରାପୁଟ ଟାଉନ ଥାନା ପକ୍ଷରୁ ସହରରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୧୬ ବାଇକ୍, ୧୬ ମୋବାଇଲ ସହ ୬୬ ହଜାର ୯୮୨ ଟଙ୍କା ଶନିବାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୧୬ ଜଣଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ରବିବାର ପ୍ରକାଶ କରିଛନ୍ତି। କୋରାପୁଟ ଆରକ୍ଷୀ ଅଧିକ୍ଷକଙ୍କ ବାସଭବନ ନିକଟରେ ଥିବା ଏକ କ୍ଲବରେ ଶନିବାର ରାତିରେ ଜୁଆ ଖେଳ ଚାଲିଥିଲା। ଥାନା ପକ୍ଷରୁ ଚଢ଼ାଉ କରି ୧୬ ଖେଳାଳିଙ୍କଠାରୁ ୬୬ହଜାର ଟଙ୍କା ଜବତ କରାଯାଇଥିଲା। ଏ ନେଇ ଟାଉନ ଥାନାରେ ୨୫୩/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଥାନା ଏସ୍‌ଆଇ ଉମେଶ ଧାରୁଆ ତଦନ୍ତ କରୁଛନ୍ତି।


ଜବତ ହୋଇଥିବା ବାଇକ୍ ।

# ଭଗତ୍ ସିଂଙ୍କ ଜୟନ୍ତୀ ପାଳିତ

**ଜୟପୁର,୨୮।୯(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଦଶମନ୍ତପୁରରେ ଶହୀଦ ଭଗତ ସିଂଙ୍କ ୧୧୮ ତମ ଜୟନ୍ତୀ ଅଖିଳ ଭାରତ ଯୁବ ସଂଘ କୋରାପୁଟ ଜିଲା ସଭାପତି କୁମର ଜାନୀଙ୍କ ନେତୃତ୍ୱରେ ରବିବାର ପାଳିତ ହୋଇଛି। ଏହାକୁ ସମ୍ବୋଧିତ କରି ସଭାପତି ଜାନି କହିଥିଲେ, ଏଆଇୱାଏଫ ସାରା ଦେଶରେ ଯୁବକମାନଙ୍କୁ ନିଶା ଦ୍ରବ୍ୟ ବିରୋଧରେ ଜନମତ ସୃଷ୍ଟି କରିବାକୁ ଅଭିଯାନ ଚଳେଇବା ପାଇଁ ଆହ୍ୱାନ ଦେଇଛି। ନିଶା ଦ୍ରବ୍ୟ ଦ୍ୱାରା ଯୁବକମାନେ ପଥ ଭ୍ରଷ୍ଟ ହୋଇ ମୌଳିକ ଦାବି ପୁରଣ ପାଇଁ ଚିନ୍ତାଧାରାରୁ ଦୂରେଇ ରହୁଛନ୍ତି। ଭଗତ୍ ସିଂ ନିଶ୍ଚିତ ରୋଜଗାର ଯୋଜନା ପ୍ରଣୟନ କରି ଯୁବପୀଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ସହ ଜିଲାର ଜମି ଜଳ ଜଙ୍ଗଲ ଯୁବ ସମାଜ ଓ ଜିଲାବାସୀଙ୍କ କଲ୍ୟାଣରେ ବିନିଯୋଗ ହେଉ ବୋଲି କହିଥିଲେ। ସଭାରେ ହରିବନ୍ଧୁ ମୁଦୁଲି,ସତ୍ୟ ପରଜା, ଭାନୁମତୀ ଓ ବବିତା ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଗାପୂଜା ଉପଲକ୍ଷେ ଚଳଚଞ୍ଚଳ କାକିରିଗୁମା

**ଲକ୍ଷ୍ମୀପୁର,୨୮।୯(ଅନନ୍ତ ପ୍ରସାଦ ନାୟକ)**

ଲକ୍ଷ୍ମୀପୁର ବ୍ଲକ କାକିରିଗୁମାଠାରେ ଦୁର୍ଗାପୂଜା ପାଇଁ ପଞ୍ଚପଟ ମାଳି ଗାଡି ଚାଳକ ସଂଘ କମିଟି ପକ୍ଷରୁ ପ୍ରସ୍ତୁତି ଚାଲିଛି। ଚଳିତବର୍ଷ ସାର୍ବଜନୀନ ପୂଜା ଅନୁଷ୍ଠିତ ହେବ। ଆକର୍ଷଣୀୟ ଆଲୋକ ମାଳା ସହ ତୋରଣ ସାଜସଜ୍ଜା କରି ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଓ ପୂଜା ପାଇଁ ପ୍ରସ୍ତୁତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ବିଲ୍ ଅଧିବାସ ଓ କଳସ ଯାତ୍ରା କରାଯାଇ ମୃଣ୍ମୟୀ ଦେବୀଙ୍କ ଷଷ୍ଠୀ ପୂଜା କରାଯାଇଛି। ସୋମବାର ସପ୍ତମୀ, ଏହା ପରେ ଅଷ୍ଟମୀ ବିଧି ପୂଜା ଓ ଚଣ୍ଡୀ ପାଠ କରାଯିବ। ବୁଧବାର ନବମୀ ଓ କୁମାରୀ ପୂଜା କରାଯାଇ ଗୁରୁବାର ଅପରାଜିତା ଓ ଆୟୁଧ ପୂଜା କରି ଦଶହରା ପୂର୍ଣ୍ଣାହୁତି କରାଯିବ। ଶୁକ୍ରବାର ଭସାଣି ଉତ୍ସବ ପାଳିତ ହେବ ବୋଲି ସୂଚନା ଦିଆଯାଇଛି। ଅଞ୍ଚଳରେ ଗୋଟିଏ ଦୁର୍ଗା ପୂଜା ଅନୁଷ୍ଠିତ ହେଉଥିବାରୁ ବହୁ ଜନସମାଗମ ହୋଇଥାଏ।


ଦୁର୍ଗାପୂଜା ଉପଲକ୍ଷେ ଚଳଚଞ୍ଚଳ କାକିରିଗୁମା


କୋରାପୁଟ ଘରୋଇ ବସ୍ ସଂଘ ପକ୍ଷରୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡରେ କରାଯାଇଥିବା ଦୁର୍ଗା ମେଢ଼।

# ଜିଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**କୁନ୍ଦୁରା,୨୮।୯(ସନ୍ତୋଷ ପ୍ରହରାଜ)**

କୋରାପୁଟ ଜିଲା କୁନ୍ଦୁରା ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟରେ ତ୍ରି-ଦିବସୀୟ ଜିଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ଦ୍ୱାରା ପ୍ରଯୋଜିତ ଏହି କାର୍ଯ୍ୟକ୍ରମ ୨୮ ରୁ ୩୦ତାରିଖ ଯାଏ ଚାଲିବ। ଏଥିରେ ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ନାୟକ ଯୋଗଦେଇ ଯୁବଗୋଷ୍ଠୀ ରାଷ୍ଟ୍ର ଗଠନର ପ୍ରକୃତ ବିନ୍ଧାଣି ବୋଲି କହିଥିଲେ। ମୁଖ୍ୟ ବକ୍ତା ବିଶ୍ୱବିଦ୍ୟାଳୟର ରାଷ୍ଟ୍ରୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ମନୋରଞ୍ଜନ ପ୍ରଧାନ ରାଷ୍ଟ୍ର ବିକାଶରେ ଯୁବକମାନଙ୍କ ଭୂମିକା ତଥା ସାମ୍ପ୍ରତିକ ସମୟକୁ ତାଳ ଦେଇ ଇଣ୍ଟରନେଟର ବହୁଳ ସୁବିଧାକୁ ଉପଯୋଗ କରି ଯୁବ ସମାଜ ବିଶ୍ୱ ଦରବାରରେ ଭାରତର ଟେକ ରଖିବାକୁ କହିଥିଲେ। କଲେଜ ଅଧ୍ୟକ୍ଷ ହୃଦୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ବେହେରା ଶିବିର ସମ୍ପର୍କରେ ଆଲୋଚନା କରିଥିଲେ। ୧୫ ସ୍ନାତକ କଲେଜରୁ ୧୦୫ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ କାର୍ଯ୍ୟକ୍ରମ ଅଧିକାରୀ ରମେଶ ଚନ୍ଦ୍ର ଲେଙ୍କା ଅତିଥିଙ୍କୁ ସ୍ୱାଗତ କରିଥିଲେ। ଶିବିରରେ ଏନ୍‌ଏସ୍‌ଏସ୍‌ର ମୁଖ୍ୟ ଚିନ୍ତାଧାରା, ଯୁବ ନେତୃତ୍ୱ, ସଡକ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରି ବିଭିନ୍ନ ପ୍ରତିଯୋଗିତା କରାଯିବ ବୋଲି ସୂଚନା ମିଳିଛି। ପ୍ରଥମ ଅଧିବେଶନରେ ବୈପାରୀଗୁଡା ସାମାଜିକକର୍ମୀ ତଥା ଶିକ୍ଷାବିତ ସୁନୀଲ କୁମାର ମିଶ୍ର ବୃତ୍ତିମୂଳକ ଉପଦେଶ ଦେଇଥିଲେ। କୋଟସର ଅତିଥି ଅଧ୍ୟାପକ ରାଜେନ୍ଦ୍ର ପାଢୀ ଲିଙ୍ଗଗତ ବୈଷମ୍ୟତା ଓ କୁନ୍ଦୁରା ଅଗ୍ନିଶମ ବିଭାଗ ପ୍ରାକୃତିକ ଦୁର୍ବିପାକରୁ ରକ୍ଷା ପାଇବା ଉପାୟ ବୁଝାଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଜିତା କୁମାରୀ ପଣ୍ଡା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଏନ୍‌ଏସ୍‌ଏସ୍ ଅଧିକାରୀ ଓ ସ୍ୱେଚ୍ଛାସେବୀମାନେ।

# ପାହାଡ଼କୁ ଜୈବିକ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରିବା ଦାବି

## ବାଲଡ଼ା ନାଗେଶ୍ୱରି ପାହାଡ ଉପରେ ଏକତ୍ର ହେଲେ ଶତାଧିକ ଗ୍ରାମବାସୀ, ସୁରକ୍ଷା ସମିତି ସଦସ୍ୟ

**ନନ୍ଦପୁର,୨୮।୯(ତୁଷାର କାନ୍ତ ମହାନ୍ତି)**


ନାଗେଶ୍ୱରୀ ପାହାଡ଼ ଉପରେ ବୈଠକ କରାଯାଉଛି।୦

କୋରାପୁଟ ଜିଲା ନନ୍ଦପୁର ବ୍ଲକର ଜୈବିକ ପର୍ଯ୍ୟଟନସ୍ଥଳୀ ବାଲଡ଼ା ନାଗେଶ୍ୱରୀ ଗୁମ୍ଫା ଓ ପାହାଡ଼କୁ ଖଣିଖଦାନ ମାନ୍ୟତା ଦେବା ନେଇ ଅସନ୍ତୋଷ ବୃଦ୍ଧି ପାଇଛି। ଏ ନେଇ ନାଗେଶ୍ୱରୀ ପାହାଡ ଉପରେ ରାଜ୍ୟର ବିଭିନ୍ନ ଜିଲାର ବିବାଦୀୟ ପାହାଡ ସୁରକ୍ଷା ସମିତିର ସଦସ୍ୟ, ଅବିଭକ୍ତ କୋରାପୁଟ ଜିଲାର ୟୁଟ୍ୟୁବର, ପାରିପାର୍ଶ୍ୱିକ ଗ୍ରାମବାସୀ ଏକତ୍ର ହୋଇ ରବିବାର ବୈଠକ ଆୟୋଜନ କରିଥିଲେ। ଏଥିପାଇଁ ପ୍ରଶାସନ ନିକଟରେ କୌଣସି ଆବେଦନ ହୋଇନଥିଲା। ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇ ନ ଥିଲେ ମଧ୍ୟ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ, ଗ୍ରାମବାସୀ ମିଳିତ ହୋଇ ପାହାଡ଼କୁ ଖଣି ଖାଦାନ ମାନ୍ୟତା ବଦଳରେ ଜୈବିକ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରିବାକୁ ମତପ୍ରକାଶ କରିଥିଲେ। ବୈଠକରେ ଚାଷୀ ମୂଲିଆ ଆଦିବାସୀ ସଂଘ ସଭାପତି ନାଚିକା ଲିଙ୍ଗା, ନିୟମଗିରି ସୁରକ୍ଷା ସମିତି ସଭାପତି କୃଷ୍ଣ ହିକକା, କୋଡ଼ିଙ୍ଗା ମାଳି ସୁରକ୍ଷା ସମିତି ସଭାପତି ବିଜୟ ଖିଲ, ମାଲକାନଗିରିରୁ ବୁଲି ମୁଦୁଲି ଓ ରମେଶ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ୟୁଟ୍ୟୁବରମାନଙ୍କୁ ପାହାଡ଼ ଓ ଗୁମ୍ଫାର ସୌନ୍ଦର୍ଯ୍ୟ ସହ ସ୍ଥାନୀୟ ଲୋକଙ୍କ ମତ, ପାହାଡ଼ ଉପରେ ସରକାରଙ୍କ ଦୃଷ୍ଟିକୋଣ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରଚାର କରିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ପାହାଡ଼ ସୁରକ୍ଷା ସମିତିର ଅଜୟ ମୁଦୁଲି, ବିଜୟ ମୁଦୁଲି, ଲକ୍ଷ୍ମୀ, ଲବ ଖିଲ ଜଗନ୍ନାଥ ପେଟିଆ ପ୍ରମୁଖ ବୈଠକ ପରିଚାଳନା କରିଥିଲେ। ଜିଲା ପ୍ରଶାସନ ଓ ପୋଲିସ ବୈଠକ ଉପରେ କଡ଼ା ନଜର ରଖିଥିଲା। ପ୍ରଶାସନ ପକ୍ଷରୁ ଖଣି ସ୍ୱାଧିକାରୀଙ୍କୁ ପାରିପାର୍ଶିକ ଉନ୍ନୟନ କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ଲୋକେ ସହଯୋଗ ନ କରି ଏଭଳି ଆଲୋଚନା ସମାଲୋଚନା ଓ ବିରୋଧ ପ୍ରଦର୍ଶନ କରୁଛନ୍ତି। ଏଭଳି କାର୍ଯ୍ୟ ବଦଳରେ ଲୋକେ ଏକ ନିର୍ଦ୍ଦିଷ୍ଟ ଫୋରମ୍‌କୁ ଆସି ନାଗେଶ୍ୱରୀ ପାହାଡ଼ର ବିକାଶ, ଅଞ୍ଚଳବାସୀଙ୍କ ସମସ୍ୟା, ସମାଧାନ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ଖଣି ସ୍ୱାଧିକାରୀଙ୍କ ସହ ଆଲୋଚନା କରନ୍ତୁ ବୋଲି କୁହାଯାଇଛି।

# ୯ ଦିନ ଧରି ବିଭିନ୍ନ ରୂପରେ ପୂଜା ପାଉଛନ୍ତି ମା’ ଭଣ୍ଡାରଘରଣୀ

**ନବରଙ୍ଗପୁର,୨୮।୯(ସଦାଶିବ ପ୍ରହରାଜ)**

ନବରଙ୍ଗପୁରର ଅଧିଷ୍ଠାତ୍ରୀ ଦେବୀ ମା’ ଭଣ୍ଡାରଘରଣୀଙ୍କ ନବରାତ୍ର ପୂଜା ଗତ ସୋମବାରଠୁ ଆରମ୍ଭ ହୋଇଛି । ଏଠାରେ ୯ ଦିନ ଧରି ବିଭିନ୍ନ ରୂପରେ ପୂଜା ପାଉଛନ୍ତି ମା’ । ପ୍ରଥମ ଦିନରେ ମା’ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ, ସିଦ୍ଧିଦାତ୍ରୀ ତଥା ବିଜୟାଦଶମୀ ରୂପେ ପୂଜା ପାଇଥାନ୍ତି। ଏ ନେଇ ମନ୍ଦିର ପ୍ରାଙ୍ଗଣ ସହ ମୁଖ୍ୟ ରାସ୍ତାକୁ ସୁନ୍ଦର ଆଲୋକମାଳାରେ ସୁସଜ୍ଜିତ କରାଯିବା ସହ ମନ୍ଦିରରେ ପାଟଖଣ୍ଡାକୁ ମା’ଙ୍କ ନିକଟରେ ଅବସ୍ଥାପିତ କରାଯାଇଛି। ପାଟଖଣ୍ଡାକୁ ପୂଜା ପରେ ନବରାତ୍ର ପୂଜା ଆରମ୍ଭ ହୋଇଥିଲା। ନଅ ଦିନ ପୂଜା ସମୟରେ ମା’ଙ୍କୁ ବିଭିନ୍ନ ପ୍ରକାରେ ପୂଜା କରାଯାଇଥାଏ । ସେଥିମଧ୍ୟରୁ ସନ୍ଧ୍ୟା ପୂଜା ଓ ଚଣ୍ଡୀପାଠ ଅନ୍ୟତମ ବୋଲି ମନ୍ଦିର ପୂଜକ କହିଛନ୍ତି । ଏହାସହ ଅନ୍ୟ ଏକ ବିଶେଷତ୍ୱ ହେଉଛି ପ୍ରତ୍ୟେକ ଦିନ ମା’ ପଶ୍ଚିମାଭିମୁଖୀ ହୋଇ ପୂଜା ପାଉଥିବାବେଳେ ଏହି ନବଦିନାତ୍ମକ ପୂଜା ସମୟରେ ମା’ ପୂର୍ବାଭିମୁଖୀ ହୋଇ ପୂଜା ପାଇଥାନ୍ତି । ଏହି ଅବସରରେ ଚଳିତ ବର୍ଷ ଶ୍ରଦ୍ଧାଳୁମାନେ ମା’ ଙ୍କ ନିକଟରେ ୧୦୧୬ ଦୀପଦାନ କରି ମନସ୍କାମନା ପୂରଣ ସକାଶେ ପୂଜା କରୁଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ଦୀପ ଦର୍ଶନ କରିବା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି । ଜିଲା ତଥା ଜିଲା ବାହାର ଓ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ରୁ ଭକ୍ତମାନେ ଆସି ପୂଜା କରି ମା’ଙ୍କ ଆଶୀର୍ବାଦ ନେଉଥିବା ଦେଖିବାକୁ ମିଳିଛି। ମନ୍ଦିରରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ସେହିପରି ମାନସିକଧାରୀମାନେ ୯ ଦିନ ଧରି ରୀତିନୀତିରେ ପୂଜାର୍ଚ୍ଚନା କରି ଉପବାସ କରୁଥିବା ଦେଖିବାକୁ ମିଳୁଛି। ମନ୍ଦିର କମିଟି ତରଫରୁ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି ।

ନବରଙ୍ଗପୁର ତାଲୁକା ପ୍ରଥମେ


ମା’ ଭଣ୍ଡାରଘରଣୀଙ୍କ ମନ୍ଦିରକୁ ଫୁଲ ଏବଂ ଆଲୋକମାଳାରେ ସଜ୍ଜିତ କରାଯାଇଛି।

## ମା’ ଭଣ୍ଡାରଘରଣୀ ପୀଠରେ ଚାଲିଛି ନବରାତ୍ର ପୂଜା

ଜଗନ୍ନାଥପୁର ଶାସନ ରହିଥିଲା । ରାଜା ନବରଙ୍ଗପୁର ତାଲିକା ସ୍ଥାନାନ୍ତରିତ କରିବା ପରେ ଭଣ୍ଡାର ଘରେ ପୂଜା ପାଉଥିବା ଭଣ୍ଡାର ଘରଣୀଙ୍କୁ ସାର୍ବଜାନୀନ କରି ରାଜାଙ୍କ କଚେରି ବର୍ତ୍ତମାନର ଉପ ଜଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାପନ କଲେ । ସେହିଦିନଠାରୁ ମା’ ଭଣ୍ଡାର ଘରଣୀ ସର୍ବଜନୀନ ପୂଜା ପାଇ ଆସୁଛନ୍ତି । ରାଜାଙ୍କ ଭଣ୍ଡାର ଘରେ ପୂଜା ପାଉଥିବା ଭଣ୍ଡାରଘରଣୀ ପ୍ରକୃତରେ ବନ ଦୁର୍ଗା ବୋଲି ଜନଶ୍ରୁତି କହେ । ରାଜା ଜଙ୍ଗଲ ଦେଇ ଫେରିବା ସମୟରେ ଦେବୀ ବନ ଦୁର୍ଗା ରାଜାଙ୍କ ସହିତ ଭଣ୍ଡାର ଘର ଭିତରେ ପ୍ରବେଶ କରିଥିଲେ । ଏବେ ବି ଜଗନ୍ନାଥପୁରଠାରେ ମା’ ଭଣ୍ଡାରଘରଣୀଙ୍କ ପୂଜାର୍ଚ୍ଚନା କରାଯାଉଛି । କେଉଟ ସମ୍ପ୍ରଦାୟ ପୂଜକ ରହିଥିବା ବେଳେ ନବରାତ୍ର ସମୟରେ ରାଜ ନରସିଂହ ତ୍ରିପାଠୀ ଓ ପୁରୋହିତମାନେ ପୂଜାର୍ଚ୍ଚନା କରି ଆସୁଛନ୍ତି।

# ପୂଜା ମଣ୍ଡପକୁ ଆର୍ଥିକ ସହାୟତା କଲା କିନ୍ନର ସଂଘ


କିନ୍ନରମାନେ ବସଷ୍ଟାଣ୍ଡ ସାର୍ବଜନୀନ ପୂଜା କମିଟିକୁ ସହାୟତା ଦେଉଛନ୍ତି ।

**ପାପଡାହାଣ୍ଡି,୨୮।୯ (ସ୍ୱପ୍ନଜିତ ପଟ୍ଟନାୟକ)**

ବର୍ତ୍ତମାନ ଦୁର୍ଗାପୂଜା ଆରମ୍ଭ ହୋଇଥିବାବେଳେ ପାପଡାହାଣ୍ଡିର ୨ଟି ପୂଜା ମଣ୍ଡପକୁ ଆର୍ଥିକ ସହାୟତା କଲା ନବରଙ୍ଗପୁର ଜିଲା କିନ୍ନର ସଂଘ । ରବିବାର ସଂଘ ସଭାପତି କାଜଲ ଚୁମକିଙ୍କ ସହ ଅନ୍ୟ ସଭ୍ୟମାନେ ବସ୍‌ଷ୍ଟାଣ୍ଡ ସାର୍ଜଜନୀନ ପୂଜା କମିଟି ସଭାପତି ବି ଜଗନ ମୋହନ ରାଓ ଓ ଶ୍ରୀଶ୍ରୀଶ୍ରୀ ଦୁର୍ଗାପୂଜା କମିଟି ସଭାପତି ଜି ଅନନ୍ତ ମୂର୍ତ୍ତିଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ସମୟରେ ବ୍ଲକ ଉପାଧକ୍ଷ ତଥା ସଂଘ ଉପଦେଷ୍ଟା ସୁଶାନ୍ତ କୁମାର ବେହେରା, ସଂଘର ପ୍ରୀତି, ସୃତି, ଅନିତା, ରସା, ବୈଦି, ଶିବାନୀ, କବିତା, ଇପ୍ସିତା, ତୁଳସୀ, ରାଧା ପ୍ରମୁଖ ଉପସ୍ଥିତ ଥିଲେ।

# ମାଲକାନଗିରି ଜିଲାରେ ଲଘୁଚାପ ପ୍ରଭାବ ଶୂନ୍ୟ

**ମାଲକାନଗିରି,୨୮।୯(ଦୁର୍ଯ୍ୟୋଧନ ପାତ୍ର)**

ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବ ଆକଳନ ଅନୁଯାୟୀ ରାଜ୍ୟର ବିଭିନ୍ନ ଜିଲାରେ ଲଘୁଚାପ ଜନିତ ପ୍ରଭାବ ପଡିବ ବୋଲି ହାଇଆଲର୍ଟ ଜାରି କରାଯାଇଥିଲା । ମାଲକାନଗିରି ଜିଲାକୁ ରେଡ ଆଲର୍ଟ ଜାରି କରାଯାଇଥିଲା। ୨୬ ଓ ୨୭ ତାରିଖ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବିଜୁଳି, ଘଡଘଡି, ପବନ ସହ ଭୁସ୍ଖଳନ ହେବ ବୋଲି ସତର୍କ ସୂଚନା ଦିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରିଥିଲେ। ସମସ୍ତ ସରକାରୀ ବେସରକାରୀ ବିଦ୍ୟାଳୟ ମଧ୍ୟ ୨ଦିନ ଛୁଟି ଘୋଷଣା କରିଥିଲେ। କିନ୍ତୁ ଏହି ୨ ଦିନ ଜିଲାରେ ଲଘୁଚାପ ଜନିତ ବର୍ଷାର ପ୍ରଭାବ ପଡି ନ ଥିବା ସୂଚନା ମିଳିଛି। ଏଥିପାଇଁ ଜିଲା ପ୍ରଶାସନ ସଜାଗ ଥିଲା । ଅଗ୍ନିଶମ ବିଭାଗ ଏବଂ ଓଡ୍ରାଫ ଟିମ୍‌କୁ ନୌକା, ଅସ୍ଥାୟୀ ଆଶ୍ରୟସ୍ଥଳୀ, ଶୁଖିଲା ଖାଦ୍ୟ ବ୍ୟବସ୍ଥା ଆଦି କରାଯାଇଥିଲା । କିନ୍ତୁ ଏହି ଦୁଇଦିନ ଜିଲାର କେତେକ ସ୍ଥାନରେ ସାମାନ୍ୟ ବର୍ଷା ହୋଇଥିଲା। ପୂର୍ବରୁ ଅଦିନିଆ ବର୍ଷାରେ ଜିଲାରେ ୩୨୬ ନଂ ଜାତୀୟ ରାଜପଥରେ ୯ ନଦୀ ଓ ନାଳ ଉପର ପୋଲରେ ବର୍ଷା ଜଳ ପ୍ରବାହିତ ହୋଇ ଯାତାୟାତ ଠପ୍ ହୋଇଥିଲା। ସତର୍କ ସୂଚନା ଜିଲାବାସୀଙ୍କୁ ଭୟଭିତ କରିଥିବା ବେଳେ ଲଘୁଚାପର ପ୍ରଭାବ ନ ପଡିବାରୁ ସେମାନେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

# ଉମରକୋଟର ରଶ୍ମି ରଞ୍ଜନ ପାଇଲେ ଓଏଏସ୍


ରଶ୍ମି ରଞ୍ଜନ ପୂଜାରୀ।

**ଉମରକୋଟ,୨୮।୯ (ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟସ୍ଥ ଖାଣ୍ଡା ଗ୍ରାମର ରଶ୍ମି ରଞ୍ଜନ ପୁଜାରୀ (୨୪) ପ୍ରଥମ ଚେଷ୍ଟାରେ ଓଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସମଗ୍ର ଉମରକୋଟ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ରଶ୍ମି ୩୭୦ ର୍ୟାଙ୍କ ରଖି ଓଡ଼ିଶା ପ୍ରଶାସନିକ ପରୀକ୍ଷାରେ ସଫଳ ହୋଇଛନ୍ତି। ରଶ୍ମି ପିଲାଦିନରୁ ଜଣେ ମେଧାବୀ ଛାତ୍ର ଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଉମରକୋଟ ଶିଶୁ ମନ୍ଦିରରେ ପାଠ ପଢୁଥିବାବେଳେ ନବମ ଓ ଦଶମ ଶ୍ରେଣୀ ଅଧିକାରୀଗୁଡା ପଞ୍ଚାୟତ ହାଇସ୍କୁଲରେ ପଢୁଥିଲେ। ରଶ୍ମି ଯୁକ୍ତ ଦୁଇ କଟକ କେଶବ ଧାମ ଗତି ରାଉତ ଶିଶୁ ମନ୍ଦିରରେ ପାଠ ପଢ଼ି ଭୁବନେଶ୍ୱର କୃଷି ବିଶ୍ୱ ବିଦ୍ୟାଳୟରେ ଜଙ୍ଗଲ ବିଭାଗରେ ଗ୍ରାଜୁଏସନକରିଥିଲେ। ଏବେ ସେ ପ୍ରାକୃତିକ ସମ୍ବଳ ପରିଚାଳନାରେ ପିଜିରେ ଶେଷ ବର୍ଷର ଛାତ୍ର। ତାଙ୍କ ବାପା ଜଳଧର ପୁଜାରୀ ଖାଣ୍ଡା ବ୍ରାଞ୍ଚ ପୋଷ୍ଟ ଅଫିସ୍‌ରେ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟରତ ଥିବାବେଳେ ମା’ କୁନ୍ତୀ ପୁଜାରୀ କୁମିବେଡା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ। ରଶ୍ମିଙ୍କ ୩ ଭଉଣୀ ଅଛନ୍ତି। ସମାଜରେ ଦୁର୍ନୀତିକୁ ରୋକିବା, ଆଦିବାସୀଙ୍କ ବିକାଶ ଓ ସମାଜର ସବୁ ଧାରାରେ ଆଦିବାସୀ ଓ ନିଷ୍ପେସିତ ବ୍ୟକ୍ତିମାନେ ଯେପରି ଅଂଶ ଗ୍ରହଣ କରିବେ ସେ ଦିଗରେ କାର୍ଯ୍ୟ କରିବେ ବୋଲି ରଶ୍ମି କହିଛନ୍ତି।

# ଦୁର୍ଗା ପୂଜା ପାଇଁ ଗଙ୍ଗା ଆବାହନ, ବିଲ୍ୱବରଣ


କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

**ଡାବୁଗାଁ, ୨୮।୯ (ପ୍ରଜ୍ଞାରଞ୍ଜନ ପରିଡା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଦୁର୍ଗା ମଣ୍ଡପଠାରେ ରବିବାର ମା’ ଦୁର୍ଗାଙ୍କ ଷଷ୍ଠୀ ପୂଜା ଅନୁଷ୍ଠିତ ହୋଇଛି। ରବିବାର ଅପରାହ୍ନରେ ମା’ ଠାକୁରାଣୀ ମନ୍ଦିର ପୁଷ୍କରିଣୀରେ ଜଳାଧିବାସ ସହ ଗଙ୍ଗା ଆବାହନ କରାଯାଇ ବିଶ୍ୱବରଣ କରାଯାଇଥିଲା । ଏହି କଳସ ଯାତ୍ରାରେ ଗ୍ରାମର ବହୁ ସଂଖ୍ୟକ ବାଳିକା ଓ ମହିଳାମାନେ କଳସ ମୁଣ୍ଡାଇ ବାଜା ବଜାଇ ବାଣ ଫୁଟାଇ ଶାଭାଯାତ୍ରାରେ ମା’ଙ୍କ କଳସ ଆଣି ମଣ୍ଡପରେ ସ୍ଥାପିତ କରିଥିଲେ। ରାତିରେ ଷଷ୍ଠୀ ପୂଜା କରାଯାଇଥିଲା। ସୋମବାର ଚକ୍ଷୁଦାନ କରିବା ସହ ମା’ଙ୍କୁ ଆବାହନ କରାଯାଇ ସପ୍ତମୀ ପୂଜା କରାଯିବ। ଏଥିରେ ମୁଖ୍ୟ ପୂଜକ ଶିବ ପ୍ରସାଦ ପଣ୍ଡାଙ୍କ ସହ ଅନ୍ୟମାନେ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଅନ୍ୟ ପୂଜକମାନେ ପୂଜାରେ ସହାୟତା କରୁଛନ୍ତି। ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସୁଛି ଡାବୁଗାଁ ସହର । ଏଥିରେ ପୂଜା କମିଟି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଉପସଭାପତି ଦିବ୍ୟରଞ୍ଜନ ରାୟପାତ୍ର, ସମ୍ପାଦକ ସନ୍ତୋଷ ରାୟପାତ୍ର, ସହ ସମ୍ପାଦକ ଶୁଭଜିତ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଭଗବାନ ପାତ୍ର ଓ ସୁରେଶ ଚନ୍ଦ୍ର ବେହେରା, ଭଦ୍ରବ୍ୟକ୍ତି ଜି. ସାଇ ରାଜୁ, ପ୍ରକାଶ ଚନ୍ଦ୍ର ପଣ୍ଡା, ଜି. ସତ୍ୟା ରାଓ, ଜଗନ୍ନାଥ ବିଶୋଇ, ଜି. ପ୍ରକାଶ ରାଓ, ବବଲୁ ତ୍ରିପାଠୀ, ଆର. ଶଙ୍କର ରାଓ, ସୌଭାଗ୍ୟ ବିଶାଳ, ଏମ. ବାସୀ ରାଓ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଜିଲାସ୍ତରୀୟ ଖେଳାଳି ଚୟନ ଶିବିର

**କୋରାପୁଟ,୨୮।୯(ଅମିତାଭ ବେହେରା)**

କୋରାପୁଟ ଷ୍ଟାଡ଼ିୟମରେ ବିଭିନ୍ନ କ୍ରୀଡ଼ାରେ ଖେଳାଳି ଚୟନ ନେଇ ଜିଲାସ୍ତରୀୟ ଖେଳାଳି ଚୟନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ ତଥା ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଓ ଲଲାଟେନ୍ଦୁ ପୂଜାରୀ ପ୍ରମୁଖ ଯୋଗଦେଇଥିଲେ। ବ୍ୟାଡମିଣ୍ଟନ, ଯୋଗ ଆଦି ବିଭିନ୍ନ ପ୍ରତିଯୋଗିତା ପାଇଁ ମହିଳା ଓ ପୁରୁଷ ଖେଳାଳି ଚୟନ କରାଯାଇଛି। ଆସନ୍ତା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସେମାନେ ଅଂଶ ଗ୍ରହଣ କରିବେ। ଶିବିରକୁ କୋଚ କୁମାର ମାଡ଼ଙ୍ଗୀ ଓ ପି. ରାଜେଶ୍ୱରୀ ପ୍ରମୁଖ ପରିଚାଳନା କରିଥିଲେ।



ଶିବିରରେ ଉପସ୍ଥିତ ଜିଲା ଶିକ୍ଷାଧିକାରୀ, କ୍ରୀଡ଼ା ଅଧିକାରୀ ଓ ପ୍ରତିଯୋଗୀମାନେ।

# କୋରାପୁଟ ଅମଲା ସଂଘ ଜିଲା ସଭାପତି ସମ୍ବର୍ଦ୍ଧିତ

**ଜୟପୁର,୨୮।୯(ପବନ ପାଣିଗ୍ରାହୀ)**

ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ୩୩ ତମ ବାର୍ଷିକ ଉତ୍ସବ ଓ ସମ୍ବିଧାନିକ ସମ୍ମିଳନୀ ବ୍ରହ୍ମପୁର ଗେଟ୍ ବଜାରସ୍ଥିତ ଏନ୍‌ଜିଓ ହଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା ସଭାପତି ତଥା ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ରାଜ୍ୟ ସଭାପତି ଶଶୀଭୂଷଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ରାଜ୍ୟ ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ,ମୁଖ୍ୟ ବକ୍ତା ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ନଳିନୀ କାନ୍ତ ଓଝା, ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖାର ପୂର୍ବତନ ସଭାପତି ଏ. ସନ୍ନ୍ୟାସୀ ରାଓ, ପୂର୍ବତନ ସମ୍ପାଦକ ଲକ୍ଷଣ ମଲ୍ଲିକ, କାର୍ଯ୍ୟକାରୀ ସଭାପତି ପର୍ଶୁରାମ ପାତ୍ର ଯୋଗଦେଇଥିଲେ। କେ.ଗୁନା ଦୋରା ବୈଠକରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଦୟାନିଧି ପାଢ଼ୀ ବିବରଣୀ ପାଠ କରିଥିଲେ। କର୍ମଚାରୀମାନଙ୍କର ବିଭିନ୍ନ ନ୍ୟାର୍ଯ୍ୟ ଦାବି ନେଇ ଆଲୋଚନା ହୋଇଥିଲା। ଜିଲା ସଭାପତି ଦାଶ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିଙ୍କ ଦୃଷ୍ଟି ଆକର୍ଷଣ କରି ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରିଥିଲେ। ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖାର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ରାଜ୍ୟ ସଂଘ ଉକ୍ତ ତାଲିକାକୁ ଅନୁମୋଦନ କରିଥିଲେ।



ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଦଶାହ କାର୍ଯ୍ୟରେ ଯୋଗଦେଇ ଫେରିବାବେଳେ ଦୁର୍ଘଟଣା, ୪ ଗୁରୁତର

**ପାପଡାହାଣ୍ଡି, ୨୮।୯ (ସ୍ୱପ୍ନଜିତ ପଟ୍ଟନାୟକ)**

ନିଜ ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ ଯୋଗଦେଇ ଅଟୋ ଯୋଗେ ନିଜ ଗ୍ରାମକୁ ଫେରିବା ସମୟରେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୋକିଆ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ରବିବାର ରାତିରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟିପଡ଼ି ଥିଲା। ଏହି ଦୁର୍ଘଟଣାରେ ୪ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

ସୂଚନା ଅନୁଯାୟୀ, ପାପଡାହାଣ୍ଡି ବ୍ଲକ କଣ୍ଟାମାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡୁମଣିଗୁଡା ଗ୍ରାମର ଜେମାମଣି ଯାନୀ, ତୁଳ ଯାନୀ, ହର ଯାନୀ, ପାର୍ବତୀ ଯାନୀ ଏକ ଅଟୋ ଯୋଗେ ନିଜ ସମ୍ପର୍କୀୟଙ୍କ ଘର କୋଷାଗୁମଡା ବ୍ଲକ ଅନ୍ତର୍ଗତ ମାଲେକୋଟ ଗ୍ରାମକୁ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଯାଇଥିଲେ। କାମ ସାରି ଅଟୋ ଯୋଗେ ଘରକୁ ଫେରିବା ସମୟରେ ମୋକିଆ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲ। ଗ୍ରାମବାସୀ ସମସ୍ତ ୪ ଜଣଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଖବରପାଇ ପାପଡାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଜାଲ ସ୍ଥାୟୀ ପ୍ରମାଣପତ୍ର କରିଥିବା ୨ ବାଂଲାଦେଶୀ ଗିରଫ

**ମାଲକାନଗିରି,୨୮।୯(ଦୁର୍ଯ୍ୟୋଧନ ପାତ୍ର)**

ଦେଶରୁ ଅନୁପ୍ରବେଶକାରୀଙ୍କୁ ବିତାଡିତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପକ୍ଷରୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆସାମ, ମଣିପୁର, ତ୍ରିପୁରା ଏବଂ ଓଡ଼ିଶାରେ ମଧ୍ୟ ଏହି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇ ନ ଥିବାରୁ ରାଜ୍ୟବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଉଛି। ସୀମାନ୍ତ ଛତିଶଗଡ ସରକାର ଏହି ଅନୁପ୍ରବେଶକାରୀ ବାଂଲାଦେଶୀଙ୍କୁ ଚିହ୍ନଟ କରି ଗିରଫ କରିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ସୀମାନ୍ତ ଛତିଶଗଡ କାଙ୍କେର ଜିଲା ପଖାର ସଦର ଥାନା ପିବି ୧୨୭ ଅନୁପପୁର, ପଖାରରେ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଜଣେ ବାଂଲାଦେଶୀ ପ୍ରଶାନ୍ତ ବୈରାଗୀ ଭିଜା କାର୍ଡ ଅନୁମତି ଆଧାରରେ ଆସି ଆଉ ବାଂଲାଦେଶ ଫେରି ନ ଥିଲେ। ଭିଜା କାର୍ଡର ସମୟସୀମା ସମାପ୍ତ ହୋଇଥିଲେ ସୁଦ୍ଧା ସେ ମିଥ୍ୟା ତଥ୍ୟ ଦେଇ ସ୍ଥାୟୀ ବାସିନ୍ଦା, ଜାତିଗତ ପ୍ରମାଣ ପତ୍ର ଆଦି ପ୍ରସ୍ତୁତ କରି ପରିବାର ସହ ରହି ଆସୁଥିଲେ। ସେ ତାଙ୍କ ପୁଅ ସୁକୃତି ବୈରାଗୀଙ୍କ ନାଁରେ ମିଥ୍ୟା ତଥ୍ୟ ପ୍ରଦାନ କରି ସ୍ଥାୟୀ ପ୍ରମାଣପତ୍ର ହାତେଇଥିବା ଅଭିଯୋଗ ହୋଇଛି। ପଖାର ତହସିଲଦାର ଯାଞ୍ଚ କରିବା ସମୟରେ ଏହି ୨ଜଣ ଜାଲ ତଥ୍ୟ ଦେଇ ପ୍ରମାଣପତ୍ର ହାସଲ କରିଥିବା ଜାଣିବାକୁ ପାଇ ପୋଲିସକୁ ସୂଚନା ଦେଇଥିଲେ। ତହସଲିଦାରଙ୍କ ଅଭିଯୋଗ କ୍ରମେ ପଖାର ପୋଲିସ ୨ ଅନୁପ୍ରବେଶକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ୨ ବାଂଲାଦେଶୀଙ୍କ ପ୍ରକୃତ ବାସସ୍ଥାନ ବାଂଲାଦେଶର ଖୁଲନା ଜିଲା ବୋଟିୟାଗାଟ ଥାନା ଔଷଖଲି ଗ୍ରାମରେ ବୋଲି ତଦନ୍ତରୁ ଜଣାପଡିଛି। କାଙ୍କେଲ ଜିଲା ଆଦିବାସୀ ସମାଜ ସଂଘର ସଭାପତି କନ୍ହେୟା ଉସେଣ୍ଡି ପ୍ରକାଶ କରିଛନ୍ତି ଯେ, ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶରୁ ବିତାଡିତ କରିବା ପାଇଁ ସରକାରଙ୍କୁ ଅବଗତ ଓ ସ୍ୱର ଉତ୍ତୋଳନ କରୁଥିଲୁ। ଏହି ୨ ଅନୁପ୍ରବେଶକାରୀଙ୍କୁ ଜାଲ ପ୍ରମାଣପତ୍ର କରିବାରେ ସହୟତା କରିଥିବା ଅଧିକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି। ସୀମାନ୍ତ ଛତିଶଗଡ଼ରେ ଅନୁପ୍ରବେଶକାରୀ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବା ପରେ ମାଲାକାନଗିରି ଜିଲାରେ ମଧ୍ୟ ଏହା ଆରମ୍ଭ ହେବ ବୋଲି କୁହାଯାଉଛି।


ଗିରଫ ୨ ବାଂଲାଦେଶୀ ।

# ଆକର୍ଷଣ ସାଜିଛି ପୁରୀ ଜଗନ୍ନାଥ ମନ୍ଦିର, ପ୍ରେମ ମନ୍ଦିର ତୋରଣ

**ପାପଡାହାଣ୍ଡି,୨୮।୯ (ସ୍ୱପ୍ନଜିତ ପଟ୍ଟନାୟକ)**

ଦଶହରା ପାଇଁ ଚଳଚଞ୍ଚଳ ହୋଇଉଠିଛି ନବରଙ୍ଗପୁର ଜିଲା ପାପଡାହାଣ୍ଡି ସହର। ପ୍ରତିବର୍ଷ ଭଳି ଦୁଇଟି ମଣ୍ଡପରେ ପୂଜାପାଇଁ ଆୟୋଜନ ଜୋର୍ ଧରିଛି। ବସଷ୍ଟାଣ୍ଡ ସାର୍ଜନୀନ ପୂଜା କମିଟି ପକ୍ଷରୁ ପୁରୀ ଜଗନ୍ନାଥ ଧାମ ମନ୍ଦିର ଢାଞ୍ଚାରେ ତୋରଣ ଓ ଶ୍ରୀଶ୍ରୀଶ୍ରୀ ଦୁର୍ଗାପୂଜା କମିଟିରେ ଉତ୍ତରପ୍ରଦେଶ ପ୍ରେମ ମନ୍ଦିର ଢ଼ାଞ୍ଚାରେ ନିର୍ମିତ ତୋରଣ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଛି। ଚଳିତବର୍ଷ ଦୁଇଟି ସ୍ଥାନରେ ରାବଣପୋଡ଼ି ପାଇଁ ପ୍ରସ୍ତୁତି ଚାଲିଛି। ଜଗନ୍ନାଥ ମନ୍ଦିର ଢାଞ୍ଚାରେ ନିର୍ମିତ ତୋରଣର ଉଚ୍ଚତା ୮୦ ଫୁଟ ଓ ଓସାର ୪୫ ଫୁଟ ରହିଛି। କୋଲକାତାରୁ କାରିଗର ଆସି ୬୦ଦିନ ପରିଶ୍ରମ କରି ଏହାକୁ ପ୍ରସ୍ତୁତ କରିଛନ୍ତି। ଆଲୋକମାଳା ସୁସଜ୍ଜିତ କରିବାକୁ କୋଲକାତାରୁ କାରିଗର ଆସିଛନ୍ତି। ଦେବୀଙ୍କ ମୂର୍ତ୍ତି ନିର୍ମାଣ ପାଇଁ କେନ୍ଦ୍ରାପଡ଼ାର କମଳାକାନ୍ତଙ୍କ ଟିମ୍ ଆସିଛନ୍ତି। ମୂର୍ତ୍ତି ଉଚ୍ଚତା ୧୫ଫୁଟ ରହିଛି। ଷଷ୍ଠୀ ରାତିରେ ବେଲ୍ଲବରଣ ସହ ସପ୍ତମୀଠାରୁ ମଣ୍ଡପରେ ଦେବୀଙ୍କ ପୂଜା ଆରମ୍ଭ ହୋଇଛି । ମନୋରଞ୍ଜନ ପାଇଁ ନବମୀ ରାତ୍ରିରେ ମେଲୋଡି କାର୍ଯ୍ୟକ୍ରମ ଓ ଦଶମୀରେ ଆଦିବାସୀ ନାଟକ ପରିବେଷଣ କରାଯିବ ବୋଲି ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ବି. ଜଗନ ମୋହନ ରାଓ କହିଛନ୍ତି। ସେହିପରି ଶ୍ରୀଶ୍ରୀଶ୍ରୀ ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମିତ ପ୍ରେମ ମନ୍ଦିର ତୋରଣର ଉଚ୍ଚତା ୮୫ ଫୁଟ ଓ ଓସାର ୭୦ଫୁଟ ରହିଛି। ଏଠାରେ ମଧ୍ୟ କୋଲକାତା କାରିଗର କାମ କରୁଛନ୍ତି। ତୋରଣ ସାଜସଜ୍ଜା ପାଇଁ ପୁରୀର କଳା ଶିକ୍ଷକ ରହିଛନ୍ତି । ନବରଙ୍ଗପୁର ଜିଲା ପିଲାକା ଗାଁର କାରିଗର ଏଠାରେ ମୂର୍ତ୍ତି ନିର୍ମାଣ କରିଛନ୍ତି। ନବମୀରେ ମେଲୋଡି, ଦଶମୀରେ ଆଦିବାସୀ ନାଟକ କରାଯିବ ବୋଲି କମିଟି ସଭାପତି ଜି. ଅନନ୍ତମୂର୍ତ୍ତି କହିଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ଅବିଭକ୍ତ କୋରାପୁଟ ଜିଲ୍ଲା ସହ କଳାହାଣ୍ଡି ଓ ଛତିଶଗଡ ଅଞ୍ଚଳର ଦର୍ଶକଙ୍କ ଭିଡ ଲାଗିବା ସମ୍ଭାବନା ରହିଛି। ମୀନାବଜାର ଆୟୋଜନ ହୋଇଛି। ସାର୍ବଜନୀନ ପୂଜା କମିଟିର ୧୯ ବର୍ଷ ଓ ଶ୍ରୀଶ୍ରୀଶ୍ରୀ ଦୁର୍ଗାପୂଜା କମିଟିର ୨୬ ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ବସଷ୍ଟାଣ୍ଡ ଛକରୁ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଉଠା ଦୋକାନୀଙ୍କ ପସରା ବସିଛି ।



ପୁରୀ ଜଗନ୍ନାଥ ମନ୍ଦିର ଓ ଉତ୍ତରପ୍ରଦେଶ ପ୍ରେମ ମନ୍ଦିର ଢ଼ାଞ୍ଚାରେ ନିର୍ମିତ ତୋରଣ ।

# ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘର ତ୍ରୈବାର୍ଷିକ ସମାରୋହ

ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘର ଦ୍ୱାଦଶ ତ୍ରୈବାର୍ଷିକ ମଣ୍ଡଳ ସାଧାରଣ ପରିଷଦ ସଭା, ଅଷ୍ଟମ ତ୍ରୈବାର୍ଷିକ ସାଧାରଣ ପରିଷଦ ସଭା, ବ୍ୟାଙ୍କ କର୍ମଚାରୀ ଜାତୀୟ ରାଜ୍ୟ ସଂଘ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସଂଘ ସମବାୟ ସମିତି(ଓଡ଼ିଶା)ର ୫୮ତମ ବାର୍ଷିକ ସମାରେହ ପାଳିତ ହୋଇଯାଇଛି। କଟକ ଜବାହାର ଇନଡୋର ଷ୍ଟାଡିୟମରେ ଆୟୋଜିତ ଏହି ସଭାରେ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ତଥା ସମବାୟ ସମିତିର ସଭାପତି ଡା. ଚିତ୍ତରଞ୍ଜନ ପଣ୍ଡା ଓ ସଂଘର ସଭାପତି ଡା. ତପନ କୁମାର ପାଲ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଅକେଲା ଦିନାକର ରତନ ତେଜା, ମହାପ୍ରବନ୍ଧକ ନେଟୱାର୍କ ୧ ବନ୍ଦନା ଅଗ୍ରୱାଲ, ମହାପ୍ରବନ୍ଧକ ନେଟୱାର୍କ ୨ କୌଶଲ ସିଂ, ସର୍ବଭାରତୀୟ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ମହାସଂଘର ସଭାପତି ପଙ୍କଜ କୌଶିକ, ସାଧାରଣ ସମ୍ପାଦକ ଏଲ୍ ଚନ୍ଦ୍ରଶେଖରଙ୍କ ସହିତ ମଣ୍ଡଳର ସଭାପତି ଓ ସମ୍ପାଦକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମବାୟ ସମିତିର ମୁଖ୍ୟ ସମ୍ପାଦକ ଗଙ୍ଗା ପ୍ରସାଦ ପଟ୍ଟନାୟକ ସମିତିର ପୁଞ୍ଜି ବିନିଯୋଗ, ଏହାର ଉନ୍ନତି ଓ ବାର୍ଷିକ ଲେଖା ବିବରଣୀ ବିଷୟରେ ଅବଗତ କରାଇଥିଲେ। କର୍ମଚାରୀ ସଂଘର ଉପସଭାପତି ନିର୍ମଳ କୁମାର ପଣ୍ଡା, ପରମାନନ୍ଦ ଦେ, ଉପ ସାଧାରଣ ସମ୍ପାଦକ ଶୁଭେନ୍ଦୁ କୁମାର ତରାଇ, ତୁଷାର ଦାସ, ଭୋଳାନାଥ ମେହେର, ଭାସ୍କର ପ୍ରଧାନ, ସମିତିର କୋଷାଧ୍ୟକ୍ଷ ସରୋଜ କୁମାର ଦାସ, ସହ ସମ୍ପାଦକ ଲୋକନାଥ ଛାଟୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆରବିଆଇ ରେପୋରେଟ୍ କମାଇବା ଆଶା

ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)



ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ଏବେ ୨୫ ବେସିସ ପଏଣ୍ଟ (ବିପିଏସ୍) ରେପୋ ରେଟ କମାଇଲେ ଘରୋଇ ଚାହିଦା ଓ ନିବେଶକୁ ଉତ୍ସାହିତ କରିପାରିବ। ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ)ର ଏକ ରିସର୍ଚ୍ଚ ରିପୋର୍ଟ ଅନୁସାରେ, କଞ୍ଜ୍ୟୁମର ପ୍ରାଇସ୍ ଇଣ୍ଡେକ୍ସ (ସିପିଆଇ) ୪% ଲକ୍ଷ୍ୟରୁ କମ୍ ରହିଛି ଓ ଆଗାମୀ ବର୍ଷ ପର୍ଯ୍ୟନ୍ତ ନିୟନ୍ତ୍ରଣରେ ରହିବ ବୋଲି ଆଶା କରାଯାଉଛି। ଜିଏସଟି ସଂସ୍କାର ଦରଦାମ ବୃଦ୍ଧିକୁ ଆହୁରି କମାଇବ। ଆରବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱରେ ମନିଟାରୀ ପଲିସି କମିଟି (ଏମପିସି)ର ତିନିଦିନିଆ ବୈଠକ ସୋମବାରଠାରୁ ଆରମ୍ଭ ହେବ। ବିଶ୍ୱ ଭୂ-ରାଜନୈତିକ ସଙ୍କଟ ଓ ଆମେରିକାର ଭାରତୀୟ ଶିପମେଣ୍ଟରେ ୫୦% ଟାରିଫ ନିଷ୍ପତ୍ତି ପରେ ସୁଧ ଦର ଉପରେ ଚର୍ଚ୍ଚା ହେବ। ନିଷ୍ପତ୍ତି ଅକ୍ଟୋବର ୧ରେ ଘୋଷଣା ହେବ। ଫେବ୍ରୁଆରୀରୁ ଆରବିଆଇ ତିନି ପର୍ଯ୍ୟାୟରେ ୧୦୦ ବିପିଏସ୍ କମାଇଥିଲେ ମଧ୍ୟ ବୈଶ୍ୱିକ ପରିସ୍ଥିତିର ପ୍ରଭାବ ଦେଖିବାକୁ ଅଗଷ୍ଟରେ ସୁଧ ହାର ଅପରିବର୍ତ୍ତିତ ରଖିଥିଲା। ସେପ୍ଟେମ୍ବର ୨୨ରୁ ଜିଏସଟି ୫% ଓ ୧୮% ହାରରେ ସୀମିତ ରଖାଯାଇଛି ଯାହା ୯୯% ନିତ୍ୟବ୍ୟବହାର୍ଯ୍ୟ ଜିନିଷକୁ ଶସ୍ତା କରିଛି। ଏହା ଦରଦାମ ବୃଦ୍ଧି କମାଇବ ବୋଲି ଆଶା କରାଯାଉଛି। ଏସବିଆଇ ଓ କ୍ରିସିଲ ହ୍ରାସ ଚାହୁଁଥିବାବେଳେ ଅକ୍ଟୋବର ୧ରେ ପ୍ରକାଶ ପାଇବାକୁ ଥିବା ନିଷ୍ପତ୍ତି ଉପରେ ସମସ୍ତଙ୍କର ନଜର ରହିଛି।। ନିବେଶକ ଓ ବଜାର ଏହି ନିଷ୍ପତ୍ତି ଅପେକ୍ଷାରେ ରହିଛନ୍ତି। ରେପୋ ରେଟ କମିଲେ ହୋମ, କାର୍ ଓ ବ୍ୟବସାୟ ଲୋନର ଇଏମଆଇ ଶସ୍ତା ହୋଇପାରେ।

# ୨ ସପ୍ତାହରେ ୯.୪୨ କୋଟି ଆୟ କଲା ହୀର୍ ଏକ୍ସପ୍ରେସ

ଭୁବନେଶ୍ୱର, ୨୮।୯




ବଲିଉଡର ନୂଆ ତାରକା ଦିଭିତା ଜୁନେଜାଙ୍କ ପ୍ରଥମ ଚଳଚ୍ଚିତ୍ର 'ହୀର ଏକ୍ସପ୍ରେସ' ବକ୍ସ ଅଫିସରେ ସଫଳତା ପାଇଛି। ୨ ସପ୍ତାହରେ ଏହା ୯.୪୨ କୋଟି ଟଙ୍କା ଆୟ କରିଛି। ପ୍ରତିଦିନ ହଜାର ହଜାର ଟିକେଟ ବିକ୍ରି ହେଉଛି। ପରିବାର ଏକାଠି ଏହି ପାରିବାରିକ ଚଳଚ୍ଚିତ୍ରକୁ ଉପଭୋଗ କରୁଛନ୍ତି। ତନିଷ୍କ ବାଗ୍‌ଚୀଙ୍କ ସଙ୍ଗୀତ ଓ ଗୀତ ଦର୍ଶକଙ୍କ ମନ ଜିତିଛି। ଦିଭିତାଙ୍କ ଅଭିନୟ କ୍ରିଟିକ୍ସଙ୍କ ପ୍ରଶଂସା ପାଇଛି। ନିକଟରେ ଚଣ୍ଡିଗଡ଼ସ୍ଥିତ ଏକ ଥିଏଟର ପରିଦର୍ଶନ ବେଳେ ଦର୍ଶକମାନଙ୍କ ମଧ୍ୟରେ ଖୁବ୍ ଉତ୍ସାହ ଦେଖିବାକୁ ମିଳିଥିଲା।

# କନ୍ୟାଦିବସ ପାଳିଲା ରୂପମନ୍ତ୍ରା



ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ଅନ୍ତର୍ଜାତୀୟ କନ୍ୟା ଦିବସ ଅବସରରେ ଓଡ଼ିଶା ହର୍ବାଲସ ପ୍ରାଇଭେଟ ଲିମିଟେଡର 'ରୂପ ମନ୍ତ୍ରା' ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଝିଅମାନଙ୍କ ବିଷୟରେ ନିଜର ମତ ଓ ଚିନ୍ତାଧାରା ବାଣ୍ଟିଥିଲେ। ଏହି ଅବସରରେ 'ବ୍ରାଣ୍ଡ ମେସିନ' ନାମରେ ଜଣାଶୁଣା ଉଦ୍ୟୋଗୀ ତଥା ନିବେଶକ ଡ଼. ସଞ୍ଜୀବ ଜୁନେଜା କହିଲେ, ଝିଅମାନେ ଈଶ୍ୱରଙ୍କ ପ୍ରଦତ୍ତ ଏକ ମୂଲ୍ୟବାନ ଉପହାର। ସେମାନେ ଘରକୁ ଖୁସି ଓ ପ୍ରେମରେ ଭରି ଦିଅନ୍ତି। ତୁମେ ତୁମ ଝିଅକୁ କେତେ ଭଲ ପାଉଛ ତାହା ତାକୁ ଜଣାଇବା ଜରୁରୀ, ସେ ବଡ଼ ହୋଇ ଦୂରରେ ଥିଲେ ମଧ୍ୟ ସେ ତୁମର ରାଜକୁମାରୀ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ମହିଳାଙ୍କୁ ସମ୍ବୋଧିତ କରି ଡ଼. ଜୁନେଜା କହିଥିଲେ, ଝିଅମାନଙ୍କ ପାଇଁ ଆତ୍ମବିଶ୍ୱାସ ବହୁତ ଜରୁରୀ। ଏହା ସେମାନେ ପରିବାରର ଭଲପାଇବା ଓ ଭରସାରୁ ପାଆନ୍ତି। ଝିଅମାନେ ଘରକୁ ଦୀପ ପରି ଆଲୋକିତ କରନ୍ତି। ତୁମ ଝିଅକୁ ହସାଇ ତା ପାଇଁ ଗର୍ବ ଅନୁଭବ କର।

# ଅନୁଗୋଳରେ ଅରୁନ୍ଧତୀ ଜୁଏଲର୍ସର ୧୦ମ ଶାଖା




ଅନୁଗୋଳ, ୨୮।୯(ମାନସ ବିଶ୍ୱାଳ)


ଓଡ଼ିଶାର ଅଗ୍ରଣୀ ଜୁଏଲେରି ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହାର ୧୦ମ ଶାଖା ଅନୁଗୋଳ ସହର ଶଙ୍କର ସିନେମା ହଲ୍ ରୋଡ ନିକଟରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ବଲିଉଡ ଅଭିନେତ୍ରୀ ମହିମା ଚୌଧୁରୀ ଓ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ୭୫୦୦ ବର୍ଗଫୁଟ ପରିମିତ ବିଶାଳ ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଥିଲା। ପାର୍ବଣ ଋତୁରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଅନୁଗୋଳବାସୀଙ୍କୁ ଏହି ଅତ୍ୟାଧୁନିକ ଶୋ'ରୁମ୍‌କୁ ଉତ୍ସର୍ଗୀକୃତ କରାଯାଇଥିଲା। ଦେଶବିଦେଶରୁ ପ୍ରସ୍ତୁତ ୧୦ ହଜାରରୁ ଉର୍ଦ୍ଧ୍ୱ ଗହଣା ଡିଜାଇନ ଶୁଦ୍ଧତାଯୁକ୍ତ ସୁନାଗହଣା, ରୁପାଗହଣାର ତାରକସି କାରୁକାର୍ଯ୍ୟ, ହୀରାଗହଣାର ଭିନ୍ନ ଭିନ୍ନ କଲେକ୍ସନ ଏବଂ ପ୍ରିମିୟମ, ସମ୍ବଲପୁରୀ ସିଲ୍କ ଶାଢ଼ିରେ ସଜ୍ଜିତ ଏହି ଶୋ'ରୁମ୍ ଉପସ୍ଥିତ ଗ୍ରାହକଙ୍କ ମୁଖ୍ୟ ଆକର୍ଷଣ ସାଜିଥିଲା। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ସମସ୍ତଙ୍କୁ ସମ୍ବୋଧିତ କରିବା ସହ ଅନୁଗୋଳବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅରୁନ୍ଧତୀର ୨୫ବର୍ଷ ପୂର୍ତ୍ତି ଅବସରରେ ଅନୁଗୋଳ ସହରରେ ଅରୁନ୍ଧତୀର ଦଶମ ଶାଖା ନିମନ୍ତେ ଅନୁଗୋଳ ସର୍ବଦା ଅବିସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ ଏହି ନୂତନ ଶୋ'ରୁମ୍‌ର ଶୁଭାରମ୍ଭ ଏବଂ ଆଗକୁ ଆସୁଥିବା ପାର୍ବଣ ଋତୁ ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ମେଗା ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଏହି ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ରହିଛି। ସୁନା ଗହଣାର ଗଢ଼ା ମଜୁରିରେ ୫୦% ରିହାତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି।

# ଫୋନପେ'ର ଫାୟାରକ୍ରାକର ଇନ୍‌ସ୍ୟୁରାନ୍ସ

ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ପାର୍ବଣରେ ବାଣ ଯୋଗୁ ହେଉଥିବା ଦୁର୍ଘଟଣାରୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇବା ପାଇଁ ଫୋନପେ' ପୁଣି ଥରେ ନିଜର ଫାୟାରକ୍ରାକର ଇନ୍‌ସ୍ୟୁରାନ୍ସ କଭରେଜକୁ ଶୁଭାରମ୍ଭ କରିଛି। ଏହି ସୁଲଭ ପ୍ଲାନ କେବଳ ଟ.୧୧ (ଜିଏସ୍‌ଟି ସହିତ)ରେ ଉପଲବ୍ଧ ଅଛି ଏବଂ ଏହା ପର୍ବପର୍ବାଣି ସମୟରେ ୧୧ ଦିନ ପାଇଁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ କଭରେଜ ପ୍ରଦାନ କରିଥାଏ। ଏହା ସହିତ ସେମାନେ ଏକ ପଲିସି ଅଧୀନରେ ନିଜେ, ନିଜ ଜୀବନସାଥୀ ଏବଂ ୨ଟି ସନ୍ତାନଙ୍କୁ ମିଶାଇ ସମ୍ପୂର୍ଣ୍ଣ ପରିବାରକୁ ସୁରକ୍ଷିତ କରିପାରିବେ। ଏହି କଭରେଜ ଅକ୍ଟୋବର ୧୨ଠାରୁ ଆରମ୍ଭ ହୋଇ ୧୧ ଦିନ ପାଇଁ ବୈଧ ରହିବ।

# ମାଲାବାରର ସ୍ୱତନ୍ତ୍ର ପାର୍ବଣ ଅଫର୍




ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ଦଶହରା ଓ ଧନତେରାସ୍ ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ ପକ୍ଷରୁ ପାର୍ବଣ ଅଫର୍ ଘୋଷଣା କରାଯାଇଛି। ଏହାର ସମ୍ବଲପୁର ଷ୍ଟୋର ପ୍ରଥମ ପ୍ରତିଷ୍ଠା ଦିବସ ପାଳନ କରୁଥିବାବେଳେ ପାର୍ବଣରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ ପାଇଁ ନିଆରା ଡିଜାଇନର ଗହଣା ଉପଲବ୍ଧ କରାଯାଇଛି। ସୁନା ଗହଣା, ଦୁର୍ଲଭ ଷ୍ଟୋନ୍ ଏବଂ ଅନକଟ୍ ଡାଇମଣ୍ଡର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ହୀରା ମୂଲ୍ୟ ଉପରେ ମଧ୍ୟ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହି ଅଫର୍ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବୈଧ ରହିବ। ଏହି ପର୍ବରେ ଗ୍ରାହକମାନେ ସୁନ୍ଦର ଓ ମୂଲ୍ୟବାନ ଗହଣା କିଣିବାର ସୁଯୋଗ ପାଇବେ। ସେହିପରି ଧନତେରାସ ପାଇଁ ଗହଣା ବୁକ୍ କଲେ ମାଗଣା ରୁପା ମୁଦ୍ରା ମିଳିବ। ଗ୍ରାହକମାନେ ଗହଣାର ମୋଟ ଦାମର ୧୦% ଦେଇ ବୁକ୍ କରିପାରିବେ । ବୁକିଂ ଦାମ୍ କିମ୍ବା ବଜାର ଦାମ୍ ମଧ୍ୟରୁ ଯେଉଁଟି କମ୍ ହେବ ସେହି ଦାମ୍‌ରେ ଗ୍ରାହକ ବୁକ୍ କରିଥିବା ଗହଣା କିଣିପାରିବେ। ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କହିଛନ୍ତି, ଧନତେରାସ ଘରେ ସୁଖ ଓ ସମୃଦ୍ଧି ଆଣେ। ଆମେ ଗ୍ରାହକଙ୍କ ପାଇଁ ଏହାକୁ ଖାସ କରିବାକୁ ଚାହୁଁଛୁ। ଆମର ଅଫର ଗ୍ରାହକଙ୍କ ପ୍ରତି କୃତଜ୍ଞତା ଦେଖାଇବାର ଏକ ଉପାୟ।

## ଅପରାଧ

# ୩ ହାତୀଦାନ୍ତ ଜବତ, ୪ ଗିରଫ

**ପୋଲିସ, ବନ ବିଭାଗର ମିଳିତ ଚଢ଼ାଉ**

କେନ୍ଦୁଝର,୨୮।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପୋଲିସ ଓ ବନ ବିଭାଗ ମିଳିତ ଭାବେ ଚଢ଼ାଉ କରି ବେଆଇନ ହାତୀଦାନ୍ତ ଚୋରାଚାଲାଣ ର‍୍ୟାକେଟର ପର୍ଦ୍ଦାଫାଶ କରିଛି। ଘଟଣାରେ ୪ ଜଣଙ୍କୁ ଗିରଫ କରିଥିବା ବେଳେ ୩ଟି ହାତୀଦାନ୍ତ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଆଲିଶା ବଜାରର ବୀରକିଶୋର ବେହେରା (୫୩), ଅନୁଗୋଳ ଜିଲା ପାରାବିଲର ଅରୁଣ କୁମାର ସାହୁ (୩୫), ଭଗାମୁଣ୍ଡାର ପ୍ରଦୀପ କୁମାର ସିଂହ (୫୦) ଓ ପାଇକାସାହିର ପ୍ରତାପ ବେହେରା (୩୬)। ଏ ନେଇ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଜବତ ୩ ହାତୀଦାନ୍ତ।

ସୂଚନା ଅନୁଯାୟୀ, ୨୬ ସେପ୍ଟେମ୍ବର ରାତି ପ୍ରାୟ ୯ଟା ସମୟରେ ପୋଲିସ ଗୋଇନ୍ଦା ବିଭାଗ ସ୍ୱତନ୍ତ୍ର ସେଲର ସୂଚନା ଆଧାରରେ ବନ ବିଭାଗ ଓ ପୋଲିସର ମିଳିତ ପାଟ୍ରୋଲିଂ ଦଳ ବାଂଶପାଳ ବ୍ଲକ୍ ଅନ୍ତର୍ଗତ ତଳକାଇପୁର ଗ୍ରାମ କ୍ରଶର ନିକଟରେ ଚଢ଼ାଉ କରିଥିଲା। ଅଧିକାରୀମାନେ ଉକ୍ତ ସ୍ଥାନରେ କେତେକ ଲୋକ ସନ୍ଦେହଜନକ କାର୍ଯ୍ୟକଳାପ କରୁଥିବା ଦେଖିଥିଲେ। ଚଢ଼ାଉ ସମୟରେ ଅନେକ ସନ୍ଦିଗ୍ଧ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମିଳିତ ଟିମ୍ ବୀରକିଶୋର, ଅରୁଣଙ୍କୁ କାବୁକରି ସେମାନଙ୍କ ନିକଟରୁ ଏକ ଧଳା ପ୍ଲାଷ୍ଟିକ ବ୍ୟାଗରେ ଥିବା ୩ଟି ହାତୀଦାନ୍ତ(ଗୋଟିଏ ୫୧ ସେମି ଲମ୍ବା ଏବଂ ୨.୦୨୬ କିଲୋଗ୍ରାମ ଓଜନ, ଆଉ ଗୋଟେ ୨୮ ସେମି ଲମ୍ବା ଏବଂ ୦.୬୦୦ କିଲୋଗ୍ରାମ ଓଜନ, ଅନ୍ୟଟି ୨୦ ସେମି ଲମ୍ବ ଏବଂ ୦.୩୮୭ କିଲୋଗ୍ରାମ ଓଜନ)ଜବତ କରିଥିଲା। ସେମାନେ ଉଭୟ ଦାନ୍ତର ବୈଧ କାଗଜପତ୍ର ପ୍ରଦାନ କରିପାରି ନ ଥିଲେ। ଅଧିକ ପଚରାଉଚରା ପରେ, ଅରୁଣ ଦାନ୍ତଗୁଡ଼ିକ ଅନୁଗୋଳ ଭଗାମୁଣ୍ଡାର ପ୍ରଦୀପଙ୍କଠାରୁ କିଣିଥିବା କହିଥିଲେ। ଅଭିଯୁକ୍ତଙ୍କ ବୟାନ ଆଧାରରେ କେନ୍ଦୁଝର ଏସିଏଫ ଡା. ସୁଦୀପ୍ତ କୁମାର ପଣ୍ଡା, ଭୂୟାଁ ଜୁଆଙ୍ଗ ପିଢ଼(ବିଜେପି) ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁ, ସଦର ଥାନା ଏସ୍‌ଆଇ ମାନସ ରଞ୍ଜନ ପଣ୍ଡା, ବିଜେପି ରେଞ୍ଜର ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ମହାନ୍ତଙ୍କୁ ନେଇ ଏକ ଦଳ ଅନୁଗୋଳ ଯାଇ ସେଠାକାର ବନ କର୍ମଚାରୀଙ୍କ ସହାୟତାରେ ଶନିବାର ଭୋର୍ ସମୟରେ ପ୍ରଦୀପଙ୍କୁ ତାଙ୍କ ବାସଭବନରୁ ଗିରଫ କରିଥିଲା। ପ୍ରଦୀପଙ୍କୁ ଜେରା ସମୟରେ ସେ ଦୋଷ ସ୍ୱୀକାର କରିବା ସହ ସହଯୋଗୀ ପ୍ରତାପଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଟିମ୍ ପାଇକାସାହି ଗ୍ରାମରୁ ପ୍ରତାପଙ୍କୁ ଗିରଫ କରିଥିଲା। ବନ ବିଭାଗ ଏକ ମାମଲା(ନଂ.୩୪/୨୦୨୫)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଡିଏଫ୍‌ଓ କହିଛନ୍ତି, ସେମାନଙ୍କ ପାଖରେ ୪ଟି ଦାନ୍ତ ଥିବା ସୂଚନା ମିଳିଥିଲା। ଆଉ ଗୋଟିଏ ଦାନ୍ତ ଏପର୍ଯ୍ୟନ୍ତ ମିଳିନାହିଁ। ଉକ୍ତ ଦାନ୍ତ ଓ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଚାଲିଛି। ଏଥିସହ ବନ୍ୟପ୍ରାଣୀ ଅପରାଧ ସହ ଜଡ଼ିତ ଯେ କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ରିପୋର୍ଟ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ପୋଲିସ ସହ ଗୁଳି ବିନିମୟ: ୩ ମାଓବାଦୀ ନିହତ

ମାଲକାନଗିରି,୨୮।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ରବିବାର ଗୁଳି ବିନିମୟ ଘଟିଛି। ଏଥିରେ ୩ ମାଓବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ନୂଆପଡ଼ା ମାନପୁର ଡିଭିଜନ କମାଣ୍ଡର ସରବନ ମଡକମ୍, ମାଓବାଦୀ ନେତ୍ରୀ ବାସନ୍ତୀ କୁଞ୍ଜାମ ଓ ଏସିଏମ୍ ରାକେଶ ହେମଲା। ସେମାନଙ୍କ ନାଁରେ ୧୪ ଲକ୍ଷର ପୁରସ୍କାର ରାଶି ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କାଙ୍କେର ଜିଲା ଧମତରି ନିକଟ ଛିନ୍ଦଖଡକ ଜଙ୍ଗଲରେ ମାଓବାଦୀ ଉପସ୍ଥିତ ଥିବା ଖବର ପାଇ ରବିବାର ସକାଳୁ କାଙ୍କେର ପୋଲିସ ଓ ସୁରକ୍ଷା କର୍ମୀ କୋମ୍ବିଂ ଅପରେଶନ କରିଥିଲେ। ମାଓବାଦୀମାନେ ପୋଲିସକୁ ଦେଖି ଗୁଳିଚାଳନା କରିଥିଲେ। ପାଲଟା ଜବାବରେ ପୋଲିସ ମଧ୍ୟ ଗୁଳିଚାଳନା କରିଥିଲା। ପୋଲିସର ଆକ୍ରମଣକୁ ପ୍ରତିହତ କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। କିଛି ସମୟ ପରେ ସୁରକ୍ଷା ବାହିନୀ ସର୍ଚ୍ଚ ଅପରେଶନ କରି ୩ ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ। ଘଟଣାସ୍ଥଳରୁ ଏକ ଏସ୍‌ଏଲ୍‌ଆର୍ ସହ ୩ ବନ୍ଧୁକ ଜବତ କରାଯାଇଛି। ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି। ଏହା ସରିବା ପରେ ସୁରକ୍ଷାବାହିନୀ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବ ବୋଲି କାଙ୍କେର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅପହରଣର ୧୨ଘଣ୍ଟା ପରେ ବ୍ୟବସାୟୀ ଉଦ୍ଧାର, ୫ ଗିରଫ

**ମାରଣାସ୍ତ୍ର, କାର୍ ସହ ୬ ଲକ୍ଷ ଟଙ୍କା ଜବତ**

ବାଲୁଗାଁ,୨୮।୯ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ସୁଶୀଲ କୁମାର ସୁବୁଦ୍ଧି ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଧରି ଶନିବାର ରାତିରେ ସ୍କୁଟିରେ ପାଟଣାସାହିସ୍ଥିତ ଘରକୁ ଫେରୁଥିବା ବେଳେ ୫ଜଣ ଦୁର୍ବୃତ୍ତ ଏକ କାର୍‌ରେ ଆସି ତାଙ୍କୁ ଅପହରଣ କରିନେଇଥିଲେ। ଏହାର ୧୨ଘଣ୍ଟା ପରେ ଅର୍ଥାତ୍ ରବିବାର ମଧ୍ୟାହ୍ନରେ ବାଲୁଗାଁ ପୋଲିସ ମୋବାଇଲ ଫୋନକୁ ଟ୍ରାକିଂ କରି ୧୬ନମ୍ବର ଜାତୀୟ ରାଜପଥର ଚାନ୍ଦପୁରଠାରୁ ୧୦ କିଲୋମିଟର ଦୂର କଟକ ସହର ଅଞ୍ଚଳରୁ ସୁଶୀଲଙ୍କୁ ଉଦ୍ଧାର କରିବା ସହ ୫ଜଣ ଅପହରଣକାରୀଙ୍କୁ ଗିରଫ କରିଛି। ପୋଲିସ ଅପହରଣରେ ବ୍ୟବହୃତ କାର୍ ସମେତ ଦୁଇଟି ମାରଣାସ୍ତ୍ର ଏବଂ ୬ ଲକ୍ଷ ଟଙ୍କା ଜବତ କରିଛି। ତେବେ ଅଧିକ ତଦନ୍ତ ଜାରି ରହିଥିବାରୁ ପରବର୍ତ୍ତୀ ସମୟରେ ଅପହରଣକାରୀଙ୍କ ସମ୍ପର୍କରେ ସ୍ପଷ୍ଟ ସୂଚନା ଦିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନା ମୁତାବକ, ବାଲୁଗାଁ ପାଟଣାସାହିର ବିଜୟ ସୁବୁଦ୍ଧିଙ୍କ ବିଭିନ୍ନ କମ୍ପାନୀର ହୋଲ୍‌ସେଲ ବ୍ୟବସାୟ ସ୍ମୃତି ଏଜେନ୍ସି ନାମରେ ରହିଛି। ତାଙ୍କ ପୁଅ ସୁଶୀଲ ବ୍ୟବସାୟରେ ସହଯୋଗ କରନ୍ତି। ଦୈନନ୍ଦିନ ପରି ଶନିବାର ରାତିରେ ସୁଶୀଲ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି କାରବାର ହୋଇଥିବା ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଏକ ବ୍ୟାଗରେ ରଖି ସ୍କୁଟିରେ ଘରକୁ ଫେରୁଥିଲେ। ରାତ୍ରି ପ୍ରାୟ ୧୧ଟା ୩୦ରେ କେନ୍ଦ୍ରୀୟ ପ୍ରାଥମିକ ବିଦ୍ୟାଳୟ ଛକଠାରେ ୫ଜଣ ଦୁର୍ବୃତ୍ତ ତାଙ୍କୁ ମାରଣାସ୍ତ୍ର ଦେଖାଇ ଅଟକାଇଥିଲେ। ସ୍କୁଟିରୁ ଟଙ୍କା ବ୍ୟାଗ୍ ଲୁଟିନେବା ସହିତ ଏକ କାର୍(୨୫ ବିଏଚ ୭୯୫୦)ରେ ଜୋରଜବରଦସ୍ତ ତାଙ୍କୁ ଉଠାଇ ନେଇ ଫେରାର ହୋଇଯାଇଥିଲେ। ମୁଖାପିନ୍ଧା ଜଣେ ଦୁର୍ବୃତ୍ତ କାର୍ ପଛେ ପଛେ ସ୍କୁଟିକୁ ମଧ୍ୟ ନେଇ ପଳାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ସୁଶୀଲ ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ଫୋନ କରିଥିଲେ। କିନ୍ତୁ ତାହା ସୁଇଚ୍ ଅଫ୍ ଥିଲା। ଏନେଇ ପରିବାର ଲୋକେ ତାଙ୍କ ସାଙ୍ଗ ସାଥୀ ଏବଂ ସମ୍ପର୍କୀୟଙ୍କୁ ଜଣାଇ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ରାତି ପ୍ରାୟ ୧ଟାରେ




ଜବତ କାର୍।

ସୁଶୀଲ ଫୋନରେ ଜଣାଇଥିଲେ ଯେ ବ୍ୟସ୍ତ ହେବନି, ଭିଜିଲାନ୍ସ ଟିମ୍ ନେଇ ଆସିଛନ୍ତି, କାଲି ସକାଳେ ମୁଁ ଫେରିବି। ଏଥିରେ ପରିବାରଲୋକଙ୍କ ସନ୍ଦେହ ଉପୁଜିବାରୁ ବାଲୁଗାଁ ପୋଲିସକୁ ଅବଗତ କରାଇଥିଲେ। ରବିବାର ସକାଳ ୯ଟାରେ ସୁଶୀଲ ପୁଣି ଫୋନ ମାଧ୍ୟମରେ ଭୁବନେଶ୍ୱରରୁ ଫେରୁଥିବା କହିଥିଲେ। ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏସ୍‌ଆଇ ସୌମ୍ୟକାନ୍ତ ପାଣିଗ୍ରାହୀ ଦୁଇଟି ଟିମ୍ ନେଇ ସୁଶୀଲଙ୍କ ମୋବାଇଲ ଫୋନ ଲୋକେଶନ ଟ୍ରାକିଂ କରି ପିଛା କରିଥିଲେ। ଅପରାହ୍ନ ୧ଟାରେ କାର୍‌ଟି ଭୁବନେଶ୍ୱର ପଟୁ ଚାନ୍ଦପୁର ଅଭିମୁଖେ ଆସୁଥିବା ବେଳେ ପୋଲିସ ଟିମ୍ ମୋବାଇଲକୁ ଟ୍ରାକିଂ କରିଥିଲା। ଚାନ୍ଦପୁର ନିକଟ କଟକ ସହରଠାରେ ପୋଲିସ ଟିମ୍ ଦୁର୍ବୃତ୍ତଙ୍କ କାର୍‌କୁ ଚିହ୍ନଟ କରି ଘେରିଯାଇଥିଲା। ତେବେ ଦୁର୍ବୃତ୍ତମାନେ ସୁଶୀଲଙ୍କୁ କାର୍‌ରୁ ଠେଲିଦେଇ ନିକଟ ଜଙ୍ଗଲ ଅଭିମୁଖେ ଦୌଡ଼ିଥିଲେ। ପୋଲିସ ଗୋଡ଼ାଉଥିବା ଦେଖି ସ୍ଥାନୀୟ ଲୋକେ ସହଯୋଗ କରି ୫ଦୁର୍ବୃତ୍ତଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ସମ୍ପୃକ୍ତ ଦୁର୍ବୃତ୍ତମାନେ ଗଞ୍ଜାମ, ବାଣପୁର ଏବଂ ବାଲକାଟୀ ଅଞ୍ଚଳର ବୋଲି ଜଣାପଡ଼ିଛି। ସୁଶୀଲଙ୍କୁ ଉଦ୍ଧାର କରାଯିବା ସହ ଉକ୍ତ କାର୍‌ରୁ ୬ଲକ୍ଷ ଟଙ୍କା ଜବତ କରାଯାଇଛି ବୋଲି ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡ଼ା କହିଛନ୍ତି। ପରବର୍ତ୍ତୀ ସମୟରେ ସୁଶୀଲଙ୍କ ସ୍କୁଟିକୁ ଗଞ୍ଜାମ ଜିଲାର ଏକ ନିକାଞ୍ଚନ ଜଙ୍ଗଲରୁ ପୋଲିସ ଜବତ କରିଛି। ସୁଶୀଲଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ବାଲୁଗାଁ ଥାନାରେ ଏକ ମାମଲା (ନଂ.୩୧୮/୨୫) ରୁଜୁ ହୋଇଛି। ସୋମବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।

# ବେଆଇନ ବାଣ କାରଖାନାରେ ଚଢ଼ାଉ

**୫ ଲକ୍ଷ ଟଙ୍କାର ବିସ୍ଫୋରକ ସାମଗ୍ରୀ ଜବତ, ୩ ଗିରଫ**

ଧାମନଗର,୨୮।୯
(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ଉତେଇପୁର ଗ୍ରାମରେ ଚାଲିଥିବା ଏକ ବେଆଇନ ବାଣ କାରଖାନାରେ ଶନିବାର ଅପରାହ୍ନରେ ପୋଲିସ ଚଢ଼ାଉ କରିଛି। ଏହି ଚଢ଼ାଉ ବେଳେ ଧାମନଗର ପୋଲିସ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଗ୍ରାମର ମଦନ ମୋହନ ରଣା(୬୭), ମନୋରଞ୍ଜନ ରଣା(୪୮) ଓ ଗୌରାଙ୍ଗ ଚନ୍ଦ୍ର ରଣା(୬୦)। ଏନେଇ ଧାମନଗର ଥାନାରେ ୩ଟି ମାମଲା (ନଂ.୩୬୧/୨୫, ୩୬୨/୨୫, ୩୬୩/୨୫) ରୁଜୁ କରାଯାଇ ଗିରଫ ୩ଜଣଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଦୀର୍ଘଦିନ ହେଲା ଏହି ଗାଁରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ବେଆଇନ ଭାବେ ବାଣ ତିଆରି ଚାଲିଥିଲା। ବିଭିନ୍ନ ପ୍ରକାର ବିସ୍ଫୋରକ ସାମଗ୍ରୀ ବ୍ୟବହାର କରାଯାଇ ତିଆରି ବାଣ ଦୋକାନ ବଜାରରେ ବିକ୍ରି କରାଯାଉଥିଲା।



ପୋଲିସ ଜବତ କରିଥିବା ବିସ୍ଫୋରକ ସାମଗ୍ରୀ।

ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ଥାନା ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ସେଠୀ, ଏସ୍‌ଆଇ ପ୍ରଦୀପ କୁମାର ନାୟକ, ରଶ୍ମିତା ମଲ୍ଲିକ, ଏଏସ୍‌ଆଇ ନରେନ୍ଦ୍ର କୁମାର ରାଉତ, ଲରେନ୍ସ ଖୋଜୁର, ସୁଜିତ୍ କୁମାର ରାଉତ ପ୍ରମୁଖ ସଦଳବଳ ଅଚାନକ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ବିପୁଳ ପରିମାଣରେ ବାଣ ଓ ବାଣ ତିଆରି ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିଲା। ଏହି ବେଆଇନ କାରବାରରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ କେଉଁଠୁ, କିପରି ଓ କାହା ମାଧ୍ୟମରେ ସେଠାକୁ ଆସୁଥିଲା ସେନେଇ ପ୍ରଶ୍ନ ଉଠିଛି। ଏହି ଅଞ୍ଚଳରେ ବିସ୍ଫୋରକ ସାମଗ୍ରୀ ତିଆରି କରିବା ନେଇ ସରକାରୀ ସ୍ୱୀକୃତିପ୍ରାପ୍ତ କେତେଜଣ ବ୍ୟକ୍ତି ରହିଥିବାରୁ ସେମାନଙ୍କଠାରୁ କଞ୍ଚାମାଲ ନେଇ ବେଆଇନ ଭାବେ ବାଣ ତିଆରି କରାଯାଉଥିବା ସାଧାରଣରେ ଆଲୋଚନା ହେଉଛି।

# ମୁନିଗୁଡ଼ାରେ ଅମୃତ ଭାରତ ନୂତନ ଟ୍ରେନ୍‌କୁ ସ୍ୱାଗତ

ମୁନିଗୁଡା,୨୮।୯ (ନନ୍ଦ କିଶୋର ପଟ୍ଟନାୟକ)

ବ୍ରହ୍ମପୁରଠାରୁ ଗୁଜରାଟର ଉଧନାକୁ ନୂତନ ଭାବେ ଆରମ୍ଭ ହୋଇଥିବା ଅମୃତ ଭାରତ ଟ୍ରେନ୍‌କୁ ରବିବାର ମୁନିଗୁଡ଼ା ରେଳ ଷ୍ଟେଶନଠାରେ ସ୍ୱାଗତ ଓ ଉଦଘାଟନ କରାଯାଇଛି । ଏହି ଅବସରରେ ସମ୍ବଲପୁର ଡିଭିଜନର ଡିଭିଜନାଲ ଇଞ୍ଜିନିୟର ଗୌରଭ କୁମାର ଯାଦବଙ୍କ ତତ୍ତ୍ୱାବଧାନ ଓ କମର୍ସିଆଲ ଇନ୍‌ସ୍ପେକ୍ଟର ରୋହିତ ମହାଲିଙ୍ଗଙ୍କ ସଂଯୋଜନାରେ ଷ୍ଟେଶନ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ନୀଳମାଧବ ହିକ୍‌କା ଉପସ୍ଥିତ ଥିଲେ । ସମ୍ମାନିତ ଅତିଥିଭାବେ କୋରାପୁଟ ଏମ୍‌ପିଙ୍କ ମୁନିଗୁଡ଼ା ବ୍ଲକ ପ୍ରତିନିଧି ରଜନୀକାନ୍ତ ପାତ୍ତାଲ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବେହେରା, ପ୍ରେସ୍ କ୍ଲବ ସଭାପତି ରାଜୀବ ଲୋଚନ ଦାସ, ସମ୍ପାଦକ ନନ୍ଦ କିଶୋର ପଟ୍ଟନାୟକ, କଂଗ୍ରେସ ବ୍ଲକ ସଭାପତି ନୀଳାମ୍ବର ବିଭାର, ସମାଜସେବୀ ପ୍ରଦୀପ ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ । ପରେ ସରକାରଙ୍କ ଦ୍ୱାରା ରେଳ ବିଭାଗରେ ପ୍ରଣୟନ ହେଉଥିବା ବିଭିନ୍ନ ଯୋଜନା ଓ ଏହାର ଉନ୍ନୟନମୂଳକ କାର୍ଯ୍ୟ ଉପରେ ରେଳ ବିଭାଗ ଅଧିକାରୀମାନେ ସୂଚନା ଦେଇଥିଲେ । ବିଧାୟକ ମୁନିଗୁଡ଼ାର ବସଷ୍ଟାଣ୍ଡ ନିକଟସ୍ଥ ରେଳ ଫାଟକଠାରେ ଏକ ଓଭର ବ୍ରିଜ ଓ ଭୂତଳ ରାସ୍ତା ନିର୍ମାଣ ପାଇଁ ଦାବି ଜଣାଇଥିଲେ । ପରେ ବ୍ରହ୍ମପୁରଠାରୁ ଗୁଜରାଟର ଉଧନାକୁ ନୂତନ ଭାବେ ଆରମ୍ଭ ହୋଇଥିବା ଅମୃତ ଭାରତ ଟ୍ରେନ୍‌କୁ ମୁଖ୍ୟ ଅତିଥି ହିକ୍‌କା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଟ୍ରେନରେ ଦୂର ଯାତ୍ରା ପାଇଁ ଉନ୍ନତ ବ୍ୟବସ୍ଥା ସହିତ ଆଧୁନିକ କୋଚ ରହିଥିବା ବେଳେ ଟ୍ରେନ୍‌ଟି ସପ୍ତାହକୁ ଥରେ ଯାତାୟାତ କରିବ । ଟ୍ରେନ ରବିବାର ରାତି ୧୧ଟା ୪୫ରେ ଉଧନାରୁ ଛାଡିବ । ସୋମବାର ଅପରାହ୍ନ୧ଟା ୫୫ରେ ବ୍ରହ୍ମପୁରରେ ପହଞ୍ଚିବ, ସେହିପରି ବ୍ରହ୍ମପୁରରୁ ଏହା ସୋମବାର ରାତି ୧୧ଟା ୪୫ରେ ସୁରଟ ଅଭିମୁଖେ ଯାତ୍ରା କରିବ ବୋଲି ଜଣାପଡ଼ିଛି । ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଡିଭିଜନାଲ ଇଞ୍ଜିନିୟର ରବି କୀର୍ତ୍ତି, କନିଷ୍ଠ ଯନ୍ତ୍ରୀ ମହାନ୍ତି ରାମରାଓ, ଟେଲିକମ କନିଷ୍ଠ ଯନ୍ତ୍ରୀ ଆଶିଷ ଯାଦବ, ମୁଖ୍ୟ ସ୍ୱାସ୍ଥ୍ୟ ପରିଦର୍ଶକ ରାଜେନ୍ଦ୍ର ତାସିୱାଲ, ଷ୍ଟେଶନ ମ୍ୟାନେଜର ଧୀରେନ୍ଦ୍ର କିଷାନ, ମୁନିଗୁଡା ଆରପିଏଫ୍ ଅଫିସର ଏନ.ଏସ.ମିନା, ସି.ଏଚ୍ ଭେଙ୍କଟରାଓଙ୍କ ସମେତ ରେଳ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ ।


ବିଧାୟକ ନୀଳମାଧବ ହିକ୍‌କା, ରେଳ କର୍ତ୍ତୃପକ୍ଷ ଏବଂ ଅନ୍ୟମାନେ ଟ୍ରେନ୍‌ର ଶୁଭାରମ୍ଭ କରୁଛନ୍ତି ।

# ଗାଁ ପାଖ ଜଙ୍ଗଲରେ ହାତୀ, ଅଞ୍ଚଳବାସୀ ଭୟଭୀତ

କଲ୍ୟାଣସିଂହପୁର,୨୮।୯ (ଦୀପକ କୁମାର ପରିଡ଼ା )

ରାୟଗଡା ଜିଲା କଲ୍ୟାଣସିଂହପୁର ଶିକରପାଇ ସେକ୍ସନର ଶାନ୍ତିନଗର ଓ ଭେଜା ଗ୍ରାମ ମଧ୍ୟରେ ଥିବା ଜଙ୍ଗଲରେ ଏକ ଛୁଆ ସହ ମା' ହାତୀ ରହଥିବା ଦେଖିବାକୁ ମିଳିଛି । ଗାଁ ପାଖ ଜଙ୍ଗଲରେ ହାତୀଥିବା ଖବର ପ୍ରଚାର ହେବା ପରେ ଅଖାପାଖ ଅଞ୍ଚଳରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି । ମା' ଓ ଛୁଆ ହାତୀ ରବିବାର ସନ୍ଧ୍ୟାରେ ଆରଗେଣ୍ଡା ଜଙ୍ଗଲରୁ ଉପର ସାଜା, ତଳ ସାଜା ଦେଇ ନାଗାବଳୀ ନଦୀ ପାରିହୋଇ ବେଲକଣା ମସାଣି ପାହାଡ଼ରେ ରହିଥିବା ଜଣାପଡିଛି । ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଯୋଗାଇବା ପାଇଁ ଶିକରପାଇ ସେକ୍ସନ ଫରେଷ୍ଟର ପି.କେ ଜେନାଙ୍କ ନେତୃତ୍ୱରେ ଏକ ବନକର୍ମୀ ଦଳ ସଚେତନ ଅଭିଯାନରେ ନିୟୋଜିତ ହୋଇଛନ୍ତି । ସେମାନେ ହାତୀଙ୍କ ଗତିବିଧିରେ ନଜର ରଖିଛନ୍ତି । ବନ ବିଭାଗ କର୍ମଚାରୀ ରାଜ୍ୟ ରାଜପଥ-୪୫ ଦେଇ ଯିବାଆସିବା କରୁଥିବା ଲୋକଙ୍କୁ ହାତୀ ସମ୍ପର୍କରେ ସତର୍କ କକରିବା ସହ ଯାତାୟାତ କରୁଥିବା ଲୋକଙ୍କୁ ସୁରକ୍ଷାରେ ସହଯୋଗ କରୁଛନ୍ତି । ଏ ସମ୍ପର୍କରେ ଫରେଷ୍ଟର ପି. କେ ଜେନାଙ୍କୁ ଯୋଗାଯୋଗ କରିବାରୁ ଛୁଆ ଓ ମା ହାତୀ ବେଲକଣା ମସାଣି ପାହାଡ଼ରେ ଏବେ ଥିବା ପ୍ରକାଶ କରିଛନ୍ତି । ସେମାନେ ହୁଏତ କନ୍ଧଖାତି ପାଡୁ ଆଡେ ଜଙ୍ଗଲକୁ ଫେରିପାରନ୍ତି ବୋଲି ସେ କହିଛନ୍ତି । ଆମେ ହାତୀଙ୍କୁ ଉପରେ ନଜର ରଖିଛୁ, କୌଣସି ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି ।

# ପରଳ ଚକ୍ଷୁ ପରୀକ୍ଷା ଶିବିର


ଚକ୍ଷୁ ପରୀକ୍ଷା ଶିବିରରେ ଉପସ୍ଥିତ ଭାଜପା କର୍ମକର୍ତ୍ତା ଏବଂ ମେଡିକାଲ ଷ୍ଟାଫ୍ ।

ପଦ୍ମପୁର,୨୮।୯ (ପ୍ରଶାନ୍ତ କୁମାର କର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ସେବା ପକ୍ଷ ଅନ୍ତର୍ଗତ ପଦ୍ମପୁର ଭାଜପା ଯୁବ ମୋର୍ଚ୍ଚା ଆନୁକୂଲ୍ୟରେ ଏବଂ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ସମରଝୋଲସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟ ମିଳିତ ଆନୁକୂଲ୍ୟରେ ରବିବାର ଏକ ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି । ପଦ୍ମପୁର ସିନେମା ହଲ ଛକ ନିକଟସ୍ଥ ରଣା କମ୍ପ୍ଳେକ୍ସଠାରେ ଅନୁଷ୍ଠିତ ଶିବିରକୁ ପଦ୍ମପୁର ଭାଜପା ଯୁବ ମୋର୍ଚ୍ଚାର ନଚିକେତା ସାହୁ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଏସ୍‌ଟି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିଦ୍ୟାଧର ଶବର, ବରିଷ୍ଠ ସମାଜସେବୀ ଶିବପ୍ରସାଦ ମହାରଣା, ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, ପୂର୍ବତନ ସରପଞ୍ଚ ତ୍ରିନାଥ ଶବର, ଶିବ ଦାସ, ବୁଲୁ ମିଶ୍ର, ଚନ୍ଦନ ମହାପାତ୍ର, ବିକାଶ ଦାସ, ବାଲୁ ମଣିପାତ୍ର ଏବଂ ପଦ୍ମପୁର ଭାଜପା ଯୁବ ମୋର୍ଚ୍ଚାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ଏଥିରେ ମୋଟ ୫୬ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୩୫ ଜଣଙ୍କ ପରଳ ବା ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା । ୨୨ ଜଣଙ୍କ ଅସ୍ତ୍ରୋପଚାର ପାଇଁ ହସ୍ପିଟାଲକୁ ନେବାକୁ ବ୍ୟବସ୍ଥା କରାଯାଇଥିବାବେଳେ ୧୯ ଜଣଙ୍କ ରେଟିନା ଚେକ୍ ଅପ କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ଚକ୍ଷୁ ରୋଗୀ, ହସ୍ପିଟାଲ ଷ୍ଟାଫ,ପଦ୍ମପୁର ଭାଜପା ଯୁବ ମୋର୍ଚ୍ଚା ସଦସ୍ୟ, ପଦ୍ମପୁରର ସମାଜସେବୀ ଓ ଗ୍ରାମବାସୀ ସହଯୋଗ କରିଥିଲେ । ଶଙ୍କର ଚକ୍ଷୁ ଚିକିତ୍ସାଳୟର କ୍ୟାମ୍ପ ମ୍ୟାନେଜର ନଳିନୀ କାନ୍ତ ରାଉତ, ଦାମିନୀ ସ୍ୱାଇଁ, ଦୀପିକା ରାଉତ, ଚାନ୍ଦିନୀ ସାବତ, କଲ୍ୟାଣୀ ବିଶୋଇ, ପ୍ରିୟଙ୍କା ଗୌଡ଼, ଯସ୍ମିନ ବିଶୋଇ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ ।

# ଭିନ୍ନକ୍ଷମ ସାର୍ଟିଫିକେଟ୍ ଥିବା ସତ୍ତ୍ୱେ ମିଳୁନି ଭତ୍ତା

ଟିକିରି,୨୮।୯ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଗୋରଖପୁର ପଞ୍ଚାୟତ ଚାରଯୋଡି ଗ୍ରାମ ସ୍ୱର୍ଗତ ପୁରସ୍ତମ ଝୋଡିଆଙ୍କ ଦିବ୍ୟାଙ୍ଗ ଝିଅ ଜୟନ୍ତୀ ଝୋଡିଆ (୩୫)ଙ୍କ ଭିନ୍ନକ୍ଷମ ସାର୍ଟିଫିକେଟ ଅଛି, ହେଲେ ସେ ଭତ୍ତାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି । ଠିକ୍ ଭାବେ କଥା କହିପାରୁ ନ ଥିବା ଜୟନ୍ତୀ ଜନ୍ମ ହେବାର କିଛି ବର୍ଷ ପରେ ବାପା ଓ ମା'ଙ୍କୁ ହରାଇଛନ୍ତି । ସେ ଏକୁଟିଆ ଘରେ


ଦିବ୍ୟାଙ୍ଗ ଜୟନ୍ତୀ ଝୋଡିଆ ।

ରହୁଥିବାବେଳେ ତାଙ୍କ ନାଁରେ ବିପିଏଲ କାର୍ଡ ଥିବାରୁ ଯାହା ଚାଉଳ ମିଳେ ସେଥିରେ ସେ ଚଳନ୍ତି । ଚାଉଳ ଶେଷ ହୋଇଗଲେ ପଡ଼ିଶା ଘର ଲୋକେ ଯାହା ଖାଇବାକୁ ଦେଲେ ଚଳୁଛନ୍ତି । ତାଙ୍କ ନାଁରେ ଆୟୁଷ୍ମାନ କାର୍ଡ ମଧ୍ୟ ରହିଛି । ତେବେ ଭିନ୍ନକ୍ଷମ ଭତ୍ତା ପାଇଁ ସେ କାଶୀପୁର ବ୍ଲକ ଅଫିସ୍‌କୁ ବାରମ୍ବାର ଯାଇ ନିରାଶ ହୋଇ ଫେରିଥିବା ଜୟନ୍ତୀ କହିଛନ୍ତି । ଭିନ୍ନକ୍ଷମ ଜୟନ୍ତୀଙ୍କୁ କାହିଁକି ମଧୁବାବୁ ପେନସନ ମିଳୁନି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି । ଏ ସମ୍ପର୍କରେ ଗୋରଖପୁର ସରପଞ୍ଚ ଲକ୍ଷ୍ମଣ ମାଝିଙ୍କୁ ପ୍ରଚାରିବାରୁ ଜୟନ୍ତୀ ଝୋଡିଆଙ୍କ ପାଖରେ ଅନ୍‌ଲାଇନ ଭିନ୍ନକ୍ଷମ ସାର୍ଟିଫିକେଟ ନ ଥିବାରୁ ତାଙ୍କର ମଧୁବାବୁ ପେନସନ ହୋଇପାରୁ ନାହିଁ । ଯଦି ଜୟନ୍ତୀ ଅନ୍‌ଲାଇନ ଭିନ୍ନକ୍ଷମ ସାର୍ଟିଫିକେଟ ଆଣିବେ ତାହେଲେ ମଧୁବାବୁ ପେନସନରେ ଜୋଡି ହୋଇପାରିବେ ବୋଲି କହିଛନ୍ତି । ବ୍ଲକ ପ୍ରଶାସନ ତରଫରୁ ଜୟନ୍ତୀ ଝୋଡିଆଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରାଯିବାକୁ ବ୍ୟବସ୍ଥା କରାଯାଉ ବୋଲି ଗ୍ରାମବାସୀ ଅନୁରୋଧ କରିଛନ୍ତି ।

# ନାରୀଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ଲକ୍ଷ୍ୟ

ରାୟଗଡ଼ା,୨୮।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ଶନିବାର ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନରେ ବିଶାଳ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରାଯାଇଛି । ପ୍ରାୟ ୫ଶହ ଛାତ୍ରୀ ଏହି ଶିବିରରେ ନିଜ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲେ । ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା ବଢ଼ାଇବା ଓ ପରିବାର ସମୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଅଧ୍ୟକ୍ଷା ଡ଼ ଅର୍ଚ୍ଚନା ପଟ୍ଟନାୟକ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ରଘୁନାଥ ଭୁଏ, କୈଳାଶ ଚନ୍ଦ୍ର ସାହୁ ଏବଂ କ୍ୟାପଟେନ ରୀତାରାଣୀ ମିଶ୍ର ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସିଡିଏମ୍‌ଓଙ୍କ ପରାମର୍ଶରେ ଏକ ଟିମ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି । ଏହି ଟିମ୍‌ର ନେତୃତ୍ୱ ନେଇଥିଲେ ଡା ମମତା ଚୌଧୁରୀ, ଡା ସବ୍ୟସାଚୀ ବେହେରା, ଡା ଶୁଚିସ୍ମିତା ପାଢ଼ୀ, ମାନସ ରଞ୍ଜନ ପୂଜାରୀ, ଡି.ଏ.ଏ. କେ. ପ୍ରିୟଙ୍କା ଏବଂ ମହିଳା ସ୍ୱାସ୍ଥ୍ୟ କର୍ମୀ ଏବଂ ଆଶା କର୍ମୀଙ୍କ ସମେତ ୩୦ ଜଣ ଉପସ୍ଥିତ ଥିଲେ । ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନାରୀମାନଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରିବା, ନିରାମୟ ପାଇଁ ଯାଞ୍ଚ ଓ ପରାମର୍ଶ ଦେଇ ପରିବାର ଗଠନକୁ ଶକ୍ତିଶାଳୀ କରିବା ବୋଲି ଅତିଥିମାନେ କହିଥିଲେ । ଶିବିରର ବିଶେଷତା ଭିତରେ ରହିଛି ରକ୍ତଚାପ, ମଧୁମେହ ଯାଞ୍ଚ, ହିମୋଗ୍ଲୋବିନ ତତ୍ତ୍ୱାନୁସନ୍ଧାନ, ଟିଡିଏସ୍ ଟିକା ଆଦି ପ୍ରଦାନ କରାଯାଇଅଛି । ଅନେକ ମହିଳା, ଛାତ୍ରୀ ଓ ଅଧ୍ୟାପକମାନେ ଏହି ଶିବିରରେ ଉପସ୍ଥିତ ହୋଇ ସ୍ୱାସ୍ଥ୍ୟ ଯାଞ୍ଚ କରାଇବା ସହିତ ଉପଯୁକ୍ତ ପରାମର୍ଶ ଗ୍ରହଣ କରୁଛନ୍ତି । ଏହି ପଦକ୍ଷେପ ନିଜ ଓ ପରିବାର ସ୍ୱାସ୍ଥ୍ୟ ପାଇଁ ଏକ ମାନବିକ ଉଦ୍ୟମ ଭାବେ ଦେଖାଯାଉଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଏନ୍‌ଏସ୍‌ଏସ୍, ୟୁଥ ରେଡ୍‌କ୍ରସ ଏବଂ ଏନ୍‌ସିସି ସଂସ୍ଥା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି ।



ସୁସ୍ଥ ନାରୀ ସୁସ୍ଥ ପରିବାର ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର, ରାୟଗଡ଼ା ମହିଳା ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀମାନେ ।

# ୨ ଅଟୋ ଧକ୍କା: ଜଣେ ମୃତ, ୩ ଆହତ

ବ୍ରହ୍ମପୁର,୨୮।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ଅଞ୍ଚଳରେ ୨ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି । ମୃତକ ହେଲେ ହିଞ୍ଜିଳିକାଟୁ ନିକଟ ନରେନ୍ଦ୍ରପୁର କିରଣ କୁମାର ଦାସ(୩୦) । ଆସିକା ବାବନପୁରର ସୁରେଶ ନାୟକ(୩୫), ହିଞ୍ଜିଳିକାଟୁର ରକି ପାଢୀ(୧୬) ଏବଂ ବଡଗଡ ଅଞ୍ଚଳର ଡାଲା ଅଟୋ ଚାଳକ ବିଦେଶୀ ଗୌଡ(୩୫) ଆହତ ହୋଇଛନ୍ତି । ଶନିବାର ରାତିରେ ଏକ ପାସେଞ୍ଜର ଅଟୋ ବ୍ରହ୍ମପୁରରୁ ହିଞ୍ଜିଳିକାଟୁ ଅଭିମୁଖେ ଯାଉଥିବା ବେଳେ ଏକ ଡାଲା ଅଟୋ ପରିବା ନେଇ ହିଞ୍ଜିଳିକାଟୁରୁ ବ୍ରହ୍ମପୁରକୁ ଆସୁଥିଲା । କୁକୁଡ଼ାଖଣ୍ଡି ପୋଷ୍ଟଅଫିସ ସମ୍ମୁଖରେ ଉକ୍ତ ୨ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଡାଲା ଅଟୋର ଚାଳକ, ପାସେଞ୍ଜର ଅଟୋର ଚାଳକ ଓ ୩ ଯାତ୍ରୀ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ପ୍ରଥମେ କୁକୁଡାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ସମସ୍ତଙ୍କୁ ଏମକେସିଜି ମେଡିକାଲକୁ ପଠାଯାଇଥିଲା । ଏମକେସିଜିରେ କିରଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ସଦର ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ଅଟୋକୁ ଜବତ କରି ତଦନ୍ତ ଜାରି ରଖିଛି ।

# ବିଶ୍ୱ ଜଳାତଙ୍କ ଦିବସ

ଗୁଣପୁର,୨୮।୯( ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ଲିମାମେଡାଠାରେ ଥିବା ବାଳନିକେତନ ଶିଶୁଯତ୍ନ ଅନୁଷ୍ଠାନ ପରିସରରେ ଶନିବାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇଯାଇଛି । କୁକୁର, ବିଲୁଆଙ୍କ ଭଳି ମାଂସାସୀ ପଶୁ କାମୁଡିବା ଦ୍ୱାରା କିପରି ମାରାତ୍ମକ ରୋଗ ହୁଏ ଓ ଏହାର ପ୍ରତିକାର ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ଅନ୍ଧବିଶ୍ୱାସକୁ ଗ୍ରହଣ ନ କରି ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ କିପରି ଚିକିତ୍ସା କରାଯାଇପାରିବ ସେ ନେଇ ପିଲାଙ୍କୁ ଦୃଶ୍ୟ ଶ୍ରାବ୍ୟ ଉପକରଣ ମାଧ୍ୟମରେ ସଚେତନ କରାଯାଇଥିଲା । ଗୁଣୁପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଆଲୋକ ଆଚାର୍ଯ୍ୟ, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ରାଧେଶ୍ୟାମ ଦାସ, ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳକ ଡା.ସଞ୍ଜୟ ପାତ୍ର, ଭେଟେରିନାରୀ ଟେକ୍ନିସିଆନ ସତ୍ୟନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ପିଲାମାନେ ସଚେତନ କରୁଛନ୍ତି ।

# ଯୁବଗୋଷ୍ଠୀ ସ୍ୱାବଲମ୍ବୀ ହୋଇ ଅନ୍ୟଙ୍କୁ ନିଯୁକ୍ତି ଦେବାକୁ ପରାମର୍ଶ



କର୍ମଶାଳାରେ ଜିଲା ନିୟୋଜନ ଅଧିକାରୀଙ୍କ ସହ ଉପସ୍ଥିତ ଅନ୍ୟ ଅତିଥି ।

## ମେରା ଯୁବ ଭାରତ ପକ୍ଷରୁ ପିଏମ୍ ବିଶ୍ୱକର୍ମା ୱାର୍କଶପ୍

ରାୟଗଡ଼ା,୨୮।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ମେରା ଯୁବ ଭାରତ ପକ୍ଷରୁ ରାୟଗଡ଼ାସ୍ଥିତ ସରକାରୀ ଆଇଟିଆଇର ସହଭାଗିତାରେ ପିଏମ୍ ବିଶ୍ୱକର୍ମା ଯୋଜନା ଉପରେ ଏକ ୱାର୍କଶପ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ନିୟୋଜନ ଅଧିକାରୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଯୁବତୀଯୁବକ ଆତ୍ମନିର୍ଭରଶୀଳ ହୋଇ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ନିଯୁକ୍ତି ଦେଇପାରିବେ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଶକ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନର ସାଧାରଣ ସମ୍ପାଦକ ଅଖିଳ ରଞ୍ଜନ ପଣ୍ଡା, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ବିନୟ କୁମାର ବସନ୍ତରାୟ ଏବଂ ସିଟିସିର ସିନିୟର କନସଲଟାଣ୍ଟ ଅରୁଣ କୁମାର ସୌର୍ଯ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସରକାରଙ୍କ ବିଭିନ୍ନ ଯୋଜନାରେ ଯୁବତୀଯୁବକ ମାନେ ସାମିଲ ହୋଇ ଆତ୍ମନିର୍ଭରଶିଳ ହୋଇପାରିବେ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ମେରା ଯୁବ ଭାରତର ଏମ୍‌ଟିଏସ ଲକ୍ଷ୍ମୀନାରାୟଣ ସେଠୀ ବିଶଦ ବିବରଣୀ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଆଇଟିଆଇ ଅନୁଷ୍ଠାନର ସହକାରୀ ତାଲିମ ଅଧିକାରୀ ସନ୍ତୋଷ କୁମାର ସାହୁ ପରିଚାଳନା କରିଥିଲେ । ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ ଯୁବତୀ ଯୁବକ ଯୋଗଦେଇଥିଲେ ।

# ଖେଳ ଦ୍ୱାରା ସୁସ୍ଥ ସମାଜ ଗଠନ ହୋଇପାରିବ: ବିଧାୟକ

## ରାଜ୍ୟସ୍ତରୀୟ ସବ୍‌ଜୁନିଅର ବ୍ୟାଡମିଣ୍ଟନ ର୍‍ୟାଙ୍କିଂ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ରାୟଗଡ଼ା,୨୮।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡାସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ବ୍ୟାଡ଼ମିଣ୍ଟନ ହଲଠାରେ ଅନୁଷ୍ଠିତ ହେଉଥିବା ୩ ଦିନିଆ ରାଜ୍ୟସ୍ତରୀୟ ସବ୍-ଜୁନିଅର ର୍‍ୟାଙ୍କିଂ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛ । ଚିଫ ରେଫରୀ ସୁଧୀର କୁମାର ମିଶ୍ରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୭ ଓ ୧୫ ବର୍ଷରୁ କମ୍ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ଆକାଶବାଣୀ ଉଦ୍‌ଘୋଷାକ ସୂର୍ଯ୍ୟ ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ଯୋଗଦେଇଥିଲେ । ଜିଲା ବ୍ୟାଡ଼ମିଣ୍ଟନ ସଂଘର ସଭାପତି ହିମାଂଶୁ ଶେଖର ପାଣ୍ଡିଆ, ସମ୍ପାଦକ ସୁରେଶ ଚନ୍ଦ୍ର ପଣ୍ଡା, ଉପସଭାପତି ହେମନ୍ତ ଗୁଲାନି, ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ତାରାକାନ୍ତ ଦାସ, ଅବଜର୍ଭର ପ୍ରୀତପାଳ ସିଂ, ମ୍ୟାଚ ରେଫରୀ ସୁଧୀର କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ବିଧାୟକ କାଡ୍ରାକା ତାଙ୍କର ବକ୍ତବ୍ୟରେ କହିଥିଲେ, ଯୁବପିଢ଼ି ବ୍ୟାଡ଼ମିଣ୍ଟନ ଖେଳ ପ୍ରତି ଆଗ୍ରହ ପ୍ରକାଶ କରୁଥିବା ଏକ ଶୁଭ ସୂଚନା । ଆଜିର ଦିନରେ ସମସ୍ତେ ଖେଳ ପ୍ରତି ଆଗ୍ରହ ପ୍ରକାଶ ଉଚିତ, ଯଦ୍ୱାରା ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ।

ବାଳକ ଓ ବାଳିକା ବର୍ଗରେ ରାଜ୍ୟରୁ ପ୍ରାୟ ୧୫୦ ଖେଳାଳି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ । ଟୁର୍ଣ୍ଣାମେଣ୍ଟରେ ସିଙ୍ଗିଲ୍ସ, ଡବଲ୍ସ, ମିକ୍ସ ଡବଲ୍ସ ବର୍ଗରେ ମ୍ୟାଚ ଗୁଡିକ ଅନୁଷ୍ଠିତ ହୋଇଥିଲା । ୧୫ ବର୍ଷରୁ କମ ବାଳକ ବର୍ଗର ସିଙ୍ଗିଲ୍ସ ବିଭାଗରେ ହର୍ଷିତ ପ୍ରିୟଦର୍ଶୀ ବେହେରା ବିଜେତା ଓ ଆୟଙ୍କ କୁମାର ସାହୁ ଉପ ବିଜେତା, ବାଳିକା ସିଙ୍ଗିଲ୍ସ ବିଭାଗରେ ସମୃଦ୍ଧିରାଜ ବିଶ୍ୱାଳ ବିଜେତା, ଅଦିତି ସ୍ୱାଇଁ ଉପବିଜେତା, ବାଳକ ଡବଲ୍ସରେ ଆୟଙ୍କ କୁମାର ସାହୁ ଓ ହର୍ଷିତ ପ୍ରିୟଦର୍ଶୀ ବେହେରା ବିଜେତା, ନୀତେଶ ପଟ୍ଟନାୟକ ଓ ସାଇ ଚନ୍ଦ୍ର ମହାନ୍ତି ଉପବିଜେତା ହୋଇଛନ୍ତି । ସେହିପରି ବାଳିକା ଡବଲ୍ସ ବିଭାଗରେ ବୁଡୁସ୍ପୁ ଲକ୍ଷ୍ମୀ ରେଞ୍ଜୀ ଓ ରୀତିକା ଦାସ ବିଜେତା, ଅଲ୍ୟାଶା ପ୍ରଧାନ ଓ ସାଧିକା ସମ୍ପୂର୍ଣ୍ଣା ଦାସ ଉପ ବିଜେତା ହୋଇଥିଲେ । ମିକ୍ସ ଡବଲ୍ସ ବିଭାଗରେ ହର୍ଷିତ ପ୍ରିୟଦର୍ଶୀ ବେହେରା ଓ ଆଦ୍ୟାଶା ମହାପାତ୍ର ବିଜେତା ଓ ଦିପ୍ତିମୟ ଶର୍ମା ଓ ଆଲ୍ୟାଶା ପ୍ରଧାନ ଉପବିଜେତା ହୋଇଥିଲେ ।

ସେହିପରି ୧୭ ବର୍ଷରୁ କମ୍ ବର୍ଗର ପୁରୁଷ ସିଙ୍ଗିଲ୍ସ ବିଭାଗରେ ସୌମ୍ୟଜିତ ସାହୁ ବିଜେତା ଓ ବିଭୁଦତ୍ତ ବିଶ୍ୱାଳ ଉପବିଜେତା, ବାଳିକା ସିଙ୍ଗିଲ୍ସ ବିଭାଗରେ ସମୃଦ୍ଧିରାଜ ବିଶ୍ୱାଳ ବିଜେତା ଓ ସାଧିକା ସମୃଦ୍ଧି ଦାସ ଉପବିଜେତା ହୋଇଥିଲେ । ବାଳକ ଡବଲ୍ସ ବିଭାଗରେ ଅଂଶୁମାନ ସିଂ ଓ ଓଜୋଦୀପ ମାଝୀ ବିଜେତା ଓ ଅଂଶୁମାନ ପୁରୋହିତ ଓ ରେହାନ ପ୍ରଧାନ ଉପବିଜେତା ହୋଇଥିଲେ । ସେହିପରି ବାଳିକା ଡବଲ୍ସ ବିଭାଗରେ ବୁଡୁସ୍ପୁ ଲକ୍ଷ୍ମୀ ରେଞ୍ଜୀ ଓ ରୀତିକା ଦାସ ବିଜେତା ଓ ଜେସିକା ସାହୁ ଓ ସୋଫିଆ ପାଢ଼ୀ ଉପବିଜେତା, ମିକ୍ସଡ଼ ଡବଲ୍ସ ବିଭାଗରେ ସୋମ୍ୟଜିତ ସାହୁ ଓ ଜେସିକା ସାହୁ ବିଜେତା ତଥା ଅଂଶୁମାନ ସିଂ ଓ ଅଂଶୀକା ବିରୋକ ଉପବିଜେତା ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ଓଡିଶା ବ୍ୟାଡମିଣ୍ଟନ ସଂଘ ଅନୁମୋଦିତ ଟେକ୍ନିକାଲ ଅଫିସିଆଲ ଅବଜର୍ଭର ଅସିତ ପଟ୍ଟନାୟକ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଓଏସବିଏର ଟେକ୍ନିକାଲ ଅଫିସିଆଲ ସମୀର କୁମାର ସାହୁ, ଭୈରବ ଜୈନ, ବଦ୍ରି ନାରାୟଣ ମିଶ୍ର, ସୂର୍ଯ୍ୟ ପାଣିଗ୍ରାହୀ, ବିଶ୍ୱମୋହନ ଆଚାରୀ, ସିଦ୍ଧାର୍ଥ ମିଶ୍ର, ଜୟରାମ ବର୍ମା, ସୁବ୍ରତ ପୁରୋହିତ, ସନ୍ଦୀପ ଗଡ଼ନାୟକ, ସୁମନ ପାଣିଗ୍ରାହୀଙ୍କ ସହ ଆହୁରି ୨୪ ଜଣ ଅମ୍ପାୟାର ମ୍ୟାଚଗୁଡିକୁ ପରିଚାଳନା କରିଥିଲେ ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ ।

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା
No. T-: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା29.09.2025ରିଖ ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ସରକାରୀ ଛୁଟି ଦିବସ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0194/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................



ମନୋଜ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିନିୟର ପୁରୁଷ ଚୟନ କମିଟିରେ ଓଝା, ଆର୍‌ପି

**ମୁମ୍ବାଇ,୨୮।୯:** ଭାରତର ପୂର୍ବତନ କ୍ରିକେଟର ପ୍ରଜ୍ଞାନ ଓଝା ଓ ଆର୍‌ପି ସିଂ ରବିବାର ପୁରୁଷ ଜାତୀୟ ଦଳର ଚୟନ କମିଟିରେ ସାମିଲ ହୋଇଛନ୍ତି। ଦିଲ୍ଲୀର ଅମିତା ଶର୍ମାଙ୍କୁ ମହିଳା ଚୟନ କମିଟିର ମୁଖ୍ୟ ନିଯୁକ୍ତ କରାଯାଇଛି। ଶର୍ମା ଭାରତ ପାଇଁ ୨୦୦୨ରୁ ୨୦୧୪ ପର୍ଯ୍ୟନ୍ତ ୫ ଟେଷ୍ଟ, ୧୧୬ ଦିନିକିଆ ଓ ୪୧ ଟି୨୦ ମ୍ୟାଚ୍ ଖେଳିଥିଲେ। ପୂର୍ବତନ ଖେଳାଳି ଜୟା ଶର୍ମା ଓ ଶ୍ରବନ୍ତି ନାଇଡୁ ମଧ୍ୟ ପ୍ୟାନେଲରେ ସାମିଲ ହୋଇଛନ୍ତି। ଶ୍ୟାମା ଦେ ନିଜ ସ୍ଥାନ ବଜାୟ ରଖିଛନ୍ତି।

# ଚତୁର୍ଥ ରାଉଣ୍ଡ ସୁଦ୍ଧା ୧୫ ଅଗ୍ରଣୀ



ଆୟୋଜକଙ୍କ ଗହଣରେ ସମ୍ବର୍ଦ୍ଧିତ ଅତିଥିବୃନ୍ଦ।

## ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଅଲ୍ ଓଡ଼ିଶା ଫିଡେ ରେଟିଂ ଚେସ୍

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)**

ଏସ. ଆର. ଚେସ୍ ସେଣ୍ଟର ଆନୁକୂଲ୍ୟରେ କଟକ ଫୁଲନଖରାସ୍ଥିତ ଆମ୍ରପଲ୍ଲୀ ରିସର୍ଟରେ ଚାଲିଥିବା ପ୍ରଥମ ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଅଲ୍ ଓଡ଼ିଶା ଫିଡେ ରେଟିଂ ଚେସ୍ ପ୍ରତିଯୋଗିତାର ୨ ରାଉଣ୍ଡ ଖେଳ ରବିବାର ଅନୁଷ୍ଠିତ ହୋଇଯାଇଛି। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ୪ର୍ଥ ରାଉଣ୍ଡ ଶେଷରେ ୧୫ ଜଣ ଖେଳାଳି ପୂରା ୪ ପଏଣ୍ଟ ଲେଖାଏ ପାଇ ଅଗ୍ରଣୀଲାଭ କରିଛନ୍ତି। ଏହି ଖେଳାଳିମାନେ ହେଲେ ଟପ୍ ସିଡ୍ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର, ଓମ୍ ଆଦିତ୍ୟ ଖାଡ଼େଙ୍ଗା, ଲଳିତ ରଞ୍ଜନ ସାହୁ, ସାଜନ କୁମାର ନାୟକ, ଶ୍ରୀହାନ ସାବତ, କାର୍ଜି ମନିନ୍ଦ୍ର, ରାଜେନ୍ଦ୍ର କୁମାର ସାହୁ, ଆଦିତ୍ୟ ରଞ୍ଜନ ଦାସ, ସ୍ୱୟଂ ଲକ୍ଷ୍ମୀବତ୍ ସାବତ, ବିନିତ ନାଏକ, କ୍ଷେତ୍ରବର ମାଝି, ଚେମ୍ବୁରୁ ହେମ୍ବ୍ରମ, ଶ୍ରଦ୍ଧା ସ୍ମରଣିକା ନନ୍ଦ ଓ ଲେଲି ଜାକେଲା। ୭ ଖେଳାଳି ୩.୫ ପଏଣ୍ଟ ଲେଖାଏ ପାଇଛନ୍ତି। ୩ୟ ରାଉଣ୍ଡକୁ କଳାହାଣ୍ଡି ଜିଲା ଚେସ୍ ସମ୍ପାଦକ ରବୀନ୍ଦ୍ର ସାହୁ ଏବଂ ୪ର୍ଥ ରାଉଣ୍ଡକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ ପ୍ରଥମ ଚାଲ୍ ଚଳାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ଧରିତ୍ରୀର ସ୍ପୋର୍ଟ୍ସ ଜର୍ନାଲିଷ୍ଟ ତପନ କୁମାର ସ୍ୱାଇଁ, ବରିଷ୍ଠ ଚେସ୍ ପ୍ରଶିକ୍ଷକ ଦୁର୍ଗା ପ୍ରସାଦ ମହାପାତ୍ର ଏବଂ କ୍ରୀଡ଼ା ବିଭାଗର ଦୁଇ ଅଧିକାରୀ ସୋନାଲି ଚାନ୍ଦ ଓ ଅଭିଷିକ୍ତା ପଟ୍ଟନାୟକଙ୍କୁ ସ୍ୱତନ୍ତ୍ରଭାବେ ଟପ୍‌ସିଡ୍ ସୌମ୍ୟ ରଞ୍ଜନ ମିଶ୍ର, ବରିଷ୍ଠ ପ୍ରଶିକ୍ଷକ ରାଜେନ୍ଦ୍ର କୁମାର ସାହୁ ଏବଂ ଆୟୋଜକ ପ୍ରଦୀପ ପଣ୍ଡା ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ, ଭବେଶ ମହାନ୍ତି, ପିଙ୍କି ମହାପାତ୍ର, ଫିଡେ ଆର୍ବିଟର ଅଭିଷେକ ଆଚାର୍ଯ୍ୟ, ସୂରଜ ମହାରଣା, ଏସ୍‌ଏନ୍‌ଏ ରବିକୁମାର ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଅବିନାଶ ଦାସ, ଅନିମେଶ ରାୟ, ସୂର୍ଯ୍ୟମିତ୍ର ସେନ୍, ସର୍ବେଶ୍ୱର ସାହୁ, ମାନସ ରଞ୍ଜନ ପଟ୍ଟନାୟକ, ରିତିକ ସାହୁ ଓ ପ୍ରଣତି ସେନ ସହଯୋଗ କରିଥିଲେ। ଆଉ ୪ ରାଉଣ୍ଡ ଖେଳ ସହ ମଙ୍ଗଳବାର ସନ୍ଧ୍ୟାରେ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସଙ୍କ ଦ୍ୱାରା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ସାଙ୍ଗଠନିକ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘ ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାକୁ ଏସ୍‌ଆର୍ ଚେସ୍ ସେଣ୍ଟର ପକ୍ଷରୁ ଆୟୋଜନ କରାଯାଉଛି। ୨୧ ଜିଲାରୁ ୧୩୩ ଅନ୍ତର୍ଜାତୀୟ ରେଟେଡ଼ ଖେଳାଳିଙ୍କ ସହ ରେକର୍ଡ ସଂଖ୍ୟକ ମୋଟ ୩୩୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୫୩ ମହିଳା, ଜଣେ ଭିନ୍ନକ୍ଷମ, ଜଣେ ଦୃଷ୍ଟିବାଧିତ, ଜଣେ ବଧିର, ୬ ଜଣ ୬୦ ବର୍ଷରୁ ଊର୍ଦ୍ଧ୍ୱ ଓ ୪ ଜଣ ୫ ବର୍ଷରୁ କମ୍ ଖେଳାଳି ସାମିଲ ଅଛନ୍ତି।

# ମିଥୁନ ମନହାସ୍ ବିସିସିଆଇ ନୂଆ ସଭାପତି

**ମୁମ୍ବାଇ,୨୮।୯(ପି.ଟି.)**

ଦିଲ୍ଲୀର ପୂର୍ବତନ ଅଧିନାୟକ ମିଥୁନ ମନହାସ୍ ରବିବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କାର୍ଯ୍ୟାଳୟରେ ଅନୁଷ୍ଠିତ ୯୪ତମ ଏଜିଏମ୍‌ରେ ନୂଆ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ବୋର୍ଡ ସମ୍ପାଦକ ଦେବଜିତ ସାଇକିଆ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିଜ ପଦବୀ ବଜାୟ ରଖିଛନ୍ତି। ୪୫ ବର୍ଷୀୟ ମିଥୁନ ବିସିସିଆଇର ୩୭ତମ ସଭାପତି ଭାବେ ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି। ତାଙ୍କ ପୂର୍ବରୁ ପୂର୍ବତନ କ୍ରିକେଟର ରୋଜର ବିନି ସଭାପତି ଥିଲେ। ବିନି ଗତ ମାସରେ ୭୦ ବର୍ଷ ବୟସରେ ପାଦଦେବା ପରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଓ ବିନିଙ୍କ ପରେ ମିଥୁନ କ୍ରମାଗତ ତୃତୀୟ ଫାଷ୍ଟ-କ୍ଲାସ ଖେଳାଳି ଭାବେ ବିସିସିଆଇ ସଭାପତି ହୋଇଛନ୍ତି। ମିଥୁନ ୧୫୭ ଫାଷ୍ଟ-କ୍ଲାସ, ୧୩୦ ଲିଷ୍ଟ ଏ’ ଓ ୫୫ ଆଇପିଏଲ ମ୍ୟାଚ୍ ୧୯୯୭-୯୮ରୁ ୨୦୧୬-୧୭ ପର୍ଯ୍ୟନ୍ତ ଖେଳିଛନ୍ତି। ନାମାଙ୍କନ ଦାଖଲ କରିବାର ଅନ୍ତିମ ଦିନ ପୂର୍ବରୁ ସେ ସଭାପତି ହେବା ନିଶ୍ଚିତ ହୋଇଥିଲା। ସେ ବିସିସିଆଇ ଦ୍ୱାରା ଜମ୍ମୁ-କଶ୍ମୀର ରାଜ୍ୟ କ୍ରିକେଟ ଆସୋସିଏଶନ (ଜେକେସିଏ)ର ପରିଚାଳନା ଲାଗି ଗଠିତ ୩ ଜଣିଆ ଆଡ୍-ହକ କମିଟିର ସଦସ୍ୟ ଥିଲେ।

‘‘ବିଶ୍ୱର ସବୁଠୁ ଶକ୍ତିଶାଳୀ ବୋର୍ଡର ସଭାପତି ହେବା ଏକ ସମ୍ମାନର ବିଷୟ। ଏହା ଏକ ବଡ଼ ଦାୟିତ୍ୱ ମଧ୍ୟ। ମୁଁ ମୋ ସମ୍ପୂର୍ଣ୍ଣ ଦକ୍ଷତା ଓ ନିଷ୍ଠାର ସହିତ ନିଜ କାର୍ଯ୍ୟ ପ୍ରତି ପ୍ରତିବଦ୍ଧ ରହିବି ବୋଲି ଆଶ୍ୱାସନା ଦେଉଛି। ଜଣେ ପ୍ରଶାସକ ଓ କ୍ରିକେଟର ଭାବେ ମୋ ଅଭିଜ୍ଞତା ମୋତେ ଏଥିରେ ସାହାଯ୍ୟ କରିବ। ଗତ ୪ ବର୍ଷ ହେଲା ମୁଁ ଜେକେସିଏ ସହ କାର୍ଯ୍ୟ କରିଛି ଏବଂ ଭଲ କାର୍ଯ୍ୟ କରିଛି। ଏହା ମୋତେ ସହାୟ ହେବ’’ ବୋଲି ମନହାସ୍ ତାଙ୍କ ପ୍ରଥମ ପ୍ରତିକ୍ରିୟାରେ କହିଛନ୍ତି।

ଏଜିଏମ୍‌ରେ ବିସିସିଆଇ ସମ୍ପାଦକ ସାଇକିଆ ଓ ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ ଚେୟାରମ୍ୟାନ ଅରୁନ ଧୁମଲ ନିଜ ପଦ ବଜାୟ ରଖିଛନ୍ତି। ପୂର୍ବତନ ଭାରତ କ୍ରିକେଟର ତଥା କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ ସଭାପତି (କେଏସ୍‌ସିଏ) ସଭାପତି ରଘୁରାମ ଭଟ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଭେଟେରାନ ପ୍ରଶାସକ ରାଜୀବ ଶୁକ୍ଲା ବୋର୍ଡର ଉପସଭାପତି ଭାବେ କାର୍ଯ୍ୟ ଜାରି ରଖିବାକୁ ଥିବାବେଳେ ଏମ୍ ଖାଇରୁଲ ଜମାଲ ମଜୁମଦାରଙ୍କୁ ଧୁମଲଙ୍କ ସହ ଆଇପିଏଲ ଜିସିରେ ପ୍ରତିନିଧି ଭାବେ ସାମିଲ କରାଯାଇଛି। ପୂର୍ବରୁ କୋଷାଧ୍ୟକ୍ଷ ଥିବା ପ୍ରଭତେଜ ଯୁଗ୍ମ ସମ୍ପାଦକ ଭାବେ ରୋହନ ଗାଉନ୍ସ ଦେଶାଇଙ୍କ ସ୍ଥାନ ନେଇଛନ୍ତି। ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ସଭାପତି ତଥା ପୂର୍ବତନ କ୍ରିକେଟର ଜୟଦେବ ଶାହା କାର୍ଯ୍ୟକାରୀ ପରିଷଦ ସଦସ୍ୟ ହୋଇଛନ୍ତି। କାର୍ଯ୍ୟକାରୀ କାଉନ୍‌ସିଲର ବିଭିନ୍ନ ପଦ ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିବା ପ୍ରତ୍ୟେକ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ସେମାନଙ୍କୁ ନିର୍ଦ୍ୱନ୍ଦ୍ୱରେ ଚୟନ କରାଯାଇଛି ବୋଲି ସାଇକିଆ କହିଛନ୍ତି।



ବିସିସିଆଇର ନୂଆ ସଭାପତି ମିଥୁନ ମନହାସ୍ (ଡାହାଣ)।

# ରେକର୍ଡ ଭାଙ୍ଗିଲେ ରାହୁଲ

**ଲଣ୍ଡନ, ୨୮।୯ (ପି.ଟି.):** ଭାରତର ଲେଗ୍ ସ୍ପିନର ରାହୁଲ ଚହର ସରେ ପାଇଁ ପଦାର୍ପଣ ମ୍ୟାଚ୍‌ରେ ୮ ଉଇକେଟ ନେଇ କାଉଣ୍ଟି କ୍ରିକେଟର ୧୬୬ ବର୍ଷର ପୁରୁଣା ରେକର୍ଡ ଭଙ୍ଗ କରିଛନ୍ତି। ସେ ହାମ୍ପଶାୟାର ବିପକ୍ଷ ମ୍ୟାଚ୍‌ରେ ୫୧ ରନ ଦେଇ ୮ ଉଇକେଟ ନେଇଛନ୍ତି। ଏଥିପୂର୍ବରୁ ପଦାର୍ପଣ ମ୍ୟାଚ୍‌ରେ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିବା ରେକର୍ଡ ୱିଲିଆନ ମୁଡଲେ (୬୧/୭)ଙ୍କ ନାମରେ ଥିଲା।

# ଓଡ଼ିଶା ବାଳକ ଥ୍ରୋ ବଲ୍ ଦଳକୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)**

କର୍ନାଟକରେ ଅନୁଷ୍ଠିତ ୩୫ତମ ଜାତୀୟ ଜୁନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳକ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। କ୍ୱାର୍ଟର ଫାଇନାଲରେ କେରଳକୁ ୨-୦ ସେଟ୍‌ରେ ହରାଇଥିବା ଓଡ଼ିଶା ସେମିଫାଇନାଲରେ ଦିଲ୍ଲୀଠାରୁ ୧-୨ରେ ପରାଜିତ ହୋଇଥିଲା। ବ୍ରୋଞ୍ଜ ପଦକ ପାଇଁ ଅନୁଷ୍ଠିତ ମୁକାବିଲାରେ ଓଡ଼ିଶା ୨-୧ରେ ତାମିଲନାଡୁକୁ ପରାସ୍ତ କରିଛି। ସର୍ଭିସରେ ଉପ ଅଧିନାୟକ ବିଜୟ ସାହୁ ୫ ପଏଣ୍ଟ ଏବଂ ଶିବଶଙ୍କର ମଣ୍ଡୋଇ ୩ ପଏଣ୍ଟ ହାସଲ କରି ଓଡ଼ିଶା ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ ସଭାପତି ଭୂପିନ୍ଦର ସିଂ ଓ ଅନ୍ୟ ସଦସ୍ୟମାନେ ଓଡ଼ିଶା ଦଳ ଖେଳାଳିଙ୍କ ସହ କୋଚ୍ ସୁଶାନ୍ତ ଦାସଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଥ୍ରୋ ବଲ୍ ଦଳ।

# ବିସିସିଆଇ ଜାତୀୟ ଚୟନ କମିଟିରେ ୩ ଓଡ଼ିଆ

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜାତୀୟ ଚୟନ କମିଟିରେ ଓଡ଼ିଶା ଖେଳାଳିଙ୍କ ଗୁରୁତ୍ୱ ବଢ଼ିବାରେ ଲାଗିଛି। ପ୍ରଥମଶ୍ରେଣୀ କ୍ରିକେଟରେ ଆନ୍ଧ୍ର ପ୍ରଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ପ୍ରଜ୍ଞାନ ଓଝା ଏବେ ଜାତୀୟ ଚୟନ କମିଟିର ନୂଆ ସଦସ୍ୟ ହୋଇଛନ୍ତି। ପୂର୍ବରୁ ଶିବ ସୁନ୍ଦର ଦାସ ଏହି କମିଟିର ସଦସ୍ୟ ଦାୟିତ୍ୱରେ ଅଛନ୍ତି। ଏହା ବ୍ୟତୀତ ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଏବେ ୧୯ ବର୍ଷରୁ କମ୍ ଭାରତୀୟ ପୁରୁଷ ଦଳର ଫାଷ୍ଟ-ବୋଲିଂ କୋଚ୍ ଅଛନ୍ତି। ପୂର୍ବରୁ ସେ ସିନିୟର ଚୟନ କମିଟିର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ଓଡ଼ିଶା ଖେଳାଳିଙ୍କୁ ଗୁରୁତ୍ୱ ମିଳୁଥିବାରୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଆଇସିସି ଚେୟାରମ୍ୟାନ ଜୟ ଶାହା, ବିସିସିଆଇ ସଭାପତି ମିଥୁନ ମନହାସ୍ ଓ ସମ୍ପାଦକ ଦେବଜିତ ସାଇକିଆଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସୁରେନ୍ଦ୍ର ସ୍ମାରକୀ ଚେସ୍: ଦୀପ୍ତିରଞ୍ଜନ ଚାମ୍ପିୟନ

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ସୁରେନ୍ଦ୍ର ପ୍ରସାଦ ଦାସ ସ୍ମାରକୀ ଓପନ ଚେସ୍‌ରେ ଯାଜପୁରର ଦୀପ୍ତିରଞ୍ଜନ ନାୟକ ଚାମ୍ପିୟନ ହୋଇଛନ୍ତି। ସେ ୫ ରାଉଣ୍ଡରୁ ପୂରା ୫ ପଏଣ୍ଟ ପାଇଛନ୍ତି। ଲରେନ୍ସ ପ୍ରଧାନ ଓ ଦିବ୍ୟାଂଶୁ କୁମାର ପଶାୟତ ୪ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଶୀର୍ଷ ୭ ଖେଳାଳିଙ୍କ ବ୍ୟତୀତ ଏଜ୍ ଗ୍ରୁପ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀ ଏବଂ ୧୦ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସିଡ୍ରିମ୍‌ଜ ଇ-କମର୍ସର ଏମ୍‌ଡି ଚିତ୍ତରଞ୍ଜନ ଦେବତା, ସ୍କୁଲ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଶୁଭଶ୍ରୀ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।


## ୩୨ତମ ଜନ୍ମଦିନ ଶୁଭେଚ୍ଛା





ମନୋଜ କୁମାର ସାହୁ(ମନୁଆ)
ଗ୍ରାମ- କୁକୁଡାଘାଇ ପାଟଣା


ଆଜି ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ ତତେ ଭଗବାନ ଦୀର୍ଘାୟୁ ଓ ନୀରୋଗ ରଖନ୍ତୁ ଏହାହିଁ ଆମର କାମନା ଓ ଆଶୀର୍ବାଦ।

**ଶୁଭେଚ୍ଛାସହ:**
ବାପା, ଦାଦା, ପାପୁନି, କବିତା, ରଞ୍ଜିତା, ଆଲୋକ, ଅମୁଦାଦା, ପବି, ବବୁଲ୍, ସନିଆ ଦାଦା, ଖଲିଆ ଦାଦା, ମିଥୁନ।

ଧ-୨୧୫୨

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



ଂଭବାନୀ ଚରଣ ପଟନାୟକ
(1934-2025)

ତିରୋଧାନ: ୨୩.୦୯.୨୦୨୫,
ଅପରାହ୍ନ ୧ ଘଣ୍ଟା ୩୦ ମିନିଟ୍

ଆପଣଙ୍କ ସ୍ନେହ, ଶିକ୍ଷା ଓ ଆଶୀର୍ବାଦ ଆମ ସହ ସବୁବେଳେ ରହିବ। ଆମ ହୃଦୟରେ ଆପଣଙ୍କ ସ୍ମୃତି ସବୁଦିନ ପାଇଁ ଅମର ହୋଇ ରହିବ। ଆପଣଙ୍କ ଆତ୍ମାକୁ ଶାନ୍ତି ମିଳୁ।

**ଶୋକସନ୍ତପ୍ତ**
ଜିତୁନୀ, ଟୁଟୁ, ଗୁଡ଼ିଆ, ପ୍ରଥମ, ସ୍ୱାଗତ, ମିନି, ରାଜେନ୍ଦ୍ର, କୀର୍ତ୍ତି ଓ କେତନ

ଧ-୨୧୫୨

### ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂଇଂ ଦୀପ୍ତିରଞ୍ଜନ ମହାପାତ୍ର (ବାବୁନା)
ନିଳାଦ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୦/୦୮/୧୯୭୮
ତିରୋଧାନ : ୧୯/୧୦/୨୦୦୭ (ମହାଷ୍ଟମୀ)

ଧନରେ, ଚାହୁଁ ଚାହୁଁ ଅଠର ବର୍ଷ ବିତିଗଲା। ହେଲେ, ତୋର ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୋର ସେହି ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଓ ନିଷ୍ଠାପରତା ପ୍ରତି ମୁହୂର୍ତ୍ତରେ ଆମମାନଙ୍କ ମନକୁ ଆନ୍ଦୋଳିତ କରୁଛି। ତୁ ଯେଉଁଠି ଥାଆ, ଭଲରେ ଥାଆ ଓ ତୋର ଅମର ଆତ୍ମାର ସଦ୍‌ଗତି ହେଉ, ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ :** ଅତି ଆଦରର ବୋଉ ଓ ନନା, ବଡ଼ବାପା ଓ ଖୁଡ଼ିମାନେ, ନାନୀ ଓ ଭାଇନାମାନେ, ଭାଇନା ଓ ଭାଉଜମାନେ, ମାମୁଁ ଓ ମାଇଁ, ପିଉସା ଓ ପିଉସୀମାନେ, ଭାଇ ଓ ଭଉଣୀମାନେ, ଭାଣିଜୀ- ମୁନ୍‌ମୁନ୍ ଓ ଭୂମି, ଭଣଜା-ଆଦି ଓ ଅନ୍ୟାନ୍ୟ ପରିବାରବର୍ଗ।

ଧ-୦୧୦୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଂମଧୁସୂଦନ ଦାସ
ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିରୀକ୍ଷକ
ଲଞ୍ଜାତରା, ବିଲଣା, ତିହିଡ଼ି, ଭଦ୍ରକ
ଆବିର୍ଭାବ: ୨୨।୦୩।୧୯୪୧
ତିରୋଧାନ: ୨୯।୦୯।୨୦୨୪

ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀତିନିୟନ୍ତା ପରମେଶ୍ୱର ଜଗତରନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:** ପତ୍ନୀ- ରତ୍ନମଣି ଦାସ, ଝିଅ- ଡା. ମିନତୀଲତା ଦାସ, ପୁଅ- ଡା. ବିଜୟ ଦାସ, ଡା. ସଞ୍ଜୟ ଦାସ, କଳିଙ୍ଗ କୁମାର ଦାସ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୨୧୫୮

### ଧରିତ୍ରୀ DHARITRI Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# Classified Everyday
0674-2580101, 9692975378



REAL ESTATE

SALE

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492. D-2018



Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613. D-1985

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LOST

I, Snehalata Bagarti, D/o- Radheshyam Kathar, R/o. At-Gaidharpali, P.O.- Salesingha, P.S.- Dhama, District- Sambalpur, declare that I have lost the original registered sale deed vide RSD No. 11622101857, dated-09-04-2021, some where while I was at daily market Jujomura on dated- 20.08.2025 and inspite of repeated search it could not be traced out. D-2159

## AFFIDAVIT

I, NIHAR RANJAN PATTANAIK HAVE CHANGED MY NAME TO NIHAR RANJAN PATTNAIK AS PER AADHAAR CARD. D-2154

I, INDIRA DEVI PATTNAIK, DAUGHTER OF LATE UMESH CHANDRA PATTNAIK, HEREBY STATE THAT THE SPELLING OF MY LATE FATHER'S NAME IS UMESH CHANDRA PATTNAIK. IN MY PASSPORT, HIS NAME WAS WRONGLY TYPED AS "UMESH CHANDRA PATNAIK," WHICH MAY BE TREATED AS REFERRING TO THE SAME PERSON. D-2155

I, NIHAR RANJAN PATTNAIK, SON OF LATE KRISHNA CHANDRA PATTNAIK, HEREBY STATE THAT THE SPELLING OF MY LATE FATHER'S NAME IS KRISHNA CHANDRA PATTNAIK. IN MY PASSPORT, HIS NAME WAS WRONGLY TYPED AS "KRUSHNA CHANDRA PATTANAIK," WHICH MAY BE TREATED AS REFERRING TO THE SAME PERSON. D-2156

I, INDIRA DEVI PATNAIK HAVE CHANGED MY NAME TO INDIRA DEVI PATTNAIK AS PER AADHAAR CARD. D-2157

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ରକ୍ତ ଚନ୍ଦ୍ରମା



ନିକୁଞ୍ଜ ବିହାରୀ ସାହୁ

''ସୂର୍ଯ୍ୟର କିଛି ଲାଲ୍ ରଶ୍ମି ପୃଥିବୀର ବାୟୁମଣ୍ଡଳ ଦ୍ୱାରା ପ୍ରତିସରଣ ପ୍ରଭାବରୁ ବଙ୍କେଇ ଯାଇ ଚନ୍ଦ୍ର ଉପରେ ପଡ଼ିଥାଏ। ପୁଣି ବାୟୁମଣ୍ଡଳରେ ଥିବା ଧୂଳିକଣାର ବିଚ୍ଛୁରଣ ଫଳରେ କମ୍ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ନୀଳ ରଶ୍ମି ବିଚ୍ଛୁରିତ ହୋଇ ଏଣେତେଣେ ଚାଲିଯାଏ ଏବଂ କେବଳ ଅଧିକ ତରଙ୍ଗ ଦୈର୍ଘ୍ୟର ଲାଲ୍ କିରଣ ହିଁ ଚନ୍ଦ୍ରପୃଷ୍ଠରେ ପହଞ୍ଚିଥାଏ। ଫଳରେ ଗ୍ରହଣର ଚରମ ଅବସ୍ଥାରେ ଚନ୍ଦ୍ର ସମ୍ପୂର୍ଣ୍ଣ ଅଦୃଶ୍ୟ ନ ହୋଇ ଏକ ରକ୍ତ ବର୍ଣ୍ଣର ପିଣ୍ଡ ସଦୃଶ ଆକାଶରେ ଝୁଲି ରହେ। ଏହାକୁ ହିଁ 'ରକ୍ତ ଚନ୍ଦ୍ରମା' କହନ୍ତି।''



ଚଳିତ ମାସ ୭ ତାରିଖରେ ଏକ ପୂର୍ଣ୍ଣ ଚନ୍ଦ୍ର ଗ୍ରହଣ ଦେଖିବାକୁ ମିଳିଥିଲା। ଏହା ଭାରତ ସମେତ ପୃଥିବୀର ଅଧିକାଂଶ ଭୂଭାଗରେ ଦେଖାଯାଇଥିଲା। ଏହା ଏକ ରକ୍ତ ଚନ୍ଦ୍ରମା ଥିବାରୁ ଏହାର ଦର୍ଶନ ସାଧାରଣ ଜନତାଙ୍କ ମନରେ ଗଭୀର କୌତୂହଳ ଓ ଆଶଙ୍କା ସୃଷ୍ଟି କରିଥିଲା। ଏହି ଚନ୍ଦ୍ରଗ୍ରହଣ ସମୟରେ ଲୋକଙ୍କ ମନରେ ଅନେକ ଅନ୍ଧବିଶ୍ୱାସ ଓ ଭ୍ରାନ୍ତ ଧାରଣା ପରିଲକ୍ଷିତ ହୋଇଥିଲା। ମନ୍ଦିରରେ ଦେବନୀତିରେ ପରିବର୍ତ୍ତନ କରାଯାଇଥିଲା। ପାକ ପ୍ରକ୍ରିୟା, ଦୂର ଯାତ୍ରା ତଥା ଭୋଜନ ଉପରେ କଟକଣା ଜାରି କରାଯାଇଥିଲା। ଗ୍ରହଣ ଉପରାନ୍ତେ ଲୋକେ ନଦୀ କିମ୍ବା ପୁଷ୍କରିଣୀରେ ତୁରନ୍ତ ସ୍ନାନ କରିଥିଲେ। ତେବେ ପ୍ରଶ୍ନ ହେଉଛି: ଚନ୍ଦ୍ର ଗ୍ରହଣ କାହିଁକି ହୁଏ ଏବଂ ବେଳେବେଳେ ରକ୍ତ ଚନ୍ଦ୍ରମା ଦେଖିବାକୁ ମିଳେ କାହିଁକି? ଏ ସମ୍ପର୍କରେ ଥିବା ଆମର ପାରମ୍ପରିକ ଧାରଣା କେତେ ଦୂର ଯଥାର୍ଥ ?


ପ୍ରକୃତରେ ଚନ୍ଦ୍ରଗ୍ରହଣ ଏକ ମହାକାଶୀୟ ଘଟଣା ଏବଂ ଛାଇ ଆଲୁଅର ଖେଳ। ସୂର୍ଯ୍ୟ ଚାରିପଟେ ପୃଥିବୀ ଓ ଚନ୍ଦ୍ର ନିଜ କକ୍ଷପଥରେ ଘୂରୁଥିଲାବେଳେ କେବେ କେବେ ଏକ ପୂର୍ଣ୍ଣିମା ତିଥିରେ ସେ ତିନୋଟି ପିଣ୍ଡ ଏକ ସରଳରେଖାରେ ରହିଯାନ୍ତି। ଏହି ଅବସ୍ଥାରେ ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରେ ପୃଥିବୀ ରହିଗଲେ ପୃଥିବୀର ଛାଇ ଚନ୍ଦ୍ର ଉପରେ ପଡ଼େ ଏବଂ ଚନ୍ଦ୍ର କ୍ଷଣିକ ପାଇଁ ଆକାଶରୁ ଅନ୍ତର୍ହିତ ହୋଇଯାଏ। ଏହା ହିଁ ଚନ୍ଦ୍ର ଗ୍ରହଣ। ମାତ୍ର ପୃଥିବୀର କକ୍ଷତଳ ପ୍ରତି ଚନ୍ଦ୍ରର କକ୍ଷତଳର ଆନତି ହେତୁ (ପ୍ରାୟ ୫ ଡିଗ୍ରୀ) ସବୁ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ହୁଏ ନାହିଁ; କେତେକ ନିର୍ଦ୍ଦିଷ୍ଟ ପୂର୍ଣ୍ଣମୀରେ ହିଁ ଚନ୍ଦ୍ରଗ୍ରହଣ ହୋଇଥାଏ। ତେବେ ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ସମୟରେ ସୂର୍ଯ୍ୟ ଆକାଶରୁ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇ ଯାଉଥିଲାବେଳେ ଏକ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣରେ କିନ୍ତୁ ଚନ୍ଦ୍ର ସମ୍ପୂର୍ଣ୍ଣ ଅଦୃଶ୍ୟ ହୁଏ ନାହିଁ; ଏହା ଏକ ମଳିନ ଲାଲ କିମ୍ବା କମଳା ବର୍ଣ୍ଣର ପିଣ୍ଡ ରୂପେ ଆକାଶରେ ରହିଯାଏ। ଏହାର କାରଣ ସୂର୍ଯ୍ୟର କିଛି ଲାଲ ରଶ୍ମି ପୃଥିବୀର ବାୟୁମଣ୍ଡଳ ଦ୍ୱାରା ପ୍ରତିସରଣ ପ୍ରଭାବରୁ ବଙ୍କେଇ ଯାଇ ଚନ୍ଦ୍ର ଉପରେ ପଡ଼ିଥାଏ। ପୁଣି ବାୟୁମଣ୍ଡଳରେ ଥିବା ଧୂଳିକଣାର ବିଚ୍ଛୁରଣ ଫଳରେ କମ୍ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ନୀଳ ରଶ୍ମି ବିଚ୍ଛୁରିତ ହୋଇ ଏଣେତେଣେ ଚାଲିଯାଏ ଏବଂ କେବଳ ଅଧିକ ତରଙ୍ଗ ଦୈର୍ଘ୍ୟର ଲାଲ କିରଣ ହିଁ ଚନ୍ଦ୍ର ପୃଷ୍ଠରେ ପହଞ୍ଚ ଥାଏ। ଫଳରେ ଗ୍ରହଣର ଚରମ ଅବସ୍ଥାରେ ଚନ୍ଦ୍ର ସମ୍ପୂର୍ଣ୍ଣ ଅଦୃଶ୍ୟ ନ ହୋଇ ଏକ ରକ୍ତ ବର୍ଣ୍ଣର ପିଣ୍ଡ ସଦୃଶ ଆକାଶରେ ଝୁଲି ରହେ। ଏହାକୁ ହିଁ 'ରକ୍ତ ଚନ୍ଦ୍ରମା' କହନ୍ତି।

ଚନ୍ଦ୍ର ଗ୍ରହଣ ସମ୍ପର୍କରେ ବିଭିନ୍ନ ସଂସ୍କୃତିରେ ଅନେକ ବିଶ୍ୱାସ, ଅନ୍ଧବିଶ୍ୱାସ ରହିଛି। ମଧ୍ୟ ଆମେରିକାରେ ଖ୍ରୀଷ୍ଟପୂର୍ବ ୨୦୦୦ରେ ବାସ କରୁଥିବା ମୟମାନେ ବିଶ୍ୱାସ କରୁଥିଲେ ଯେ, ଚନ୍ଦ୍ରକୁ ଆକାଶରେ ଏକ ଜାଗୁଆର ଭଳି ହିଂସ୍ର ଜୀବ ଭକ୍ଷଣ କରିବାରୁ ଚନ୍ଦ୍ର ସାମୟିକ ପାଇଁ ଅଦୃଶ୍ୟ ହୋଇଯାଏ। ସେହିପରି ଦକ୍ଷିଣ ଆମେରିକାରେ ୧୪୦୦ରୁ ୧୫୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ବାସ କରୁଥିବା ଇନକାମାନେ ବିଶ୍ୱାସ କରୁଥିଲେ ଯେ, ଏକ ହେଟାବାଘ ଜାତୀୟ ଜୀବ ଚନ୍ଦ୍ରଗ୍ରହଣ ସମୟରେ ଚନ୍ଦ୍ରକୁ ଆକାଶରେ ଖାଇଦିଏ। ଫଳରେ ଚନ୍ଦ୍ର ରକ୍ତ ବର୍ଣ୍ଣ ପାଲଟିଯାଏ। ସେମାନଙ୍କ ବିଶ୍ୱାସ ଯେ, ଏହି ଜୀବ ଆକାଶରେ ଚନ୍ଦ୍ରକୁ ଭକ୍ଷଣ କଲାପରେ ପୃଥିବୀକୁ ଫେରି ସମସ୍ତ ଜୀବଜନ୍ତୁଙ୍କୁ ମଧ୍ୟ ଖାଇଯିବ। ତେଣୁ ସେମାନେ ଏହି ଜୀବକୁ ଘଉଡ଼ାଇବା ପାଇଁ ବାଜା ବଜେଇ ଆକାଶକୁ ତୀର ଓ ବର୍ଚ୍ଛା ନିକ୍ଷେପ କରୁଥିଲେ। ଚାଇନାରେ ଲୋକଙ୍କର ବିଶ୍ୱାସ ଥିଲା ଯେ, ଏକ ଭୟଙ୍କର ଡ୍ରାଗନ କିମ୍ବା ପୁରାଣ ବର୍ଣ୍ଣିତ 'ଚନ୍ ଚୁ' ନାମକ ଏକ ବିଚିତ୍ର ତିନିଗୋଡ଼ିଆ ବେଙ୍ଗ ଆକାଶରେ ଚନ୍ଦ୍ରକୁ ଭକ୍ଷଣ କରେ। ମେସୋପଟାମିଆ ସଭ୍ୟତାରେ ଲୋକେ ବିଶ୍ୱାସ କରୁଥିଲେ ଯେ, ଚନ୍ଦ୍ର ଗ୍ରହଣ ସମୟରେ ସାତୋଟି ରାକ୍ଷସ ଚନ୍ଦ୍ରକୁ ଆକ୍ରମଣ କରିଥାନ୍ତି। ସେମାନେ ବିଶ୍ୱାସ କରୁଥିଲେ ଯେ, ସେହି ରାକ୍ଷସମାନେ ଚନ୍ଦ୍ରକୁ ଆକ୍ରମଣ କଲାପରେ ପୃଥିବୀକୁ ଫେରି ନିଜ ରାଜାଙ୍କୁ ମଧ୍ୟ ଆକ୍ରମଣ କରିବେ। ସେଥିପାଇଁ ସେମାନେ ନିଜ ରାଜାଙ୍କୁ ରକ୍ଷା କରିବା ପାଇଁ ତାଙ୍କୁ ଲୁଚାଇ ଏକ ନକଲି ରାଜାଙ୍କ ଅବତାରଣା କରୁଥିଲେ। ଗ୍ରହଣ ସମ୍ପୂର୍ଣ୍ଣ ଛାଡିଗଲା ପରେ, ସେମାନେ ପ୍ରକୃତ ରାଜାଙ୍କୁ ଗୋପନରୁ ବାହାର କରି ନକଲି ରାଜାଙ୍କୁ ଲୁଚାଇ ଦେଉଥିଲେ କିମ୍ବା ବିଷ ଦେଇ ଜୀବନରୁ ମାରି ଦେଉଥିଲେ। ହିନ୍ଦୁମାନଙ୍କର ବିଶ୍ୱାସ ଯେ, ରାହୁ ନାମକ ଏକ କ୍ଷୁଧିତ ଦାନବ ଚନ୍ଦ୍ର ଗ୍ରହଣ ସମୟରେ ଚନ୍ଦ୍ରକୁ ଗିଳି ଦିଏ। ମାତ୍ର ଭଗବାନ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରରେ ରାହୁର ଶିର କାଟି ଦେଇଥିବାରୁ ଚନ୍ଦ୍ର କିଛି ସମୟ ପରେ ରାହୁ ଦାନବର ଗଳା ମଧ୍ୟରୁ ନିର୍ଗତ ହୋଇ ଆକାଶରେ ଦୃଶ୍ୟ ହୁଏ ; ଅର୍ଥାତ ଗ୍ରହଣ ସମ୍ପୂର୍ଣ୍ଣ ଛାଡିଯାଏ। ରକ୍ତ ଚନ୍ଦ୍ରମା ସମ୍ପର୍କରେ ବାଇବେଲରେ ମଧ୍ୟ ବର୍ଣ୍ଣନା ଅଛି। ଏହା ସମୁଦାୟ ଖ୍ରୀଷ୍ଟ ଜଗତ ପାଇଁ ଅଶୁଭର ସଙ୍କେତ ବୋଲି ବିଶ୍ୱାସ କରାଯାଏ।

ଅତୀତରେ ପ୍ରଖ୍ୟାତ ଇଟାଲୀୟ ନାବିକ କଲମ୍ବସ ଥରେ ଏହିପରି ଏକ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣର ସାହାଯ୍ୟ ନେଇ ଜାମାଇକାର ସ୍ଥାନୀୟ ଅଧିବାସୀମାନଙ୍କୁ ଚମତ୍କୃତ କରି ଦେଇଥିଲେ। ଖ୍ରୀଷ୍ଟାବ୍ଦ ୧୫୦୪ରେ କଲମ୍ବସଙ୍କ ଅଭିଯାତ୍ରୀ ଦଳଟି ପହଞ୍ଚିଥିଲେ ଜାମାଇକା ଦ୍ୱୀପପୁଞ୍ଜରେ। ସ୍ଥାନୀୟ ଅଧିବାସୀମନେ କିନ୍ତୁ ଏହି ଶ୍ୱେତାଙ୍ଗ ଅଭିଯାତ୍ରୀ ଦଳକୁ କୌଣସି ସାହାଯ୍ୟ ସହଯୋଗ କଲେ ନାହିଁ। ଏଥିରେ କଲମ୍ବସ ରାଗିଯାଇ ଘୋଷଣା କଲେ ଯେ ସେ ସେହି ଦିନ ରାତିରେ ସେମାନଙ୍କ ପ୍ରିୟ ଦେବତା ଚନ୍ଦ୍ରକୁ ସମ୍ପୂର୍ଣ୍ଣ ଲୁଚାଇ ଦେବେ। ଶେଷରେ ସେହି ବହୁ ପ୍ରତୀକ୍ଷିତ ସମୟ ଆଗତ ହେଲା। ଅକସ୍ମାତ ଆକାଶରେ କାହୁଁ କଳାହାଣ୍ଡିଆ ବାଦଲଖଣ୍ଡଟିଏ ମାଡି ଆସିଲା ଏବଂ ଚନ୍ଦ୍ରକୁ ସଙ୍ଗେ ସଙ୍ଗେ କବଳିତ କରି ଢାଙ୍କି ଦେଲା। ନିଜ ପ୍ରିୟ ଦେବତା ଚନ୍ଦ୍ରର ଏ ଦଶା ଦେଖି ସ୍ଥାନୀୟ ଅଧିବାସୀମାନେ କଲମ୍ବସଙ୍କୁ ଦେବତା ତୁଲ୍ୟ ମଣି ପ୍ରାର୍ଥନା କଲେ ଚନ୍ଦ୍ର ପୂର୍ବ ତେଜ ପୁଣି ଫେରାଇ ଦେବା ନିମନ୍ତେ। କଲମ୍ବସଙ୍କ ନିର୍ଦ୍ଦେଶରେ କିଛି ସମୟ ପରେ ଚନ୍ଦ୍ରର ପୂର୍ବ ତେଜ ପୁଣି ଫେରି ଆସିଲା। ମାତ୍ର କଲମ୍ବସ ଯେ ଏହି ଚମତ୍କାରିତା ଦେଖାଇବା ପାଇଁ ଏକ ପୂର୍ଣ୍ଣ ଚନ୍ଦ୍ରଗ୍ରହଣର ସାହାଯ୍ୟ ନେଇଥିଲେ ତାହା ମୂର୍ଖ ଜାମାଇକାବାସୀମାନେ ଜାଣିପାରିଲେ ନାହିଁ ! (କ୍ରମଶଃ..)

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର-୧୩
ମୋ : ୮୯୧୭୬୩୭୯୭୪

## ହୃତ୍‌ପିଣ୍ଡ : କିଛି କଥା



ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହାର ଓଜନ ହେଉଛି ମାତ୍ର ୩୦୦-୪୦୦ ଗ୍ରାମ୍। ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃତ୍‌ପିଣ୍ଡଟି ଗର୍ଭ ସଞ୍ଚାରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ ଭାବେ ମଣିଷ ବଞ୍ଚିଥିବା ଯାଏ କାର୍ଯ୍ୟ କରୁଥାଏ। ହୃତ୍‌ପିଣ୍ଡ ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ଏବଂ ମୃତ୍ୟୁ ହେଲେ ହୃତ୍‌ପିଣ୍ଡଟି ବନ୍ଦ ହୋଇଯାଏ। ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ହାରାହାରି ୭୨ ଥର (୬୦-୮୦), ପ୍ରତି ଘଣ୍ଟାରେ ୪୩୨୦ ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଗୋଟିଏ ହୃତ୍‌ପିଣ୍ଡ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ। ଅର୍ଥାତ୍, ହୃତ୍‌ପିଣ୍ଡ ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ। ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ। ହୃତ୍‌ପିଣ୍ଡର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲ୍‌ସ ପ୍ରେସର (ନାଡ଼ି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୃଦ୍‌ରୋଗର ଆଶଙ୍କା ଅଧିକ ଥାଏ। ହୃଦ୍‌ଜନିତ ସମସ୍ୟା ଥରେ ଜଣାପଡ଼ିଲେ ଏଥିପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ।

## ଧୂମପାନ ତ୍ୟାଗ କରିବାର ସହଜ ଉପାୟ



ପରିବାର, ବନ୍ଧୁମାନଙ୍କର ଦିଗ୍‌ଦର୍ଶନ, ଅନୁରୋଧ, ସହଯୋଗ ଏବଂ ବାରମ୍ବାର ନିରୀକ୍ଷଣ ଧୂମପାନ ତ୍ୟାଗ କରିବା ଲାଗି ଉତ୍ସାହ ବଢ଼ାଇଥାଏ। ଗୋଟିଏ ଥରରେ ଧୂମପାନକୁ 'ନା' କରିବା ଉଚିତ। ସୁଗାର ନ ଥିବା ଚୁଇଙ୍ଗମ ବ୍ୟବହାର କରିପାରନ୍ତି। ସ୍ଥଳବିଶେଷରେ ଚୁଇଙ୍ଗମ ସ୍ଥାନରେ ଲବଙ୍ଗ ଓ ଗୁଜୁରାତି ମଧ୍ୟ ବ୍ୟବହାର କରାଯାଇପାରେ। ଯେଉଁମାନେ ଚେନ୍ ସ୍ମୋକର ଏବଂ ଦୀର୍ଘଦିନ ଧରି ଧୂମପାୟୀ ସେମାନେ ଏଥିରେ ବୈଷୟିକ ଜ୍ଞାନ ଥିବା ବ୍ୟକ୍ତିମାନଙ୍କଠାରୁ ପରାମର୍ଶ ନେବା ଉଚିତ। ଏଥିପାଇଁ ମଧ୍ୟ 'କୁଇଟ୍ ସ୍ମୋକ୍ ଥେରାପି' (ଧୂମପାନ ତ୍ୟାଗ ଚିକିତ୍ସା) ଉପଲବ୍ଧ। ଧୂମପାନ ତ୍ୟାଗର ମାତ୍ର କେଇଦିନ ମଧ୍ୟରେ ଶୁଙ୍ଘିବା ଶକ୍ତି ଏବଂ ଜିଭର ସ୍ୱାଦ ଅନୁଭବ କରିବା ଶକ୍ତିରେ ଉନ୍ନତି ପରିଲକ୍ଷିତ ହୋଇଥାଏ। ସେହିପରି ମାତ୍ର କେଇ ସପ୍ତାହରେ କଫର ପରିମାଣ କମି ଯାଇଥାଏ ଏବଂ ଫୁସ୍‌ଫୁସ୍‌ର କାର୍ଯ୍ୟରେ ଉନ୍ନତି ଘଟିଥାଏ। ଧୂମପାନ ତ୍ୟାଗର ବର୍ଷେ ଭିତରେ ହୃଦ୍‌ଜନିତ ରୋଗ ହେବାର ଆଶଙ୍କା ପ୍ରାୟ ୫୦ ପ୍ରତିଶତ କମିଯାଏ। ଧୂମପାନ ତ୍ୟାଗ କରିବା ଦ୍ୱାରା ଜୀବନକାଳ ବଢ଼ିଥାଏ। ଏହାଦ୍ୱାରା ନିଜର ଉପକାର ହେବା ସହ ଅନ୍ୟମାନେ ମଧ୍ୟ ଲାଭବାନ ହୋଇଥାଆନ୍ତି। ନିଜକୁ ଅତ୍ୟଧିକ ପଜିଟିଭ ଏବଂ ସ୍ମାର୍ଟ ଲାଗେ।

## ଦନ୍ତ କ୍ଷୟରୁ ରକ୍ଷା କରେ କ୍ଷୀର



କ୍ଷୀର ଆମ ଶରୀର ପାଇଁ କେତେ ଉପକାରୀ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। କାରଣ ଆମେ ସମସ୍ତେ ପ୍ରାୟ ଜାଣିଛେ ଯେ ଏଥିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ରହିଛି। ତେବେ ଏହି ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି। ନିୟମିତ କ୍ଷୀର ପିଇଲେ ତାହା ଦନ୍ତକ୍ଷୟଜନିତ ସମସ୍ୟା ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ଦାନ୍ତଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କର ଚିକିତ୍ସା କରିବା ସମୟରେ ସେମାନେ ଏହି ଉପାୟକୁ ଅନୁସରଣ କରିଥିଲେ। ସେମାନଙ୍କୁ ନିୟମିତ କ୍ଷୀର ପିଇବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କର ଦାନ୍ତ ପରୀକ୍ଷା କରି ସେମାନେ ଏକଥା ଜାଣିପାରିଥିଲେ। ନିୟମିତ କ୍ଷୀର ପିଇବା ଫଳରେ ଦାନ୍ତ ସନ୍ଧିରେ ଲୁଚି ରହିଥିବା ଜୀବାଣୁମାନଙ୍କୁ ଏହା ମାରିଦେଇଥାଏ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଜାଣି ରଖନ୍ତୁ



➔ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାହା ସମସ୍ତେ ଜାଣିବା ଦରକାର। ଏହାର ବଶବର୍ତ୍ତୀ ହେଲେ ଏବଂ ଏହା ଏକ ନିଶାରେ ପରିଣତ ହୋଇଗଲେ ତାହା ପରବର୍ତ୍ତୀ ସମୟରେ ହୃଦ୍‌ଜନିତ ସମସ୍ୟାର କାରଣ ସାଜିଥାଏ।

➔ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲିବା ସହ କିଛି ହାଲୁକା ଫୁଲକା ବ୍ୟାୟାମ କରନ୍ତୁ।

➔ସବୁବେଳେ ରାତିରେ ଏକ ନିର୍ଦ୍ଦିଷ୍ଟ ସମୟରେ ଶୁଅନ୍ତୁ। କାରଣ ନିଦ୍ରାରେ ଅନିୟମିତତା ହେଲେ ତାହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।

➔ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଭଳି ଖାଦ୍ୟ ଧୀରେ ଧୀରେ ଶରୀରରେ କୋଲେଷ୍ଟରଲ୍ ସ୍ତର ବଢ଼ାଇ ଦେଇଥାଏ।

➔କେତେକ ରୋଗକୁ ଚିହ୍ନଟ କରିବା ପାଇଁ ଡାକ୍ତର ପାଥୋଲୋଜିକାଲ ଟେଷ୍ଟ ପାଇଁ ଲେଖିଥାଆନ୍ତି। ସବୁବେଳେ ଏଭଳି ପରୀକ୍ଷା ଭଲ ପାଥୋଲୋଜିରେ କରାଇ ନିଅନ୍ତୁ।

➔ଫଳରସ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏହାର ସୁପ୍ରଭାବ ମଧ୍ୟ ହୃତ୍‌ପିଣ୍ଡର କାର୍ଯ୍ୟଧାରା ଉପରେ ପଡିଥାଏ।

## ସ୍ୱାସ୍ଥ୍ୟ ସୂଚନା

➢ବୟସ ୫୦ ଟପିଥିଲେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ ଏହି ସମୟରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➢ନିଜକୁ ସୁସ୍ଥ ରଖିବା ଏକ ଖାଦ୍ୟପେୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ତେଣୁ ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ତେଲଜାତୀୟ, ଅଧିକ ରାଗ-ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।



➢ଫଳମୂଳ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଅନ୍ତୁ ନାହିଁ। କାରଣ ଫଳମୂଳରେ ଜଳୀୟ ଅଂଶ ଭରି ରହିଛି।

➢ପ୍ରତିଦିନ କିଛି ସମୟ ନିଜକୁ ଶାନ୍ତ ପରିବେଶରେ ରଖନ୍ତୁ। ଏହାଦ୍ୱାରା ମାନସିକତା କେତେକାଂଶରେ ସକାରାତ୍ମକ ରହିଥାଏ।

➢ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ କଥା ହେବା ବେଳେ ସେ କେତେକ ବିଷୟ ଉପରେ ଜାଣିବାକୁ ଚାହିଁଥାଆନ୍ତି। ତେଣୁ ସେହି ସମୟରେ ତାଙ୍କୁ ସେସବୁ ନ ଲୁଚାଇ ସମ୍ପୂର୍ଣ୍ଣ ତଥ୍ୟ ଦିଅନ୍ତୁ। କାରଣ ତାହାକୁ ଅନୁଧ୍ୟାନ କରି ଡାକ୍ତର ରୋଗ ବିଷୟରେ କେତେକ ସୂଚନା ପାଇଥାଆନ୍ତି।

➢ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଉଷୁମ ପାଣି ସହ ମହୁକୁ ମିଶାଇ ପିଇଲେ ତାହା ଅଣ୍ଡାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ।

## ମାନସିକ ସ୍ୱାସ୍ଥ୍ୟର ଯତ୍ନ: ବର୍ତ୍ତମାନ ସମୟର ଆହ୍ୱାନ

(ଶେଷ ଭାଗ)

ଲୋକମାନେ ମଧ୍ୟ ଭାବି ଥାଆନ୍ତି ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ଖାଇଲେ ଦେହର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଉପରେ ଖରାପ ପ୍ରଭାବ ପକାଇଥାଏ। ମାତ୍ର ଏସବୁ ଭୁଲ ଧାରଣା। ସମସ୍ତେ ଜାଣିରଖିବା ଉଚିତ ଯେ ମାନସିକ ରୋଗର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧଗୁଡ଼ିକୁ ଖାଇଲେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଉପରେ କୌଣସି ଖରାପ ପ୍ରଭାବ ପଡ଼ି ନ ଥାଏ।

ଆମ ସମାଜରେ ଲୋକଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ। ବରଂ ବିବାହ ଏହି ରୋଗୀଙ୍କୁ ଅଯଥାରେ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ପରିସ୍ଥିତିକୁ ଠେଲିଦିଏ। ମାନସିକ ଅବସ୍ଥା ଠିକ ନ ଥିଲା ବେଳେ ସଂସାର ଆରମ୍ଭ କରିବା, ପରସ୍ପରର ଦାୟିତ୍ୱ ନେବା ବରଂ ଚିନ୍ତାଜନକ ହୋଇପାରେ ଓ ରୋଗର ପରିଣତି ଉପରେ କୁପ୍ରଭାବ ପକାଇପାରେ। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ। ଲୋକମାନେ ଭାବିଥାନ୍ତି ଯେ ମାନସିକ ରୋଗଗୁଡ଼ିକର ଚିକିତ୍ସା କେବଳ ଔଷଧ ଦ୍ୱାରା ହିଁ ହୋଇପାରିବ। ମାତ୍ର ସମସ୍ତେ ଜାଣିରଖିବା ଉଚିତ କେତେକ ମାନସିକ ସମସ୍ୟା (ଯେମିତିକି ଡିପ୍ରେସନ, ଆଙ୍ଗଜାଇଟି) ଅଛି ଯେଉଁଥିରେ ଯଦି ଆପଣ ପ୍ରାରମ୍ଭିକ ଅବସ୍ଥାରେ ଚିକିତ୍ସା ପାଇଁ ଆସୁଛନ୍ତି ତେବେ ଆପଣ କେବଳ ନିୟମିତ କାଉନସେଲିଙ୍ଗ ଦ୍ୱାରା ମଧ୍ୟ ଭଲ ହୋଇପାରିବେ।



ବେଳେବେଳେ ଦରକାର ପଡ଼ିଲେ କେତେକ ମାନସିକ ସମସ୍ୟାରେ (ସ୍କିଜୋଫ୍ରେନିଆ, କାଟାଟୋନିଆ, ବାଇପୋଲାର) ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ଦରକାର ପଡ଼ିଥାଏ। ଯେତେବେଳେ ରୋଗୀ ଔଷଧରେ ଆରୋଗ୍ୟ ଲାଭ କରେ ନାହିଁ, ରୋଗୀ ଔଷଧ ଖାଇବାକୁ ଆଦୌ ରାଜି ହୁଏ ନାହିଁ, ରୋଗୀଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଏ, ରୋଗୀ ଖାଦ୍ୟ ଖାଇବା ବନ୍ଦ କରିଦିଏ କିମ୍ବା ରୋଗୀ ଅଧିକାଂଶ ସମୟ ଉତ୍ତେଜିତ ହୋଇ ରହେ ସେତେବେଳେ ବୈଦ୍ୟୁତିକ ଚିକିତ୍ସା ପଦ୍ଧତି ଦରକାର ପଡ଼ିଥାଏ। ଲୋକମାନଙ୍କ ମଧ୍ୟରେ ଏକ ଧାରଣା ଅଛି ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ବହୁତ କଷ୍ଟଦାୟକ, ଯେମିତି ଫିଲ୍ମରେ ସକ୍ ଦିଆଯିବାର ଦେଖାଯାଏ, ସେହିପରି ହସ୍ପିଟାଲରେ ମଧ୍ୟ ସକ୍ ଥେରାପି ଦିଆଯାଏ। ମାତ୍ର ବର୍ତ୍ତମାନ ବ୍ୟବହାର କରାଯାଉଥିବା ବୈଦ୍ୟୁତିକ ଚିକିତ୍ସା ପଦ୍ଧତି ସମ୍ପୂର୍ଣ୍ଣ ସୁରକ୍ଷିତ। ଏବେ ନିଶ୍ଚେତକ ସାହାଯ୍ୟରେ ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ଦିଆଯାଉଛି। ଏହାର ବ୍ୟବହାର ଦ୍ୱାରା ରୋଗୀଠାରେ କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଉ ନାହିଁ କି ରୋଗୀକୁ କୌଣସି କଷ୍ଟ ହେଉନାହିଁ।

ତେଣୁ ମାନସିକ ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ଆମେ ସମସ୍ତେ ସଚେତନ ରହିବା ଉଚିତ। ମାନସିକ ରୋଗ ସହିତ ଜଡ଼ିତ ନିନ୍ଦା, ଅପବାଦ ଓ ଲାଜକୁ ଆମ ସମାଜରୁ ସମ୍ପୂର୍ଣ୍ଣ ଭାବେ ଦୂରେଇବାର ସମୟ ଆସିଯାଇଛି। ପ୍ରାରମ୍ଭିକ ଅବସ୍ଥାରେ ଉପଯୁକ୍ତ ଚିକିତ୍ସା କଲେ ସବୁ ମାନସିକ ରୋଗର ଚିକିତ୍ସା ସମ୍ପୂର୍ଣ୍ଣ ସମ୍ଭବ।

-ଡା. ସତ୍ୟକାମ ମହାପାତ୍ର
ମାନସିକ ରୋଗ ବିଶେଷଜ୍ଞ,
ମହାନଦୀ ବିହାର, କଟକ
ମୋ : ୮୮୯୫୨୯୩୯୯୭

ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୯/୨୦୨୫ Bhubaneswar, Monday, September 29/ 2025

# ଭାରତୀୟ ସ୍ପିନ୍ ଜାଲରେ ଫସିଲା ପାକିସ୍ତାନ

**ଦୁବାଇ, ୨୮।୯**

ଭାରତ ଓ ପାକିସ୍ତାନ ମଧ୍ୟରେ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ରବିବାର ଏଠାରେ ଅନୁଷ୍ଠିତ ହୋଇଛି। ଓପନିଂ ଯୋଡ଼ିରେ ୮୪ ରନ ସଂଗ୍ରହ ସତ୍ତ୍ୱେ ଭାରତୀୟ ସ୍ପିନରଙ୍କ ଜାଲରେ ଫସିଛନ୍ତି ପାକିସ୍ତାନ ବ୍ୟାଟର। ଫଳରେ ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ପାକିସ୍ତାନ ୧୯.୧ ଓଭରରେ ୧୪୬ ରନରେ ଅଲ୍‌ଆଉଟ୍ ହୋଇଯାଇଛି।

## ଏସିଆ କପ୍ ଫାଇନାଲ୍

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ଭାରତ ବିପକ୍ଷ ପୂର୍ବ ୨ ମ୍ୟାଚ ତୁଳନାରେ ପାକିସ୍ତାନ ଏଠାରେ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଶାହିବଜାଦା ଫରହାନ ଓ ଫଖର ଜମାନ ବିସ୍ଫୋରକ ବ୍ୟାଟିଂ କରି ପାୱାରପ୍ଲେ ୬ ଓଭରରୁ ୪୫ ରନ ସଂଗ୍ରହ କରି ନେଇଥିଲେ। ଫର୍ମରେ ଥିବା ଫରହାନ ଦ୍ରୁତ ହାରରେ ରନ ସଂଗ୍ରହ କରି ଅର୍ଦ୍ଧଶତକ ହାସଲ କରିଥିଲେ। ୧୦ମ ଓଭରର ୪ର୍ଥ ବଲ୍‌ରେ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ମିଷ୍ଟ୍ରି ସ୍ପିନର ବରୁଣ ଚକ୍ରବର୍ତ୍ତୀ। ୩୮ ବଲ୍‌ରୁ ୫୭ (୫ ଚୌକା, ୩ ଛକା) ରନ କରିଥିବା ଫରହାନଙ୍କୁ ସେ ଆଉଟ କରି ଭାରତୀୟ ଶିବିରରେ ଆନନ୍ଦ ଆଣିଥିଲେ। ସଇମ ଆୟୁବ ୧୪ ଓ ମହମ୍ମଦ ହାରିସ ଖାତା ଖୋଲିବା ପୂର୍ବରୁ ଆଉଟ ହେବାରୁ ପାକିସ୍ତାନ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫଖର ଜମନ(୪୬)ଙ୍କୁ ମଧ୍ୟ ପ୍ୟାଭିଲିୟନ ପଥ ଦେଖାଇଥିଲେ ବରୁଣ। ହୁସେନ ତଲତ ମାତ୍ର ୧ ରନ କରିଥିବାବେଳେ ଅକ୍ଷର ପଟେଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଧିନାୟକ ସଲମାନ ଆଘା (୮)ଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ କୁଲଦୀପ। ସମ୍ମାନଜନକ ସ୍କୋର ପାଇଁ ଶାହିନ ଶାହା ଆଫ୍ରିଦୀଙ୍କ ବ୍ୟାଟ୍‌ରୁ ବଡ଼ ଶଟ୍ ଆଶା କରାଯାଉଥିଲା। ମାତ୍ର ତାଙ୍କ ସହ ଫହିମ ଅଶ୍ରଫ୍‌ଙ୍କୁ ଡକ୍(୦)ରେ ଆଉଟ କରି ପାକିସ୍ତାନ ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲେ କୁଲଦୀପ।


ଉଇକେଟ ନେବା ପରେ କୁଲଦୀପ ଯାଦବ।

ଶେଷରେ କମାଲ ଦେଖାଇଥିଲେ ଯଶପ୍ରୀତ୍ ବୁମ୍‌ରା। ସେ ୨ଟି ଉଇକେଟ ନେଇ ପାକିସ୍ତାନ ଇନିଂସର ପରିସମାପ୍ତି ଘଟାଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ କୁଲଦୀପ ଯାଦବ ୪ଟି, ବରୁଣ ଚକ୍ରବର୍ତ୍ତୀ ଓ ଅକ୍ଷର ପଟେଲ ଏବଂ ଯଶପ୍ରୀତ୍ ବୁମ୍‌ରା ୨ଟି ଲେଖାଏ ଉଇକେଟ ନେଇଥିଲେ।

ଶ୍ରୀଲଙ୍କା ବିପକ୍ଷରେ ଖେଳିଥିବା ଚୂଡ଼ାନ୍ତ ଏକାଦଶରେ ୩ ପରିବର୍ତ୍ତନ ସହ ଭାରତ ପଡ଼ିଆକୁ ଓହ୍ଲାଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ଆହତ ଥିବାରୁ ତାଙ୍କ ସ୍ଥାନରେ ପ୍ରଥମଥରପାଇଁ ରିଙ୍କୁ ସିଂଙ୍କୁ ସୁଯୋଗ ଦିଆ ଯାଇଥିଲା। ସେହିପରି ହର୍ଷିତ ରାଣା ଓ ଅର୍ଶଦୀପ ସିଂଙ୍କ ସ୍ଥାନରେ ଯଶପ୍ରୀତ୍ ବୁମ୍‌ରା ଓ ଶିବମ୍ ଦୁବେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୧୯.୧ ଓଭରରେ ୧୪୬/ଅଲ୍‌ଆଉଟ (ଶାହିବଜାଦା ଫରହାନ-୫୭, ଫଖର ଜମନ-୪୬, କୁଲଦୀପ ଯାଦବ-୪/୩୦, ଅକ୍ଷର ପଟେଲ-୨/୨୬, ବରୁଣ ଚକ୍ରବର୍ତ୍ତୀ-୨/୩୦, ଯଶପ୍ରୀତ୍ ବୁମ୍‌ରା-୨/୨୫)।

# ଭିନ୍ନ ଉପସ୍ଥାପକଙ୍କ ସହ କଥା ହେଲେ ଦୁଇ ଅଧିନାୟକ

**ଦୁବାଇ,୨୮।୯(ପି.ଟି.)**

ଭାରତ ଓ ପାକିସ୍ତାନ ମଧ୍ୟରେ ଜାରି ରହିଥିବା ଶତ୍ରୁତାର କିଛି ଦୃଶ୍ୟ ଫାଇନାଲ ମ୍ୟାଚ୍ ପୂର୍ବରୁ ମଧ୍ୟ ଦେଖିବାକୁ ମିଳିଥିଲା। ଭାରତର ରବି ଶାସ୍ତ୍ରୀ ଓ ପାକିସ୍ତାନର ୱାକର ୟୁନିସ ଟସ୍ ବେଳେ ନିଜ ନିଜ ଦେଶର ଅଧିନାୟକଙ୍କ ସାକ୍ଷାତ୍‌କାର ନେଇଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଥମ ଥର ପାଇଁ ଏଭଳି ଘଟଣା ଘଟିଛି। ଫାଇନାଲ ପୂର୍ବରୁ ଘଟିଥିବା ଘଟଣା କାରଣରୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ନ୍ୟୁଟ୍ରାଲ ଉପସ୍ଥାପକଙ୍କ ଲାଗି ଏସିଆନ କ୍ରିକେଟ କାଉନସିଲ (ଏସିସି) ନିକଟରେ ଅନୁରୋଧ କରାଯାଇଥିଲା। ପରେ ଏସିସି ପକ୍ଷରୁ ବିସିସିଆଇ ନିକଟରେ ଏହି ପ୍ରସଙ୍ଗ ଉଠାଯାଇଥିଲା। ହେଲେ ଶାସ୍ତ୍ରୀଙ୍କୁ ହଟାଯାଇପାରିବ ନାହିଁ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଥିଲା। ଶେଷରେ ପାକିସ୍ତାନ ଅଧିନାୟକ ସଲମାନ ଅଲୀ ଆଘାଙ୍କ ସହ କଥା ହେବା ପାଇଁ ପାକିସ୍ତାନର ପୂର୍ବତନ ପେସର ୟୁନିସଙ୍କୁ ଦ୍ୱିତୀୟ ଉପସ୍ଥାପକ ଭାବେ ନିଯୁକ୍ତ କରାଯାଇଥିଲା।

# ଶଟ୍‌ପୁଟ୍‌ରେ ରୁଜ୍‌ଧିଙ୍କୁ କ୍ରମାଗତ ୬ଷ୍ଠ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୨୮।୯ (ପି.ଟି.)**

ବୁଲଗେରିଆର ରୁଝ୍‌ଦି ଏଠାରେ ଚାଲିଥିବା ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ବିଶ୍ୱ ରେକର୍ଡ ଥ୍ରୋ ସହ କ୍ରମାଗତ ୬ଷ୍ଠ ଥର ପୁରୁଷ ଶଟ୍‌ପୁଟ୍ ଏଫ୍୫୫ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏହି ୩୪ ବର୍ଷୀୟ ଆଥ୍‌ଲେଟ ଆଇରନ ବଲ୍‌କୁ ତାଙ୍କ ୬ଷ୍ଠ ତଥା ଫାଇନାଲ ପ୍ରୟାସରେ ୧୨.୯୪ ମିଟର ଦୂର ପର୍ଯ୍ୟନ୍ତ ଥ୍ରୋ କରିଥିଲେ। ଏହାଦ୍ୱାରା ପ୍ୟାରିସରେ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କ ୧୨.୬୮ ମିଟର ବିଶ୍ୱ ରେକର୍ଡକୁ ସେ ଭଙ୍ଗ କରିଦେଇଥିଲେ। ଏହି ଇଭେଣ୍ଟରେ ନିମ୍ନଭାଗ ଅଙ୍ଗ କାମ କରୁ ନ ଥିବା ଆଥ୍‌ଲେଟଙ୍କୁ ବସିଥିବା ଅବସ୍ଥାରେ ଥ୍ରୋ କରିବାକୁ ହୋଇଥାଏ। ସର୍ବିଆର ନେବୋଜସା ଡ୍ୟୁରିକ୍ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ୧୨.୫୨ ମିଟର ସହ ରୌପ୍ୟ ଜିତିଥିବା ବେଳେ ପୋଲାଣ୍ଡର ଲେଚ୍ ଷ୍ଟୋଲ୍‌ଟମାନ (୧୨.୦୨ ମିଟର) ବ୍ରୋଞ୍ଜ ପାଇଥିଲେ। ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସ ସକାଳ ବେଳା ତିନୋଟି ବିଶ୍ୱରେକର୍ଡ ଭଙ୍ଗ ହୋଇଛି। ମାଲେସିଆର ଅବ୍‌ଦୁଲ ଲତିଫ ପୁରୁଷ ଟି୨୦ ଲଙ୍ଗ ଜମ୍ପରେ ବିଶ୍ୱ ରେକର୍ଡ ପ୍ରୟାସ ୭.୬୭ ମିଟର ସହ ହ୍ୟାଟ୍ରିକ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ୟୁକ୍ରେନ୍‌ର ଭୋଲୋଦିମିର ପୋନୋମାର୍କେନୋ ଟି୧୨ ପୁରୁଷ ଶଟ୍‌ପୁଟ୍‌ରେ ତାଙ୍କ ଦ୍ୱିତୀୟ ପ୍ରୟାସ ବିଶ୍ୱ ରେକର୍ଡ ୧୭.୩୯ ମିଟର ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଟି୨୦ ଶ୍ରେଣୀରେ ବୌଦ୍ଧିକ ଭିନକ୍ଷମ ତଥା ଦୃଷ୍ଟିବାଧିତ ଆଥଲେଟମାନେ ଭାଗ ନେଇଥାନ୍ତି।

# ୧୨ରେ ଏଆଇଏଫ୍‌ଏଫ୍‌ର ଏସ୍‌ଜିଏମ୍

**ନୂଆଦିଲ୍ଲୀ,୨୮।୯(ପି.ଟି.):** ସୁପ୍ରିମକୋର୍ଟଙ୍କ ରାୟ ମୁତାବକ, ଡ୍ରାଫ୍ଟ ସମ୍ବିଧାନ ଓ ଅନ୍ୟାନ୍ୟ ସଂଶୋଧନକୁ ଅନୁମୋଦନ ପ୍ରଦାନ କରିବା ପାଇଁ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ଆସନ୍ତା ୧୨ ତାରିଖରେ ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍) ଡାକରା ଦିଆଯାଇଛି। ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥା ଫିଫା ପକ୍ଷରୁ ନୂଆ ସମ୍ବିଧାନକୁ ଅନୁମୋଦନ ପ୍ରଦାନ କରିବା ଲାଗି ଏଆଇଏଫ୍‌ଏଫ୍ ପାଇଁ ଅକ୍ଟୋବର ୩୦ ତାରିଖ ଡେଡ୍‌ଲାଇନ୍ ରଖାଯାଇଛି। ସ୍ୱତନ୍ତ୍ର ଏଜେଣ୍ଡା ଲାଗି ଏସ୍‌ଜିଏମ୍ ଅନୁଷ୍ଠିତ ହେବ। ପ୍ରସ୍ତୁତ ସମ୍ବିଧାନକୁ ଅନୁମୋଦନ ପ୍ରଦାନ କରିବା ହିଁ ଏହାର ଏକମାତ୍ର ଏଜେଣ୍ଡା ଓ ଅନ୍ୟ କିଛି ଏଜେଣ୍ଡା ନାହିଁ।










Authorized Dealers: Jeypore: Supreme Hero, Ph: 9289922183,, Raygada: Ajit Hero, Ph: 9289922819 Associate Dealers: Laxmipur: Tarini Motors-7205862853, Semiliguda: K P Enterprises-9437233464, Nabarangpur: Arun Sales & Service-9437174795, Gunpur: M/s Sai Sharan Automobiles-9437234012 Malkangiri: Kanishka Automobiles-9437181980, Kotpad: Shai Automobiles-7205593156, Umerkote: Bharat Sales-9937455659/9777765563, Kalimela: Laxminiyati Motors-9861002055, Bissam cuttack: Patnaik Motors-7008615208, Muniguda: Sandeep Automobiles, Ph-9668388730, Raighar: Raj Laxmi Auto- 9777563641, Koraput: Santosh Tyres- 9438021999

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ